79th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ସାପ୍ତାହିକ ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୯ବର୍ଷ ❑ ସଂଖ୍ୟା-୨୨୪ ● କଟକ ● ଶନିବାର ● ୨୧ମାର୍ଚ୍ଚ-୨୦୨୬ ● ମୀନ-୨୦ ● ସାଲ୍-୧୪୩୧
CUTTACK ● SATURDAY ● 21 MARCH-2026 ● RNI Regd. No. 4001/57

ମୂଲ୍ୟ : ₹ ୫ ଟଙ୍କା

## ରୋଚକ ମୋଡ଼ରେ ବିଜେଡି କଳି: ସୋ କଜ୍ ନାଲିଆଖିକୁ ଫୁ’, ପ୍ରମିଳାଙ୍କୁ ୬ବିଧାୟକଙ୍କ ଚେତାବନୀ

# ନୋଟିସ୍ ଫେରାଇ ନିଅ, ନହେଲେ ଜେଲ୍ ଯିବାକୁ ପ୍ରସ୍ତୁତ ରୁହ

❑ହ୍ୱିପ୍ ମାନିବାକୁ ବାଧ ନୁହେଁ କହିଲେ ଦେବୀରଞ୍ଜନ
❑ଦଳ ଛାଡ଼ିନି କିମ୍ବା ଦଳୀୟ ଶୃଙ୍ଖଳା ଭାଙ୍ଗିନି
❑ପ୍ରମିଳାଙ୍କୁ ଆଇନର ପାଠପଢ଼ାଇଲେ ବିଧାୟକ

**ଭୁବନେଶ୍ୱର,(ପିପିଏସ୍):** ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ କରିଥିବା ଦଳୀୟ ବିଧାୟକମାନେ ଏବେ ସାଲିସ୍ ନୁହେଁ ବରଂ ଦଳରେ ନିଜର ଦବଦବା ଜାହିର କରିବା ପାଇଁ ଓଲଟା ଗୋଟିଚାଳନା କରିଛନ୍ତି। କ୍ରସ୍‌ଭୋଟିଂ କରିଥିବା ଯୋଗୁ ଦଳ ପକ୍ଷରୁ ଜାରି କାରଣଦର୍ଶାଅ ନୋଟିସ୍‌କୁ ବାଏଁବାଏଁ ଉଡ଼ାଇ ଦେଇ ଯେଉଁ ଢଙ୍ଗରେ ସେମାନେ କଡ଼ା ଜବାବ ରଖିଛନ୍ତି, ତାହା ବିଜେଡି ନେତୃତ୍ୱଙ୍କ ନିଦ ହଜାଇ ଦେଇଛି। ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ୍ ୧୭ତାରିଖରେ ଜାରି କରିଥିବା କାରଣଦର୍ଶାଅ ନୋଟିସ୍‌କୁ ବେଆଇନ କହିବା ସହ ଏହାକୁ ଫେରାଇ ନ ନେଲେ ବିଏନଏନସର ଧାରା ୧୭୧ ଓ ୧୭୪ର ପ୍ରାବଧାନ ଆଧାରରେ ଫୌଜଦାରୀ ମାମଲା ରୁଜୁ କରାଯିବ ବୋଲି ଚେତାବନୀ ଦେଇଛନ୍ତି ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ସମେତ ୬ ବିଜେଡି ବିଧାୟକ। ଶୁକ୍ରବାର ଅପରାହ୍ନ ୫ଟାରେ କଷ୍ଟ ପୂରିବା ପୂର୍ବରୁ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଦଳ ପକ୍ଷରୁ ଜାରି କାରଣଦର୍ଶାଅ ନୋଟିସ୍‌ର ଜବାବ ଦେଇଛନ୍ତି। ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ୍ କ୍ରସ୍‌ଭୋଟିଂ କରିଥିବା ଦେବୀରଞ୍ଜନଙ୍କ ସମେତ ଅନ୍ୟ ୫ଜଣ ବିଧାୟକଙ୍କୁ ୧୭ତାରିଖରେ କାରଣଦର୍ଶାଅ ନୋଟିସ୍ ଜାରିକରି ୨୦ତାରିଖ ଅପରାହ୍ନ ୫ଟା ସୁଦ୍ଧା ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି କଷ୍ଟ ପୂରିବାର କିଛି ଘଣ୍ଟା ପୂର୍ବରୁ ଦେବୀରଞ୍ଜନ ଓ ଅନ୍ୟ ୫ଜଣ ବିଧାୟକ ଅତ୍ୟନ୍ତ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରି ନୋଟିସ୍‌ର ଜବାବ ଦେଇଛନ୍ତି। ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ୍ ଦେଇଥିବା କାରଣଦର୍ଶାଅ ନୋଟିସ୍ ସମ୍ପୂର୍ଣ୍ଣ ଭାବେ ଭିତ୍ତିହୀନ, ମନମୁଖୀ ଓ ଅସମ୍ବିଧାନିକ ବୋଲି କହିବା ସହ ଏହି ନୋଟିସ୍ ତାଙ୍କୁ ଭୟଭୀତ କରିବା ଓ ନିର୍ବାଚନକୁ ଅଯଥା ପ୍ରଭାବିତ କରିବା ଉଦ୍ଦିଷ୍ଟ। ଯାହାକି ଭାରତୀୟ ନ୍ୟାୟ ସଂହିତା(ବିଏନଏସ)-୨୦୦୩ର ଧାରା ୧୭୧ ଓ ୧୭୪ ଅନ୍ତର୍ଗତ ଗମ୍ଭୀର ଦଣ୍ଡନୀୟ ଅପରାଧ। ଯଦି ଏହି ଅବୈଧ ନୋଟିସ୍‌କୁ ତୁରନ୍ତ ପ୍ରତ୍ୟାହାର କରାନଯାଏ, ତା’ହେଲେ ଆଇନ ଅନୁଯାୟୀ ପ୍ରମିଳାଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ରୁଜୁ କରିବାକୁ ବାଧ ହେବେ ଓ ଏହି ଆଇନଗତ ଲଢ଼େଇ ପାଇଁ ସେମାନେ ପ୍ରସ୍ତୁତ ବୋଲି ଖୋଲାଖୋଲି ଚେତାବନୀ ଦେଇଛନ୍ତି। ରାଜ୍ୟସଭା ନିର୍ବାଚନ ପ୍ରସଙ୍ଗରେ ଦେବୀରଞ୍ଜନ ଓ ଅନ୍ୟ ୫ ବିଧାୟକ ଦଳକୁ ଆଇନର ପାଠ ପଢ଼ାଇଛନ୍ତି। ସେ କହିଛନ୍ତି ଯେ ରାଜ୍ୟସଭା ନିର୍ବାଚନରେ କୌଣସି ରାଜନୀତିକ ଦଳ ନିଜ ସଭ୍ୟମାନଙ୍କୁ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଭୋଟ୍ ଦେବା



ପାଇଁ ହ୍ୱିପ୍ ଜାରି କରିପାରିବେ ନାହିଁ। ଏହା ସୁପ୍ରିମ୍‌କୋର୍ଟଙ୍କ ଐତିହାସିକ କୁଲଦୀପ ନାୟାର ବନାମ ଭାରତ ସରକାର ଓ ପଶୁପତିନାଥ ସୁକୁଲ ଓ କିହୋଟୋ ହୋଲୋହାନ ମାମଲାର ରାୟର ସିଧାସଳଖ ଉଲ୍ଲଙ୍ଘନ କରୁଛି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ, ରାଜ୍ୟସଭା ନିର୍ବାଚନରେ ନିଜ ବିବେକାନୁମୋଦିତ ଭୋଟ୍ ଦେଲେ ସମ୍ବିଧାନର ଦଶମ ଅନୁସୂଚୀ ବା ଦଳବଦଳ ବିରୋଧୀ ଆଇନ ଲାଗୁ ହୁଏ ନାହିଁ। ନିର୍ବାଚନ ଆୟୋଗଙ୍କ ୨୦୧୭ ମସିହାର ନିର୍ଦ୍ଦେଶକୁ ମଧ୍ୟ ଦଳ ଅଣଦେଖା କରୁଛି ବୋଲି ସେମାନେ ଦମ୍ଭୋକ୍ତି ବାଢ଼ିଛନ୍ତି। ମୁଖ୍ୟ ସଚେତକ ତାଙ୍କର କ୍ଷମତା ବାହାରକୁ ଯାଇ ଏଭଳି ଧମକ ଦେଇଥିବା ସେ ଅଭିଯୋଗ କରିବାକୁ ମଧ୍ୟ ପଛାଇ ନାହାନ୍ତି। ଦଳ ପକ୍ଷରୁ ଅଣାଯାଇଥିବା ‘ଦଳବିରୋଧୀ କାର୍ଯ୍ୟ’ ଓ ‘ସଦସ୍ୟତା ତ୍ୟାଗ’ ଭଳି ଅଭିଯୋଗକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରିଛନ୍ତି ଦେବୀରଞ୍ଜନ। ସେ ବିଜେଡିର ସଦସ୍ୟତା ତ୍ୟାଗ କରିନାହାନ୍ତି କିମ୍ବା ଦଳର ସମ୍ବିଧାନ ଓ ଭାରତୀୟ ସମ୍ବିଧାନ ବିରୋଧୀ କୌଣସି କାର୍ଯ୍ୟ ମଧ୍ୟ କରିନାହାନ୍ତି। ଜଣେ ସଚ୍ଚୋଟ ସଭ୍ୟ ଭାବେ ନିଜର ସ୍ୱାଧୀନ ମତ ବ୍ୟକ୍ତ କରିଛନ୍ତି। ଗତ ମାର୍ଚ୍ଚ ୧୫ତାରିଖରେ ହୋଇଥିବା ବିଧାୟକ ଦଳ ବୈଠକର ନିଷ୍ପତ୍ତିକୁ ସେ ଉଲ୍ଲଙ୍ଘନ କରିଥିବା ଅଭିଯୋଗକୁ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଦର୍ଶାଇଛନ୍ତି। କାରଣ ଏଭଳି କୌଣସି ନିର୍ଦ୍ଦେଶ ତାଙ୍କୁ ଦିଆଯାଇନଥିଲା। ନିଜକୁ ସମ୍ବିଧାନର ରକ୍ଷକ ଭାବେ ଦର୍ଶାଇ ସେ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କୁ କଡ଼ା ଚେତାବନୀ ଦେଇ ଦେବୀରଞ୍ଜନ କହିଛନ୍ତି ଯେ ସେ କୌଣସି ପ୍ରକାରର ଅସମ୍ବିଧାନିକ ଚାପ ଆଗରେ ମୁଣ୍ଡ ନୁଆଁଇବେ ନାହିଁ। ଦଳ ପକ୍ଷରୁ କାରଣଦର୍ଶାଅ ନୋଟିସ୍ ଜାରି କରାଯିବା କେବଳ ତାଙ୍କୁ ଅପମାନିତ କରିବା ଓ ତାଙ୍କ ଉପରେ ଚାପ ପକାଇବା ପାଇଁ ଉଦ୍ଦିଷ୍ଟ। ଦେବୀଙ୍କ ଭଳି ନୋଟିସ୍ ପାଇଥିବା ଅନ୍ୟ ବିଧାୟକମାନେ ମଧ୍ୟ ଅନୁରୂପ ଜବାବ ଦେଇଛନ୍ତି। କ୍ରସ୍‌ଭୋଟିଂ କରିଥିବା ଦଳର ୬ଜଣ ବିଧାୟକଙ୍କୁ ୧୭ତାରିଖରେ କାରଣଦର୍ଶାଅ ନୋଟିସ୍ ଜାରି କରି ବିଜେଡି ନେତୃତ୍ୱ ଯେଉଁ ଗୋଟିଚାଳନା କରିଥିଲେ ତାହା ଦେବୀରଞ୍ଜନଙ୍କ କଡ଼ା ଜବାବ ପରେ ବିଜେଡିକୁ ଅଡୁଆରେ ପକାଇ ଦେଇଛି। ଦେବୀରଞ୍ଜନଙ୍କ ଜବାବ ଭଳି ନୋଟିସ୍ ଜାରି ହୋଇଥିବା ଅନ୍ୟ ବିଧାୟକମାନଙ୍କ ଜବାବ ମଧ୍ୟ ଅନୁରୂପ ହୋଇଥିବ ବୋଲି ଆଶା କରାଯାଉଛି। ଗୋଟିଏପଟେ ବିଜୁ ଲିଗାସୀ ଅଧିକ ସକ୍ରିୟ ହୋଇଥିବାବେଳେ ଦେବୀରଞ୍ଜନ ଯେଉଁ ଢଙ୍ଗରେ ନୋଟିସ୍‌ର ଜବାବ ଦେଇଛନ୍ତି ସେଥିରୁ ବିଜେଡିରେ କଳି ଲମ୍ବା ଚାଲିବ ବୋଲି ସ୍ପଷ୍ଟ ସଙ୍କେତ ମିଳିଛି।

### ଆମକୁ ବି ଆଇନ ଜଣା ଅଛି: ପ୍ରମିଳା

କ୍ରସ ଭୋଟିଂ କରିଥିବା ବିଧାୟକମାନଙ୍କ ଉତ୍ତର ଉପରେ ଜବାବ ରଖିଛନ୍ତି ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ସେ କହିଛନ୍ତି ଯେ ଆଇନ କ’ଣ କେବଳ ସେମାନଙ୍କୁ ଜଣା ଅଛି ନା କ’ଣ। ଆମକୁ ବି ଜଣା ଅଛି। ସେମାନେ ଜାଣିଶୁଣି ଦଳ ବିରୋଧରେ ଭୋଟ୍ ଦେଲେ ଓ ଗୋଟିଏ ଏଜେଣ୍ଡା ନେଇ ଦଳ ବିରୋଧରେ ଭୋଟ୍ ଦେଇଛନ୍ତି। ଦଳ କାହାକୁ ଧମକ ଦେଇନାହିଁ, ଆମେ କେବଳ ନିୟମ ଅନୁଯାୟୀ ଚିଠି ଲେଖିଛୁ। ବିଧାୟକମାନଙ୍କ ଜବାବ ଉପରେ ଦଳର ସଭାପତି ଖୁବଶୀଘ୍ର ନିଷ୍ପତ୍ତି ନେବେ ବୋଲି ପ୍ରମିଳା କହିଛନ୍ତି। ବିବେକ ଅନୁଯାୟୀ ଭୋଟ୍ ଦେଲେ ବୋଲି ସେମାନେ ଯେଉଁ ସଫେଇ ଦେଉଛନ୍ତି, ତାକୁ କଡ଼ା ଭାଷାରେ ସମାଲୋଚନା କରି ପ୍ରମିଳା କହିଛନ୍ତି ଯେ, ସେମାନେ ନବୀନ ପଟ୍ଟନାୟକଙ୍କ ଠାରୁ ଶଙ୍ଖ ଚିହ୍ନରେ ଲଢିବା ପାଇଁ ଟିକେଟ ନେବାବେଳେ କ’ଣ ତାଙ୍କର ବିବେକ ନଥିଲା। ଦଳ ବିରୋଧରେ ଭୋଟ୍ ଦେଲା ବେଳେ କିପରି ତାଙ୍କର ଯେ ବିବେକ ଉଦୟ ହେଲା। ଆଇନ ସମସ୍ତଙ୍କ ପାଇଁ ସମାନ ଓ ସେମାନେ ଯଦି କହୁଛନ୍ତି ଆଇନ ଜାଣିଛନ୍ତି, ଆମେ ବି ଆଇନ ଅନୁଯାୟୀ ଲଢ଼େଇ କରିବୁ ବୋଲି ପ୍ରମିଳା କହିଛନ୍ତି। ଦଳ ଏବେ ଫିଲ୍ଟର ହେଉଛି। ଯେତେ ଅଳିଆ ଥିଲେ ସବୁ ବାହାରି ଯାଉଛନ୍ତି, ଯାହା ପରେ ଦଳରେ କେବଳ ସ୍ୱଚ୍ଛ, ନିର୍ମଳ ଓ ନେତାଙ୍କ ପ୍ରତି ଦରଦ ଥିବା ଲୋକମାନେ ହିଁ ରହିବେ ବୋଲି ସେ କହିଛନ୍ତି।

## ଜନସଂଖ୍ୟାଗତ ଜରୁରୀ ଆବଶ୍ୟକତା ସମ୍ପର୍କରେ ଜାତୀୟ ନୀତି ଆଣିବାକୁ ଭର୍ତ୍ତୃହରିଙ୍କ ଦାବି

**ନୂଆଦିଲ୍ଲୀ,(ପିପିଏସ୍):** ଜନସଂଖ୍ୟାଗତ ଜରୁରୀ ଆବଶ୍ୟକତା ସମ୍ପର୍କରେ ଜାତୀୟ ନୀତି ଆଣିବାକୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି କଟକ ସାଂସଦ ଡକ୍ଟର ଭର୍ତ୍ତୃହରି ମହତାବ। ଶ୍ରୀ ମହତାବ କହିଛନ୍ତି ଯେ ଭାରତ ଗୁରୁତ୍ୱପୂର୍ଣ୍ଣ ଜନସଂଖ୍ୟାଗତ ପରିବର୍ତ୍ତନ ଦେଇ ଗତି କରୁଛି। ମୋଟ୍ ପ୍ରଜନନ ହାର ୧.୯ କୁ ହ୍ରାସ ପାଇଛି, ଯାହା ୨.୧ର ବଦଳ ସ୍ତର ତଳେ, ଦ୍ରୁତ ବୟସ୍କ ଜନସଂଖ୍ୟାର ସୂଚକ। ୨୦୫୦ସୁଦ୍ଧା, ୨୦%ରୁ ଅଧିକ ଭାରତୀୟ ୬୦ବର୍ଷ ବୟସ ଏବଂ ବର୍ତ୍ତମାନଠାରୁ ଦୁଇଗୁଣରୁ ଅଧିକ ବୟସର ହେବେ। ଏହି ସମୟରେ କାର୍ଯ୍ୟକ୍ଷମ ବୟସର ଜନସଂଖ୍ୟା ସ୍ତର ହ୍ରାସ ପାଇବାର ଆଶଙ୍କା କରାଯାଉଛି, ଯାହା ଦୀର୍ଘକାଳୀନ ଅର୍ଥନୈତିକ ଏବଂ ସାମାଜିକ ପରିଣାମ ଆଣିବ। ଏହି ପରିବର୍ତ୍ତନ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା, ସାମାଜିକ ସୁରକ୍ଷା ଏବଂ ପରିବାର ସଂରଚନା ଉପରେ ଗୁରୁତର ଚାପ ପକାଇବ। ଏହି ସମୟରେ ଘରୋଇ ସ୍ୱାସ୍ଥ୍ୟସେବା, ସହାୟକ ଜୀବନଯାପନ ଏବଂ ବରିଷ୍ଠଙ୍କ ଯତ୍ନ ଭଳି ବୟସ-ସମ୍ବନ୍ଧୀୟ ସେବାର ଚାହିଦା ବୃଦ୍ଧି ପାଇବାର ଆକଳନ କରାଯାଇଛି, ଯେତେବେଳେ କି ଶିଶୁ-କେନ୍ଦ୍ରିତ ସେବା ହ୍ରାସପାଇବ। ଯେହେତୁ ଭାରତ ଏହାର ଜନସଂଖ୍ୟାଗତ ଲାଭାଂଶର ଅନ୍ତିମ ପର୍ଯ୍ୟାୟର ନିକଟତର, ତେଣୁ ସ୍ୱାସ୍ଥ୍ୟ, ଶିକ୍ଷା, ଦକ୍ଷତା ବିକାଶ ଏବଂ ଜୀବିକା ସୃଷ୍ଟିରେ ରଣନୈତିକ ନିବେଶ ଅତ୍ୟାବଶ୍ୟକ କରୁଛି। ବର୍ତ୍ତମାନର ଆକଳନ ଦର୍ଶାଉଛି ଯେ ୨୦୫୦ସୁଦ୍ଧା କାର୍ଯ୍ୟକ୍ଷମ ବୟସ ଜନସଂଖ୍ୟାରେ ଭାରତ ୬୫% ହ୍ରାସ ସହିତ ଚୀନକୁ ପଛରେ ପକାଇପାରେ। କିନ୍ତୁ ସମୟୋଚିତ ହସ୍ତକ୍ଷେପ ବିନା, ଏହି ସୁଯୋଗ ଏକ ବୋଝ ହୋଇଯାଇପାରେ। ତେଣୁ କେନ୍ଦ୍ର ସରକାରଙ୍କୁ ଏହି ଜନସଂଖ୍ୟାଗତ ଜରୁରୀ ଆବଶ୍ୟକତାକୁ ଚିହ୍ନି ଏକ ବ୍ୟାପକ ଜାତୀୟ ରଣନୀତି ବିକଶିତ କରିବାକୁ ଶ୍ରୀ ମହତାବ ଅନୁରୋଧ କରିଛନ୍ତି। ବାର୍ଦ୍ଧକ୍ୟଜନିତ ଚିକିତ୍ସାକୁ ପ୍ରାଥମିକତା ଦେବା, ସାମାଜିକ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ଆୟୁ-ସମାବେଶୀ ରୋଜଗାରକୁ ପ୍ରୋତ୍ସାହିତ କରିବା ମୁଖ୍ୟ ନୀତିଗତ କ୍ଷେତ୍ର ହେବା ଉଚିତ। ଏନେଇ ସକ୍ରିୟ ପଦକ୍ଷେପ ଆଗାମୀ ଦଶନ୍ଧିଗୁଡ଼ିକରେ ଆର୍ଥିକ ସ୍ଥିରତା ଏବଂ ସାମାଜିକ କଲ୍ୟାଣକୁ ସୁରକ୍ଷା ଦେବ ବୋଲି ସେ କହିଛନ୍ତି।



## ନିୟମିତ ହେଲେ ଚୁକ୍ତିଭିତ୍ତିକ ସ୍କିମାଟିକ୍ ଜୁନିୟର ଶିକ୍ଷକ

**ଭୁବନେଶ୍ୱର,(ପିପିଏସ୍):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଚୁକ୍ତିଭିତ୍ତିକ ଭାବେ କାମ କରୁଥିବା ସ୍କିମାଟିକ୍ କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିଛନ୍ତି। ୨୦୨୩-୨୪ ବର୍ଷରେ ନିଯୁକ୍ତି ପାଇଥିବା ଏହି ବର୍ଗର କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରାଯାଇଛି। ଏହା ଦ୍ୱାରା ରାଜ୍ୟର ୧୩ ହଜାରରୁ ଅଧିକ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକମାନେ ଉପକୃତ ହୋଇଛନ୍ତି। ଏହି ଶିକ୍ଷକମାନେ ସେମାନଙ୍କର ଚାକିରିରେ ଯୋଗଦାନ ସମୟ ଠାରୁ ନିୟମିତ ହୋଇଛନ୍ତି। ତେବେ, ସେମାନେ ଚାକିରିରେ ଯୋଗଦାନ ସମୟ ଠାରୁ ୨୦୨୫ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ନୋସନାଲ୍ ବେନିଫିଟ୍ ପାଇବେ। ୨୦୨୬ ଜାନୁୟାରୀ ପହିଲା ଠାରୁ ନିୟମିତ କର୍ମଚାରୀଙ୍କ ଦରମା ତଥା ଅନ୍ୟାନ୍ୟ ସମସ୍ତ ସୁବିଧା ପାଇପାରିବେ। ସୂଚନାଯୋଗ୍ୟ ଯେ ଏହି କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିଥିଲେ। ଏହି ନିଷ୍ପତ୍ତି ଗ୍ରହଣ ଦ୍ୱାରା ଶିକ୍ଷକ ମହଲରେ ଆନନ୍ଦର ଲହରୀ ଖେଳି ଯାଇଛି।

## ମଧ୍ୟପ୍ରାଚ୍ୟ ତୈଳ ଡିପୋରେ ହମ୍‌ଲାର ପ୍ରଭାବ

# ପ୍ରିମିୟମ୍ ପେଟ୍ରୋଲ୍ ୨ଟଙ୍କା ୩୫ ବଢ଼ିଲା

**ନୂଆଦିଲ୍ଲୀ,(ପିପିଏସ୍):** ଯୁଦ୍ଧରେ ଥରହର ମଧ୍ୟପ୍ରାଚ୍ୟ, ଭାରତରେ ବଢ଼ିଲା ତେଲ ଦର। ମିଡିଲ୍ ଇଷ୍ଟରେ ୨୧ଦିନ ପରେ ବି ଯୁଦ୍ଧ କମିବ କ’ଣ ଅଧିକ ତ୍ରୀବ ହେଉଛି। ଇରାନର ଘନ ଘନ ମିଶାଇଲ୍ ମାଡ଼ରେ କତାର ଓ କୁଏତର ସବୁଠୁ ବଡ଼ ଗ୍ୟାସ୍ ଓ ତେଲ ରିଫାଇନାରୀରେ ଉତ୍ପାଦନ ବନ୍ଦ। ଆଉ ଏହାର ବଦଳା ନେବାକୁ ଯାଇ ଇରାନ ସେନାର ଟପ୍ ପାୱାରଫୁଲ୍ ମୁଖପାତ୍ର ଅଲ୍ଲୀ ମହମ୍ମଦ ନାନୀଙ୍କୁ ନିହତ କରିଛି ଆମେରିକା। ଏସବୁ ଅସ୍ଥିରତା ଯୋଗୁଁ ଆଜିଠୁ ଭାରତରେ ପ୍ରିମିୟମ୍ ପେଟ୍ରୋଲ ବଢ଼ିଛି ୨ ଟଙ୍କାରୁ ଅଧିକ। ୨୧ ଦିନରେ ଆହୁରି ତୀବ୍ର ହେଲାଣି ଯୁଦ୍ଧ। ନିଜ ଜିଦରେ ଅଟଳ ଆମେରିକା, ଘନ ଘନ ଇରାନ ଉପରେ ହମଲା କରୁଛି। ଆଉ ଇରାନ ବି ଯେମିତି ହାର ମାନିନି। ମିଶାଇଲ୍‌ର ଜବାବ ମିଶାଇଲରେ ଦେଉଛି। ମିଡିଲ୍ ଇଷ୍ଟରେ ଆମେରିକାର ବନ୍ଧୁ ରାଷ୍ଟ୍ର କୁଏତ, ବାହାରିନ, ସାଉଦି ଆରବ ଭଳି ଦେଶରେ ଥିବା ତେଲ ଓ ଗ୍ୟାସ୍ ଡିପୋ ଉପରେ ଅନବରତ ଆଟାକ୍ କରୁଛି। ଗୁରୁବାର ସବୁ ସୀମା ପାରହୋଇଛି। କତାରର ‘ରାସ୍ ଲଫାନ୍’ ଶିଳ୍ପାଞ୍ଚଳରେ ହମଲା କରିଛି ଇରାନ। ସାରା ବିଶ୍ୱ ତଥା ଏସିଆ ଏବଂ ଭାରତକୁ ‘ରାସ୍ ଲଫାନ୍’ରୁ ଆସିଥାଏ ଏଲପିଜି ଏବଂ ଏଲଏନଜି। ଫଳରେ ଗ୍ୟାସ୍ ସଙ୍କଟ ଦେଖାଦେଖା ଆଶଙ୍କା ବଢ଼ିଛି। ଖାଲି ଏତିକି ନୁହେଁ, କୁଏତର ‘ମିନା-ଅଲ୍ ଅହମ୍ମଦି’ ରିଫାଇନାରୀ ଉପରେ ଦ୍ୱିତୀୟ ଦିନ ଡ୍ରୋନ୍ ଆକ୍ରମଣ ପରେ ସମ୍ପୂର୍ଣ୍ଣ ରିଫାଇନାରୀକୁ ବନ୍ଦ କରିବାକୁ ପଡ଼ିଛି। ଫଳରେ କୁଏତ ସମେତ ଆମେରିକା ସହୁଛି ବଡ଼ କ୍ଷତି। ପ୍ରତିଦିନ ଏଠୁ ୭ଲକ୍ଷ ୩୦ହଜାର ବ୍ୟାରେଲ୍ ଅଶୋଧିତ ତେଲ ବାହାରିଥାଏ। ଯାହା କୁଏତର ଅର୍ଥନୀତିକୁ ଏକରକମ ନିୟନ୍ତ୍ରଣ କରେ। ଆମେରିକା ବା ଆଉ କେମିତି ଚୁପ୍ ରହିବ। ସିଧା ଆଟାକ୍ କରିଛି ଇରାନ ସେନା ଉପରେ। ଇରାନ ଫୋର୍ସକୁ ଲାଗିଛି ଆଉ ଏକ ଶକ୍ତ ଧକ୍କା। ଇସଲାମିକ୍ ରେଭୁଲେସନାରୀ ଗାର୍ଡର ମୁଖପାତ୍ର ତଥା ସୁପ୍ରିମ ଲିଡର୍ ଆୟାତୁଲ୍ଲାଙ୍କ ଅଫିସ୍ ଇନଚାର୍ଜ ଅଲ୍ଲୀ ମହମ୍ମଦ ନାନୀଙ୍କୁ ନିପାତ କରିଛି ଆମେରିକା।



## ନାଟୋ ଉପରେ ବର୍ଷିଲେ ଟ୍ରମ୍ପ୍

**ୱାଶିଂଟନ,(ଏଜେନ୍ସି):** ଇରାନ ସହ ଜାରି ରହିଥିବା ଯୁଦ୍ଧ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିଜର ସହଯୋଗୀ ନାଟୋ ଦେଶଗୁଡ଼ିକ ଉପରେ ପ୍ରବଳ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ ‘ଟ୍ରୁଥ ସୋସିଆଲ’ରେ ଏକ ପୋଷ୍ଟ କରି ଟ୍ରମ୍ପ୍ ସହଯୋଗୀ ଦେଶମାନଙ୍କୁ ‘କାପୁରୁଷ’ ବୋଲି ସମ୍ବୋଧନ କରିଛନ୍ତି। ଟ୍ରମ୍ପ୍ ଅଭିଯୋଗ କରିଛନ୍ତି ଯେ ଆମେରିକା ପ୍ରତିବର୍ଷ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରି ଏହି ଦେଶଗୁଡ଼ିକର ସୁରକ୍ଷା କରୁଛି, କିନ୍ତୁ ଯେତେବେଳେ ଆମେରିକାକୁ ସେମାନଙ୍କ ସାହାଯ୍ୟ ଦରକାର, ସେତେବେଳେ ସେମାନେ ପଛଘୁଞ୍ଚା ଦେଉଛନ୍ତି। ଟ୍ରମ୍ପଙ୍କ ଅନୁଯାୟୀ, ହର୍ମୁଜ ପ୍ରଣାଳୀ ଏବେ ଇରାନ କବ୍‌ଜାରେ ଥିବାରୁ ବିଶ୍ୱରେ ତେଲ ଦର ବଢୁଛି। ଏହି ସାମୁଦ୍ରିକ ମାର୍ଗକୁ ମୁକ୍ତକରିବା ଏକ ସହଜ ସାମରିକ ପଦକ୍ଷେପ, କିନ୍ତୁ ନାଟୋ ଦେଶଗୁଡ଼ିକ ଏଥିପାଇଁ ସାହସ ଜୁଟାଇ ପାରୁନାହାନ୍ତି। ସେ ଚେତାବନୀ ଦେଇଛନ୍ତି ଯେ ଯଦି ସହଯୋଗ ନ ମିଳେ, ତେବେ ନାଟୋର ଭବିଷ୍ୟତ ବିପଦରେ ପଡ଼ିପାରେ। ଟ୍ରମ୍ପଙ୍କ ଏହି ଚାପ ସତ୍ତ୍ୱେ ଜର୍ମାନୀ, ବ୍ରିଟେନ, ଫ୍ରାନ୍ସ, ଇଟାଲୀ, ନେଦରଲ୍ୟାଣ୍ଡ, ଜାପାନ ଏବଂ କାନାଡା ଭଳି ୭ଟି ଦେଶ ଏକ ସଂଯୁକ୍ତ ବିବୃତି ଜାରି କରିଛନ୍ତି। ସେମାନଙ୍କର ସ୍ପଷ୍ଟ ମତ ହେଉଛି, ସାମୁଦ୍ରିକ ମାର୍ଗର ସୁରକ୍ଷା ପାଇଁ ସେମାନେ ପ୍ରସ୍ତୁତ, କିନ୍ତୁ ପ୍ରଥମେ ଯୁଦ୍ଧ ବନ୍ଦ ହେବା ଦରକାର।




ପବିତ୍ର ଇଦ୍-ଉଲ-ଫିତର-୨୦୨୬ ଅବସରରେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଇଦ୍-ଉଲ-ଫିତର ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଶାନ୍ତି, ମୈତ୍ରୀ, ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି।

(ହରି ବାବୁ କମ୍ଭମପାଟି)



ଇଦ୍-ଉଲ୍-ଫିତର ପର୍ବ ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-88




# ଆଜିର ରାଶିଫଳ

**ମେଷ**
କାର୍ଯ୍ୟକ୍ଷେତ୍ରରେ କିଛି ଦାୟିତ୍ୱ ବଢ଼ିପାରେ। ଯାହାକୁ ଧୈର୍ଯ୍ୟର ସହ ନିର୍ବାହ କରିବାକୁ ପଡ଼ିବ। ସହକର୍ମୀଙ୍କ ସହଯୋଗ ମିଳିଲେ କାମ ସହଜ ହେବ। ପରିବାରରେ କିଛି ଛୋଟ ଛୋଟ ମତଭେଦ ହେବାର ସମ୍ଭାବନା ରହିଛି। ଆର୍ଥିକ ଦିଗରେ ଅତିରିକ୍ତ ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତୁ।

**ବୃଷ**
ମନୋବଳ ଭଲ ରହିବ ଏବଂ କାମରେ ନୂତନ ଉତ୍ସାହ ଦେଖାଯିବ। ଅଟକିଥିବା କାମ ସମାପ୍ତ ହେବାର ସୁଯୋଗ ମିଳିପାରେ। ପରିବାରରୁ ସହଯୋଗ ଓ ସମର୍ଥନ ମିଳିବ। ଆର୍ଥିକ ଦିଗରେ ସ୍ଥିରତା ରହିବ ଏବଂ ମନ ଖୁସି ରହିବ।

**ମିଥୁନ**
ଯୋଗାଯୋଗ ଓ ଆଲୋଚନା ଦ୍ୱାରା କାମରେ ଲାଭ ମିଳିପାରେ। ନୂତନ ପରିଚୟ ଭବିଷ୍ୟତରେ ଉପକାରୀ ହେବ। ପରିବାରରେ ଖୁସିର ପରିବେଶ ରହିପାରେ। ଅନାବଶ୍ୟକ ତର୍କ ବିତର୍କରୁ ଦୂରେ ରୁହିଲେ ମନ ଶାନ୍ତ ରହିବ।

**କର୍କଟ**
ଘରୋଇ କାମରେ ବ୍ୟସ୍ତତା ବଢ଼ିପାରେ। କାର୍ଯ୍ୟକ୍ଷେତ୍ରରେ ସାଧାରଣ ଅଗ୍ରଗତି ଦେଖାଯିବ। ପରିବାରର କାହାର ସ୍ୱାସ୍ଥ୍ୟ ନେଇ ଅଳ୍ପ ଚିନ୍ତା ହେବାର ସମ୍ଭାବନା ଅଛି। ଧୈର୍ଯ୍ୟ ଓ ସମୟୋଚିତ ନିଷ୍ପତ୍ତି ଆପଣଙ୍କୁ ସହାୟତା କରିବ।

**ସିଂହ**
କାର୍ଯ୍ୟକ୍ଷେତ୍ରରେ ପ୍ରଶଂସା ଓ ସମ୍ମାନ ମିଳିପାରେ। ଆପଣଙ୍କ ପରିଶ୍ରମର ଫଳ ମିଳିବାର ଯୋଗ ରହିଛି। ମିତ୍ରମାନଙ୍କ ସହ ମିଳନ କିମ୍ବା ଆଲୋଚନା ମନକୁ ଖୁସି କରିବ। ଆର୍ଥିକ ଦିଗରେ ଧୀରେ ଧୀରେ ସୁଧାର ଦେଖାଯିବ।

**କନ୍ୟା**
କିଛି କାମରେ ବିଳମ୍ବ ହେବାର ସମ୍ଭାବନା ରହିଛି। ତେଣୁ ଧୈର୍ଯ୍ୟ ରଖିବା ଆବଶ୍ୟକ। କାର୍ଯ୍ୟକ୍ଷେତ୍ରରେ ଯୋଜନାମୂଳକ ଭାବରେ କାମ କଲେ ଲାଭ ମିଳିବ। ପରିବାରର ସହଯୋଗ ମିଳିଲେ ମନୋବଳ ବଢ଼ିବ। ସ୍ୱାସ୍ଥ୍ୟ ଦିଗରେ ସାଧାରଣ ସତର୍କତା ରଖନ୍ତୁ।

**ତୁଳା**
ଚନ୍ଦ୍ର ଆପଣଙ୍କ ରାଶିରେ ଥିବାରୁ ମନେ ନୂତନ ଉତ୍ସାହ ଦେଖାଯିବ। ନୂତନ କାମ କିମ୍ବା ଯୋଜନା ଆରମ୍ଭ କରିବାର ସୁଯୋଗ ମିଳିପାରେ। ପରିବାର ଓ ମିତ୍ରମାନଙ୍କ ସହ ସମୟ କାଟିବାର ଅବସର ମିଳିବ। ଆର୍ଥିକ ଦିଗରେ ମଧ୍ୟ ସାଧାରଣ ଲାଭ ହେବାର ସମ୍ଭାବନା ଅଛି।

**ବିଛା**
ଅନାବଶ୍ୟକ ଚିନ୍ତା ମନକୁ ଅସ୍ଥିର କରିପାରେ। କାର୍ଯ୍ୟକ୍ଷେତ୍ରରେ ସତର୍କ ଭାବେ କାମ କରିବା ଆବଶ୍ୟକ। ଅର୍ଥ ଦିଗରେ ଅତିରିକ୍ତ ଖର୍ଚ୍ଚ ହେବାର ସମ୍ଭାବନା ଅଛି। ଧୈର୍ଯ୍ୟ ଓ ସଠିକ୍ ପରାମର୍ଶ ନେଲେ ପରିସ୍ଥିତି ସୁଧାରିପାରେ।

**ଧନୁ**
ମିତ୍ରମାନଙ୍କ ସହଯୋଗରେ କାମରେ ଅଗ୍ରଗତି ଦେଖାଯିବ। ନୂତନ ଯୋଜନା ଭବିଷ୍ୟତରେ ଲାଭ ଦେଇପାରେ। ପରିବାରରେ ଖୁସିର ପରିବେଶ ରହିବ। ଆର୍ଥିକ ଦିଗରେ ସାଧାରଣ ଲାଭ ମିଳିପାରେ।

**ମକର**
କାର୍ଯ୍ୟକ୍ଷେତ୍ରରେ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ। ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆପଣଙ୍କ କାମ ଉପରେ ରହିପାରେ। ପରିବାରର ସମର୍ଥନ ମିଳିଲେ ମନୋବଳ ବଢ଼ିବ। ଆର୍ଥିକ ଦିଗରେ ସାବଧାନ ରହିବା ଭଲ।

**କୁମ୍ଭ**
ନୂତନ ଶିକ୍ଷା କିମ୍ବା ଜ୍ଞାନ ଲାଭ କରିବାର ଇଚ୍ଛା ବଢ଼ିପାରେ। ଦୂର ଯାତ୍ରା କିମ୍ବା ଯୋଜନା ସମ୍ପର୍କିତ ଆଲୋଚନା ହେବାର ସମ୍ଭାବନା ଅଛି। ପରିବାରରେ ସମ୍ମିଳନ ରହିବ। ଆର୍ଥିକ ଦିଗରେ ସାଧାରଣ ସ୍ଥିତି ରହିବ।

**ମୀନ**
କିଛି ପରିବର୍ତ୍ତନ ଘଟିପାରେ, ଯାହାକୁ ଶାନ୍ତ ମନରେ ସମ୍ଭାଳିବା ଦରକାର।କାର୍ଯ୍ୟକ୍ଷେତ୍ରରେ ସତର୍କ ଓ ଧୈର୍ଯ୍ୟଶୀଳ ରହିଲେ ଲାଭ ମିଳିବ। ପରିବାରରୁ ସହଯୋଗ ମିଳିପାରେ। ସ୍ୱାସ୍ଥ୍ୟ ଓ ଖାଦ୍ୟାହାର ଉପରେ ଅଳ୍ପ ଧ୍ୟାନ ଦେବା ଆବଶ୍ୟକ।

# ପଣସ କଟ୍‌ଲେଟ୍



**ଆବଶ୍ୟକ ସାମଗ୍ରୀ :** ପଣସ କଠା, ପିଆଜ, ଟମାଟୋ, ବେସନ, ଲେମ୍ବୁ ରସ, ଧଣିଆ ଗୁଣ୍ଡ, ଅଦା-ରସୁଣ ବଟା, ଗୋଟା ଜିରା, କଞ୍ଚା ଲଙ୍କା, ଜିରା ଗୁଣ୍ଡ, ଗରମ ମସଲା, ତେଲ ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପଣସ କଠାକୁ ସିଝାଇ ଚକଟି ଦିଅନ୍ତୁ। ବର୍ତ୍ତମାନ ଏକ କଡ଼େଇରେ ତେଲ ଗରମ କରନ୍ତୁ ତେଲ ଗରମ ହେଲେ ସେଥିରେ ଜିରା ଓ କଞ୍ଚା ଲଙ୍କା ପକାନ୍ତୁ। ଏହାପରେ ଏଥିରେ ପିଆଜ ପକାଇ ହାଲକା ଲାଲ୍ ହେବା ଯାଏଁ ଭାଜନ୍ତୁ। ଏହାପରେ ଏଥିରେ ଟମାଟୋ ଓ ଲୁଣ ପକାଇ ଭାଜନ୍ତୁ। ଟମାଟୋ ଗୁଡ଼ିକ ନରମ ହୋଇଗଲେ ସେଥିରେ ଅଦା-ରସୁଣ ବଟା ପକାନ୍ତୁ। ବର୍ତ୍ତମାନ ଏଥିରେ ଶୁଖିଲା ମସଲାଗୁଡ଼ିକୁ ପକାଇ ଦିଅନ୍ତୁ। ମସଲା କଷି ହୋଇଗଲେ ଏଥିରେ ବେସନ ମିଶାଇ କମ୍ ଆଞ୍ଚରେ ୧୦ ମିନିଟ୍ ଯାଏଁ ଭାଜନ୍ତୁ। ତା'ପରେ ଏଥିରେ ଚକଟା ହୋଇଥିବା ପଣସ କଠା ଓ ଲେମ୍ବୁ ରସ ମିଶାଇ ଦିଅନ୍ତୁ। ଏହାକୁ ଭଲଭାବେ ଗୋଳାଇ ଚୁଲିକୁ ବନ୍ଦ କରିଦିଅନ୍ତୁ। ଥଣ୍ଡା ହୋଇଗଲେ ଏହି ମିଶ୍ରଣକୁ ହାତରେ ଆଉ ଥରେ ଭଲ ଭାବେ ମିଶାଇ ଛୋଟ ଛୋଟ ଗୁଳା କରି ରଖନ୍ତୁ। ବର୍ତ୍ତମାନ ଏକ କଡ଼େଇରେ ତେଲ ଗରମ କରି ଏହି ଗୁଳାଗୁଡ଼ିକୁ ଛାଣି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କର 'ପଣସ କଟଲେଟ୍' । ଏହାକୁ ସସ୍ କିମ୍ବା ଚଟଣୀ ସହ ଖାଇଲେ ବେଶୀ ସୁଆଦିଆ ଲାଗିଥାଏ । ଏହି ରେସିପିଟିକୁ ଘରେ ବନେଇ ନିଜେ ଖାଆନ୍ତୁ ଓ ଘର ଲୋକଙ୍କୁ ପରଷନ୍ତୁ ।

# 'ମେଶିନ ଗନ' ଭଳି ସ୍ୱର ଏହି ପକ୍ଷୀର, କୁହାଯାଏ ସ୍ୱର୍ଗର ପକ୍ଷୀ



ବ୍ଲାକ ସିକ୍ଲେବିଲ ହେଉଛି ସ୍ୱର୍ଗଙ୍କ ପକ୍ଷୀଙ୍କ ପରିବାରର ପକ୍ଷୀ, ଯାହାକି ଏହି ପ୍ରଜାତିର ଦ୍ୱିତୀୟ ବୃହତ୍ତମ ପକ୍ଷୀ। ପୁରୁଷ ପକ୍ଷୀର ଦୈର୍ଘ୍ୟ ପ୍ରାୟ ୧୧୦ସେଣ୍ଟିମିଟର ପର୍ଯ୍ୟନ୍ତ ଥିବାବେଳେ ମହିଳା ପକ୍ଷୀର ଦୈର୍ଘ୍ୟ ପୁରୁଷ ପକ୍ଷୀର ଦୈର୍ଘ୍ୟ ଅର୍ଥାତ୍ ୫୫ ସେଣ୍ଟିମିଟର ହୋଇପାରେ। ଏହି ପକ୍ଷୀର ଶବ୍ଦ ସତେ ଯେପରି ଏକ 'ମେଶିନ ଗନ' ଚାଲିଯାଉଛି। ବର୍ତ୍ତମାନ ଏହି ପକ୍ଷୀର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଇନଷ୍ଟାଗ୍ରାମରେ, ଅବଭସଙ୍କବକ୍ଷଶ୍ବସଭକ୍ଷ୍ବକ୍ଷବଭରଶ୍ବ ନାମକ ଜଣେ ଉପଭୋକ୍ତା ବ୍ଲାକ ସିକ୍ଲେବିଲ ବାର୍ଡର ଏକ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ଏହି ପକ୍ଷୀର ଶବ୍ଦ ଶୁଣାଯାଉଛି। ଏହି ୪୭ ସେକେଣ୍ଡର ଭିଡିଓ ଦେଖିବା ଆଶ୍ଚର୍ଯ୍ୟଜନକ। ରବିବାର ପୋଷ୍ଟ ହୋଇଥିବା ଏହି ଭିଡିଓରେ ଲାଇକ, ଭ୍ୟୁ ଏବଂ କମେଣ୍ଟର ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଛି। କୃଷ୍ଣସାର ମୃଗ ପକ୍ଷୀର ଏକ ଲମ୍ବା, ତଳ-ବକ୍ରତା ଥଣ୍ଟ ଏବଂ ବହୁତ ଲମ୍ବା ଲାଞ୍ଜ ଅଛି ଏବଂ ଏହା କେନ୍ଦ୍ରୀୟ ନିଉ ଗୁଇନିଆ ଏବଂ ଭୋଗେଲକୋପ ଅଞ୍ଚଳରେ ଥିବା ପର୍ବତୀୟ ଜଙ୍ଗଲରେ ଦେଖିବାକୁ ମିଳେ। ଏହାର ବୈଜ୍ଞାନିକ ନାମ ହେଉଛି ଏପିମାଚସ ଫାଷ୍ଟୋସସ।

# ଛୋଟ ଛୋଟ କଥାକୁ ନେଇ ଘରେ ଝଗଡ଼ା ଲାଗୁଛି କି ?

**ବେଳେବେଳେ ଦେଖାଯାଏ, କିଛି କାରଣ ନଥାଇ ବି ଛୋଟ ଛୋଟ କଥାକୁ ନେଇ ଘରେ ଝଗଡ଼ା ଲାଗେ, ସମ୍ପର୍କରେ ଫାଟ ସୃଷ୍ଟି ହୁଏ। ଘରୁ ସୁଖଶାନ୍ତି କୁଆଡ଼େ ହଜିଗଲା ଭଳି ଅନୁଭବ ହୁଏ। ଏ କ୍ଷେତ୍ରରେ ଘରେ କିଛି ବାସ୍ତୁଦୋଷ ରହିଥିବା ସନ୍ଦେହ କରାଯାଏ। ଏଥିରୁ କେମିତି ମୁକ୍ତି ପାଇହେବ ଜାଣନ୍ତୁ ସେ ସମ୍ପର୍କରେ...**



ଘରର ଉତ୍ତର ଦିଗରେ ତୁଳସୀ କିମ୍ବା ଅଁଳା ଗଛ ଲଗାଇବା ଦ୍ୱାରା ଘରର ଐଶ୍ୱର୍ଯ୍ୟ ବୃଦ୍ଧି ହେବା ସହ ସମ୍ପର୍କରେ ନିବିଡ଼ତା ଆସିଥାଏ ବୋଲି ବିଶ୍ୱାରହିଛି।
କୁହାଯାଏ, ପ୍ରତି ଗୁରୁବାର ଦିନ ତୁଳସୀ ଚଉରାରେ କିଛି କ୍ଷୀର ଢାଳିଲେ ଘରେ ଅଯଥାରେ କଳହ ଲାଗେ ନାହିଁ। ଏହି ଉପାୟ ଦ୍ୱାରା ସୁଖଶାନ୍ତି ବି ବୃଦ୍ଧି ପାଇଥାଏ।
ଘରର ଦକ୍ଷିଣ-ପୂର୍ବ କୋଣରେ ସବୁଜିମାଭରା ଚିତ୍ର ଲଗାଇବା ଦ୍ୱାରା ଘରେ ସକାରାତ୍ମକ ଉର୍ଜା ଉତ୍ପନ ହୋଇ ସୁଖଶାନ୍ତି ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ କରାଯାଏ।
ଘରର ଡ୍ରଇଁ ରୁମ୍ରେ ସନ୍ଥ ମହାତ୍ମାଙ୍କ ଆଶୀର୍ବାଦ ଭଙ୍ଗୀର ଫଟୋ ଲଗାଇବା ବି ଘର ପାଇଁ ଶୁଭ ହୋଇଥାଏ।
ସୋରିଷ ତେଲରେ ଲବଙ୍ଗ ପକାଇ ଦୀପ ଜଳାଇଲେ ମଧ୍ୟ ଘରେ ଶାନ୍ତି ବଢିଥାଏ ବୋଲି ବିଶ୍ୱାସ ରହିଛି।
ଯେଉଁ ଫର୍ଣିଚର୍ର କୋଣଗୁଡ଼ିକ ଗୋଲାକାର ଆକୃତିର ହୋଇଥିବ ସେହି ଫର୍ଣ୍ଣିଚର୍କୁ ଘରେ ପକାଇବା ଶୁଭ ହୋଇଥାଏ। ଘରେ ଲାଗିଥିବା ପାଣି ଟ୍ୟାପ୍ରୁ ଯେମିତି ପାଣି ଲିକ୍ କରୁନଥିବ ଏବଂ ଜଳ ନିଷ୍କାସନର ବ୍ୟବସ୍ଥା ଘରର ପୂର୍ବ କିମ୍ବା ଉତ୍ତର ଦିଗରେ କଲେ ଘରେ ଶାନ୍ତି ରହିଥାଏ।

# ପୁଷ୍ଟିସାର ଏବଂ ପାଣିରେ ଭରପୂର ପନିପରିବା



ପ୍ରତ୍ୟେକ ଋତୁରେ ପ୍ରଚୁର ପରିମାଣରେ ପନିପରିବା ଆପଣଙ୍କ ଖାଦ୍ୟରେ ସାମିଲ କରିବା ଉଚିତ। କାରଣ ଏହା ପୁଷ୍ଟିକର ଅଭାବକୁ ପୂରଣ କରିବାରେ ସାହାଯ୍ୟ କରେ। ଋତୁକାଳୀନ ପନିପରିବା ବିଶେଷ ଭାବରେ ଲାଭଦାୟକ ଏବଂ ପ୍ରାୟତଃ ଅଧିକ ସ୍ୱାଦିଷ୍ଟ। ଋତୁକାଳୀନ ପନିପରିବା ଖାଇବା ଦ୍ୱାରା ଆପଣଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ, ଆପଣଙ୍କୁ ଋତୁକାଳୀନ ରୋଗରୁ ରକ୍ଷା କରେ। ଗ୍ରୀଷ୍ମ ଋତୁରେ, ଶରୀରକୁ କେବଳ ପୁଷ୍ଟିକର ନୁହେଁ, ହାଇଡ୍ରେଟେଡ୍ ରହିବା ଆବଶ୍ୟକ। ଏହି କାରଣରୁ କେବଳ ପାଣି ନୁହେଁ, ବରଂ ରସାଳ ଫଳ, ରସ, ବଟର ମିଲ୍କ ଏବଂ ନଡ଼ିଆ ପାଣି ମଧ୍ୟ ପିଇବା ଉଚିତ। ଗ୍ରୀଷ୍ମ ଋତୁରେ ଆପଣଙ୍କ ଶରୀରର ହାଇଡ୍ରେସନ୍ ଆବଶ୍ୟକତାକୁ ପୂରଣ କରିବାରେ ସାହାଯ୍ୟ କରୁଥିବା ପନିପରିବା ବିଷୟରେ ଜାଣନ୍ତୁ।
ଗ୍ରୀଷ୍ମ ଋତୁରେ ପର୍ଯ୍ୟାପ୍ତ ଜଳୀୟ ଅଂଶ ବଜାୟ ରଖିବା ଅତ୍ୟନ୍ତ ଜରୁରୀ। ଯଦି ତରଳ ପଦାର୍ଥ ସନ୍ତୁଳନ ପର୍ଯ୍ୟାପ୍ତ ନ ଥାଏ, ତେବେ ଥକ୍କାପଣ ଏବଂ ମୁଣ୍ଡ ବୁଲାଇବା ଭଳି ସମସ୍ୟା ଦେଖାଦେଇପାରେ। ଋତୁକାଳୀନ ପନିପରିବା କେବଳ ଭିଟାମିନ୍ ଏବଂ ଖଣିଜ ଅଭାବ ପୂରଣ କରିବାରେ ସାହାଯ୍ୟ କରେ ନାହିଁ ବରଂ ହିଟ୍ ୱେଭରୁ ରକ୍ଷା କରିବାରେ ମଧ୍ୟ ସାହାଯ୍ୟ କରେ। ତେଣୁ, ଆସନ୍ତୁ ଜାଣିବା ପୁଷ୍ଟିସାର ଏବଂ ପାଣିରେ ଭରପୂର ପନିପରିବା ବିଷୟରେ।
ଖାଆନ୍ତୁ କାକୁଡି: ଗ୍ରୀଷ୍ମ ଋତୁରେ ଆପଣ ନିଶ୍ଚିତ ଭାବରେ ଆପଣଙ୍କ ଦୈନନ୍ଦିନ ଖାଦ୍ୟରେ କାକୁଡ଼ି ସାମିଲ କରିବା ଉଚିତ, କିନ୍ତୁ ଏହାକୁ କିଣିବା ସମୟରେ ମନେ ରଖନ୍ତୁ ଯେ ସ୍ଥାନୀୟ କାକୁଡ଼ି ପ୍ରକାର ଭଲ। USDA ଅନୁଯାୟୀ , ପ୍ରାୟ ୧ କାକୁଡ଼ିରେ ୨୮୭ ଗ୍ରାମ ପାଣି ଥାଏ। ଏହା ଭିଟାମିନ୍ ସି, ଫାଇବର, ପୋଟାସିୟମ୍ ଏବଂ ଭିଟାମିନ୍ କେ ର ଏକ ଭଲ ଉତ୍ସ। ଏହିପରି ଆପଣ କାକୁଡ଼ିକୁ ଆପଣଙ୍କ ଖାଦ୍ୟର ଏକ ଅଂଶ କରିପାରିବେ।
**ଲେଟୁସରେ ମଧ୍ୟ ପ୍ରଚୁର ପରିମାଣରେ ପାଣି ଥାଏ:** ଗ୍ରୀଷ୍ମ ଋତୁରେ ଆପଣଙ୍କ ଦୈନନ୍ଦିନ ଖାଦ୍ୟରେ ଲେଟୁସ୍ ମଧ୍ୟ ସାମିଲ କରିପାରିବେ। ଏହାକୁ 'ସାଲାଡ୍ ପତ୍ର' ମଧ୍ୟ କୁହାଯାଏ। ଏହାକୁ ଘରେ ଚାଷ କରିବା ଗ୍ରୀଷ୍ମ ଋତୁ ପାଇଁ ଆହୁରି ଲାଭଦାୟକ। ୧୦୦ ଗ୍ରାମ ଲେଟୁସ୍ ରେ ୯୫ ଗ୍ରାମ ପାଣି ଥାଏ।
**ଲାଉ:** ଆପଣ ଆପଣଙ୍କ ଖାଦ୍ୟରେ ଲାଉ ଅନ୍ତର୍ଭୁକ୍ତ କରିପାରିବେ। ଏହାର ତରକାରୀ ବନାଯାଏ ଯାହା ବେଶ୍ ସ୍ୱାଦିଷ୍ଟ ହୋଇଥାଏ। ଆମେରିକାର କୃଷି ବିଭାଗ ଅନୁଯାୟୀ , ୧୦୦ ଗ୍ରାମ କଞ୍ଚା ଲାଉରେ ୯୬.୧ ଗ୍ରାମ ପାଣି ଥାଏ।
**ଟମାଟୋ :** ଗ୍ରୀଷ୍ମ ଋତୁରେ ଆପଣ ଟମାଟୋକୁ ତରକାରୀ ଭାବରେ କିମ୍ବା କଞ୍ଚା ସାଲାଡ ଭାବରେ ଖାଇପାରିବେ। ଏଥିରେ ଭିଟାମିନ ସି ଏବଂ ଲାଇକୋପିନ ପ୍ରଚୁର ପରିମାଣରେ ଥାଏ। ଏଥିରେ ପୋଟାସିୟମ ମଧ୍ୟ ଯଥେଷ୍ଟ ପରିମାଣରେ ଥାଏ। ହେଲଥଲାଇନ୍ ଅନୁଯାୟୀ , ୧୦୦ ଗ୍ରାମ ଟମାଟୋରେ ୯୫ ପ୍ରତିଶତ ପାଣି ଥାଏ।
**ପିଆଜ:** ଗ୍ରୀଷ୍ମ ଋତୁରେ ଆପଣ କଞ୍ଚା ପିଆଜକୁ ସାଲାଡ ଭାବରେ ମଧ୍ୟ ଖାଇପାରିବେ। ଯଦିଓ ଏହା ସବୁ ଋତୁରେ ଖିଆଯାଏ, କିନ୍ତୁ ଗ୍ରୀଷ୍ମ ଋତୁରେ ଏହାକୁ ବିଶେଷ ଲାଭଦାୟକ ବୋଲି ବିବେଚନା କରାଯାଏ କାରଣ ଏହା ଗରମ ଷ୍ଟ୍ରୋକରୁ ରକ୍ଷା କରିବାରେ ସାହାଯ୍ୟ କରେ। ୧୦୦ ଗ୍ରାମ ପିଆଜରେ ୮୯.୧ ଗ୍ରାମ ପାଣି ଥାଏ। ସେହିପରି ଗ୍ରୀଷ୍ମ ଋତୁରେ ଟିଣ୍ଡା, କଖାରୁ ଏବଂ କଖାରୁ ପରି ପନିପରିବା ଆପଣଙ୍କ ଖାଦ୍ୟରେ ସାମିଲ କରିବା ଉଚିତ। ଏହି ଋତୁକାଳୀନ ପନିପରିବା ଆପଣଙ୍କ ହଜମ ପାଇଁ ଭଲ ଏବଂ ପୁଷ୍ଟିକର ତତ୍ତ୍ୱ ଏବଂ ପାଣିରେ ମଧ୍ୟ ଭରପୂର।

# ସଫଳ ଫିଲ୍ମ ନିର୍ମାତା ରୋହିତ ସେଟ୍ଟୀ



ବଲିଉଡ୍‌ରେ ଏମିତି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଛୋଟରୁ ଛୋଟ କାମ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ନିଜ ପରିଶ୍ରମ ଓ ନିଷ୍ଠା ବଳରେ ଷ୍ଟାର୍ ପାଲଟିଯାଇଛନ୍ତି। ସେମାନଙ୍କ ଭିତରୁ ଜଣେ ହେଉଛନ୍ତି ରୋହିତ ସେଟ୍ଟୀ। ଆକ୍ସନ୍ ଓ କମେଡି ଫିଲ୍ମ କଥା ପଡ଼ିଲେ, ରୋହିତଙ୍କ ନାଁ ଆସିବ ହିଁ ଆସିବ। ତେବେ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ରୋହିତ ତାଙ୍କ କ୍ୟାରିୟର୍ର ଆରମ୍ଭରେ ସାଧାରଣରୁ ଅତି ସାଧାରଣ କାମ ବି କରିଛନ୍ତି। ହେଲେ ଏବେ ଦେଶର ସବୁଠାରୁ ସଫଳ ଫିଲ୍ମ ନିର୍ମାତାଙ୍କ ଭିତରୁ ସେ ଜଣେ। ହେଲେ ଏମିତି ବି ସମୟ ଥିଲା, ଯେତେବେଳେ ସେ ଫିଲ୍ମ ସେଟ୍ରେ ହିରୋଇନ୍‌ଙ୍କ ଶାଢ଼ି ଇସ୍ତ୍ରୀ କରୁଥିଲେ। କ୍ୟାରିୟର୍ର ପ୍ରାରମ୍ଭିକ ପର୍ଯ୍ୟାୟରେ ରୋହିତ ଫିଲ୍ମସେଟ୍ରେ ଛୋଟମୋଟ କାମ କରୁଥିଲେ। ଫିଲ୍ମସେଟ୍ରେ ସେ ବାରଘଣ୍ଟାରୁ ଚଉଦ ଘଣ୍ଟା, ବେଳେବେଳେ ତା'ଠାରୁ ମଧ୍ୟ ଅଧିକ ସମୟ ଖଟିବାକୁ ପସନ୍ଦ କରୁଥିଲେ। ଏହିଭଳି ଦୀର୍ଘ ସମୟ କାଟି ସେ ଫିଲ୍ମ ନିର୍ମାଣ ସହ ଜଡ଼ିତ ପ୍ରାୟ ସବୁ କ୍ଷେତ୍ରରେ ଦକ୍ଷତା ଅର୍ଜନ କରିଥିଲେ। ଏବେ ସଫଳ ନିର୍ଦ୍ଦେଶକ ଭାବେ ରୋହିତ ପରିଚିତି ହାସଲ କରିପାରିଛନ୍ତି। ପୂରା ବଲିଉଡ ତାଙ୍କ କାମର ପ୍ରଶଂସା କରୁଥିବାବେଳେ ଏହା ପଛରେ ତାଙ୍କର ନିଷ୍ଠା ଓ ପରିଶ୍ରମ ହିଁ ରହିଛି। ୧୯୯୫ରେ ରୋହିତ ୧୭ ବର୍ଷର ହୋଇଥିବାବେଳେ ଫିଲ୍ମ 'ହକିକତ୍'ର ସେଟ୍ରେ କାମ କରୁଥିଲେ। ଏହି ସମୟରେ ତାଙ୍କ କାମଥିଲା ଏହି ଫିଲ୍ମର ହିରୋଇନ୍ ତବୁଙ୍କ ଶାଢ଼ି ଇସ୍ତ୍ରୀ କରିବା। ଏଥିପାଇଁ ତାଙ୍କୁ ମାସିକ ମାତ୍ର ୫୦ ଟଙ୍କା ପାରିଶ୍ରମିକ ମିଳୁଥିଲା। ଏଥିସହିତ ସେ କାଜଲଙ୍କ ସ୍ପଟ୍ବୟ ଭାବେ ମଧ୍ୟ କାମ କରିଥିଲେ। ଆଜି ସେହି ରୋହିତ ସେଟ୍ଟୀ ବଲିଉଡ୍ର ଜଣେ ସଫଳ ଓ ଚର୍ଚ୍ଚିତ ଫିଲ୍ମ ନିର୍ମାତା, ନିର୍ଦ୍ଦେଶକ ଓ ଟିଭି ଦୁନିଆର ନାଁକରା ହୋଷ୍ଟ ପାଲଟିଯାଇଛନ୍ତି।

# ବାଜରା ରୁଟି ଖାଇଲେ ଶରୀରରେ କ'ଣ ଆସିପାରେ ପରିବର୍ତ୍ତନ ?

**ପୋଷକ ତତ୍ତ୍ୱରେ ଭରା:** ବାଜରା ପୋଷକ ତତ୍ତ୍ୱରେ ଭରା ଶସ୍ୟ । ଏଥିରେ ପ୍ରୋଟିନ୍, ଫାଇବର, କ୍ୟାଲସିୟମ୍, ଆଇରନ୍, ମ୍ୟାଗ୍ନେସିୟମ୍, ପୋଟାସିୟମ୍ ଓ ଭିଟାମିନ୍-ସି ପରି ପୋଷକ ତତ୍ତ୍ୱ ପ୍ରଚୁର ମାତ୍ରାରେ ରହିଛି । ଯହା ଶରୀରକୁ ଶକ୍ତି ଦେବା ସହ ହାଡ଼କୁ ମଜଭୁତ କରିବା ଓ ରକ୍ତ ସଞ୍ଚାଳନକୁ ତୀବ୍ର କରିବାରେ ସହଯୋଗ କରିଥାଏ ।
**ଓଜନ ନିୟନ୍ତ୍ରଣ କରେ:** ବାଜରାରେ ଥିବା ଫାଇବର ପାଚନ ତନ୍ତ୍ରକୁ ସୁସ୍ଥ ରଖିବା ସହ ଅଧିକ ସମୟ ଯାଏ ପେଟଭରା ରଖିଥାଏ । ଏଥିରେ କ୍ୟାଲୋରୀ ମାତ୍ରା କମ୍ ରହିଥାଏ, ଯାହା ଓଜନକୁ ନିୟନ୍ତ୍ରିତ ରଖିବାରେ ସାହାଯ୍ୟ କରେ । ଯଦି ଓଜନ କମାଇବାକୁ ପ୍ରୟାସ କରୁଥାନ୍ତି, ତେବେ ବାଜରା ରୁଟି ଖାଇବା ଭଲ ବିକଳ୍ପ ।
**ମଧୁମେହ ପାଇଁ ଲାଭଦାୟକ:** ବାଜରାର ଗ୍ଲାଇସୋମିକ୍ ଇଣ୍ଡେକ୍ସ କମ୍ ରହିଥାଏ । ଫଳରେ ଏହା ରକ୍ତରେ ଶର୍କରାସ୍ତରକୁ ନିୟନ୍ତ୍ରିତ ରଖିବାରେ ସହଯୋଗ କରିଥାଏ । ମଧୁମେହ ରୋଗୀଙ୍କ ପାଇଁ ବାଜରା ରୁଟି ଭଲ ବିକଳ୍ପ। ଏହା ରକ୍ତରେ ଶର୍କରା ସ୍ତରକୁ ହଠାତ୍ ବଢିବାକୁ ଦେଇ ନଥାଏ।







# ରାଜ୍ୟ ପ୍ରଜାତନ୍ତ୍ର

୨୧ - ୦୩ -୨୦୨୬

ପୃଷ୍ଠା:୩







### ପଖାଳ ଦିବସରେ ପଖାଳ ଖାଇଲେ ମୁଖ୍ୟମନ୍ତ୍ରୀ

## ପଖାଳ କେବଳ ଆହାର ନୁହେଁ, ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ଅବିଚ୍ଛେଦ୍ୟ ଅଙ୍ଗ

ଭୁବନେଶ୍ୱର: ଓଡ଼ିଶାର ପ୍ରମୁଖ ଗ୍ରୀଷ୍ମକାଳୀନ ଖାଦ୍ୟ 'ପଖାଳ'ର ଲୋକପ୍ରିୟତାକୁ ଆହୁରି ବଢାଇବା ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଭୁବନେଶ୍ୱର ସ୍ଥିତ ପାନ୍ଥନିବାସ ଠାରେ ରାଜ୍ୟସ୍ତରୀୟ 'ପଖାଳ ପରବ' କାର୍ଯ୍ୟକ୍ରମ ପାଳନ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ପଖାଳକୁ କେବଳ ଏକ ଆହାର ନୁହେଁ, ବରଂ ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଥିଲେ। ପଖାଳ ଦିବସର ମୂଳ ଲକ୍ଷ୍ୟ ହେଉଛି ଓଡ଼ିଆ ଖାଦ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା। ଆଜିକାଲିର ପାଶ୍ଚାତ୍ୟ ଖାଦ୍ୟ ସଂସ୍କୃତି ଭିତରେ ଆମର ଏହି ପାରମ୍ପରିକ ଖାଦ୍ୟ ଯେପରି ହଜି ନଯାଏ, ସେଥିପାଇଁ ଏହି ଦିବସଟି ସମସ୍ତ ଓଡ଼ିଆଙ୍କୁ ଏକଜୁଟ କରିବାର ପ୍ରୟାସ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ ନିଜ ପିଲାଦିନ ସହିତ ପଖାଳର ସମ୍ପର୍କ କଥା କହି ଭାବବିହ୍ୱଳ ହୋଇ ପଡ଼ିଥିଲେ ଏବଂ କହିଥିଲେ ଯେ କେବଳ ଗରିବର ଖାଦ୍ୟ ନୁହେଁ, ବରଂ ଏହା ମହାପ୍ରଭୁ ଜଗନ୍ନାଥଙ୍କର ମଧ୍ଧ ପ୍ରିୟ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ 'ଟଙ୍କ ତୋରାଣି' ଏବଂ ପଖାଳ ଭୋଗ ଲାଗି ହୋଇଥାଏ। ଭଗବାନଙ୍କ ପାଖରେ ଏହି ସରଳ ଖାଦ୍ୟର ଅର୍ପଣ ଦର୍ଶାଏ ଯେ ସାଧାରଣ ଜୀବନଶୈଳୀ କେତେ ଶୁଦ୍ଧ।



ପଖାଳର ସବୁଠାରୁ ବଡ଼ ଗୁଣ ହେଉଛି ଏହା 'ଜିରୋ ଓ୍ୱେଷ୍ଟ' ଖାଦ୍ୟ। ପଖାଳର ପ୍ରୋ-ବାୟୋଟିକ ଗୁଣ ବିଷୟରେ କହି ମୁଖ୍ୟମନ୍ତ୍ରୀ ପଖାଳରେ ଥିବା ହିତକର ଜୀବାଣୁ, ଯାହା ଦେହରେ ଥିବା ଅନିଷ୍ଟକାରି ଜୀବାଣୁଙ୍କୁ ମାରି ଦେଇ ଥାଆନ୍ତି ବୋଲି ନିଜ ଅଭିଭାଷଣରେ କହିଥିଲେ। ସେ କହିଥିଲେ ଯେ, ବିଶ୍ୱ ପଖାଳ ଦିବସ ଆଜି ଆଉ କେବଳ ଓଡ଼ିଶାରେ ପାଳନ କରାଯାଉ ନାହିଁ। ଏହା ଏବେ ଏକ ବିଶ୍ୱସ୍ତରୀୟ ଉତ୍ସବ ପାଲଟିଛି। ଭାରତର ବିଭିନ୍ନ ସ୍ଥାନରେ ଏବଂ ବିଶ୍ୱର ବିଭିନ୍ନ ସ୍ଥାନରେ ରହୁଥିବା ଓଡିଆମାନେ ଏହି ଦିନକୁ ଗର୍ବର ସହିତ ପାଳନ କରୁଛନ୍ତି। ପଖାଳ, ଦେଶ ବିଦେଶରେ ରହୁଥିବା ଓଡ଼ିଆମାନଙ୍କୁ ନିଜ ମାଟି ସହିତ ଯୋଡ଼ି ରଖିବାର ଏକ ମାଧ୍ୟମ ହୋଇଛି। ଏହା ଆମକୁ ଗର୍ବିତ କରୁଛି ଯେ ଆମର ସଂସ୍କୃତି ବିଶ୍ୱର ପ୍ରତ୍ୟେକ କୋଣରେ ପହଞ୍ଚି ପାରୁଛି। ପଖାଳ ପରବ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ବିଶ୍ୱର ସମଗ୍ର ଚାଷୀ ସମାଜକୁ କୃତଜ୍ଞତା ଜଣାଇଥିଲେ ଏବଂ ଯୁବ ପିଢ଼ିଙ୍କୁ ଓଡ଼ିଆ ପରମ୍ପରାର ମୂଲ୍ୟ ବୁଝିବାକୁ ଅନୁରୋଧ କରିଥିଲେ।

ଦ୍ରୁତ ଗତିରେ ପରିବର୍ତ୍ତିତ ହେଉଥିବା ବିଶ୍ୱରେ, ଆଗକୁ ବଢ଼ିବା ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଆମର ମୂଳ ସହିତ ମଧ୍ୟ ଯୋଡି ହୋଇରହିବା ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ। ପଖାଳ ଦିବସ ଆଜି ଆମ ସରକାରଙ୍କ 'ବିକଶିତ ଓଡ଼ିଶା' ସଂକଳ୍ପର ଏକ ଅବିଚ୍ଛେଦ୍ୟ ଅଙ୍ଗ । ନିଜର ପୁରାତନ ସଂସ୍କୃତିକୁ ସୁରକ୍ଷିତ ରଖି ଆଧୁନିକତା ଆଡ଼କୁ ଦୃଢ଼ ଭାବେ ଅଗ୍ରସର ହେବା ହିଁ ଆମ ସରକାରଙ୍କ ମୂଳ ଲକ୍ଷ୍ୟ। ପଖାଳ ଦିବସ ମାଧ୍ୟମରେ ଓଡ଼ିଶାର ଐତିହ୍ୟକୁ ସମ୍ମାନ ଜଣାଇବା ଏବଂ ଏହାକୁ ଆଗାମୀ ପିଢ଼ି ପାଇଁ ସାଇତି ରଖିବା ପାଇଁ ଆମ ସରକାର ଯେଉଁ ନିରନ୍ତର ଉଦ୍ୟମ କରୁଛନ୍ତି, ତାହା ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ଏକ ନୂତନ ଆଶା ଏବଂ ଗର୍ବ ସୃଷ୍ଟି କରିଛି ବୋଲି ସେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଇଣ୍ଡୋନେସିଆ, ମାଲେସିଆ, ବାହାରିନ, ସିଙ୍ଗାପୁର, ସମେତ ୧୫ ଟି ରାଜ୍ୟରୁ ଆଭାସୀ ମାଧ୍ୟମରେ ଯୋଡି ହୋଇଥିବା ପ୍ରବାସୀ ଓଡ଼ିଆମାନଙ୍କ ସହ କଥା ହୋଇଥିଲେ। ଏହି ଅବସରରେ ବିଶ୍ୱସ୍ତର ଏବଂ ରାଷ୍ଟ୍ରୀୟ ସ୍ତରରେ ଓଡ଼ିଆ ଖାଦ୍ୟର ପ୍ରଚାର ପ୍ରସାର କରୁଥିବା ସେଫ୍ ମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ବିଶେଷକରି ଗିନିଜ ବୁକ ଅଫ ଓ୍ୱାର୍ଲଡ ରେକର୍ଡ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆଜି ୮୫୦ କିଲୋଗ୍ରାମ ଚାଉଳରେ ପ୍ରସ୍ତୁତ ୧୧୭୭ କିଲୋଗ୍ରାମର ପଖାଳ ସମସ୍ତଙ୍କୁ ଆକର୍ଷିତ କରିଥିଲା। ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପଖାଳ, ଅବହେଳିତ ସମ୍ପ୍ରଦାୟର ୨୦୦୦ ରୁ ଉର୍ଦ୍ଧ୍ୱ ଜନସାଧାରଣ ମାନଙ୍କୁ ବଣ୍ଟା ଯାଇଥିଲା।କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପାନ୍ଥନିବାସ ଠାରେ ସମସ୍ତ ଅତିଥି ମାନଙ୍କ ସହ ଓଡ଼ିଆ ଖାଦ୍ୟ ମେଳା ବୁଲି ଦେଖିଥିଲେ ଏବଂ ପ୍ରାୟ ୩୨୬ ପ୍ରକାର ଓଡ଼ିଆ ବ୍ୟଞ୍ଜନ ପ୍ରସ୍ତୁତିକୁ ଅନେକ ପ୍ରଶଂସା କରିଥିଲେ।

### ଆସିଲା ମାଆ ବିରଜାଙ୍କ ଆଜ୍ଞାମାଳ

## ଯଯାତି ମହୋତ୍ସବ ଆରମ୍ଭ



ଯାଜପୁର (ପିପିଏସ): ଐତିହ୍ୟ ଓ ପରମ୍ପରାର ଅନନ୍ୟ ସମନ୍ୱୟରେ ଶୁଭାରମ୍ଭ ହୋଇଛି ବହୁ ପ୍ରତୀକ୍ଷିତ 'ଯଯାତି-୨୦୨୬' ଏବଂ 'ସୁଭଦ୍ରା ଶକ୍ତି ଓ ପଲ୍ଲିଶ୍ରୀ ମେଳା'। ଯାଜପୁରର ଅଧିଷ୍ଠାତ୍ରୀ ଦେବୀ, ଶକ୍ତିପୀଠ ଅଧିଶ୍ୱରୀ ମା' ବିରଜାଙ୍କ ପବିତ୍ର ପୂଜାଅର୍ଚ୍ଚନା ଓ 'ଆଜ୍ଞାମାଳ' ପ୍ରାପ୍ତି ସହ ଏହି ଭବ୍ୟ ମହୋତ୍ସବର ଶୁଭ ଶଙ୍ଖନାଦ କରାଯାଇଛି। ମା'ଙ୍କ ମନ୍ଦିର ପରିସରରୁ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଏବଂ ଉପଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀଙ୍କ ନେତୃତ୍ୱରେ ଏକ ବିରାଟ ସଂକୀର୍ତ୍ତନ ଶୋଭାଯାତ୍ରା ବାହାରିଥିଲା। ଘଣ୍ଟଘଣ୍ଟା, ଶଙ୍ଖଧ୍ୱନି ଏବଂ 'ଜୟ ମା' ବିରଜା' ଧ୍ୱନିରେ ସମଗ୍ର ପରିବେଶ ଏକ ଆଧାତ୍ମିକ ଶିହରଣ ସୃଷ୍ଟି କରିଥିଲା। ପାରମ୍ପରିକ ରୀତିନୀତି ଅନୁଯାୟୀ, ଉପଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀଙ୍କ ଦ୍ୱାରା ମା'ଙ୍କ ପବିତ୍ର ଆଜ୍ଞାମାଳକୁ ପ୍ରଶାସନିକ ଭବନ ପଡ଼ିଆରେ ନିର୍ମିତ ଭବ୍ୟ ରଙ୍ଗମଞ୍ଚ ପର୍ଯ୍ୟନ୍ତ ଅଣାଯାଇଥିଲା। ମନ୍ତ୍ରୋଚ୍ଚାରଣ ଓ ଶାସ୍ତ୍ରୀୟ ବିଧି ବିଧାନ ମଧ୍ୟରେ ଆଜ୍ଞାମାଳକୁ ରଙ୍ଗମଞ୍ଚରେ ସ୍ଥାପନ କରାଯିବା ପରେ 'ଯଯାତି-୨୦୨୬' ମହୋତ୍ସବର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଥିଲା।ଏହି ଅବସରରେ ବିଭିନ୍ନ ବିଭାଗର ଅଧିକାରୀ, ସ୍ଥାନୀୟ ମହିଳାମାନଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇ ଏହି ଶୋଭାଯାତ୍ରାର ଶୋଭାକୁ ଦ୍ୱିଗୁଣିତ କରିଥିଲା।

## ଶୁକ୍ରୁଠାରେ ହିଁ ଶେଷହେବ ମାଓ ଅପରେସନ: ଡିଜିପି

ଭୁବନେଶ୍ୱର, (ପିପିଏସ୍): ରାୟଗଡ଼ା-କଳାହାଣ୍ଡି-କନ୍ଧମାଳ ଜଙ୍ଗଲ ସୀମାନ୍ତରେ ମାଓ ନେତା ଶୁକ୍ରୁକୁ ଘେରି ରହିଛି ସୁରକ୍ଷା ବାହିନୀ। ଜୋରଦାର୍ ଅପରେସନ ଚାଲିଛି। ଆସନ୍ତା ୩୧ ତାରିଖ ସୁଦ୍ଧା ଓଡିଶାରୁ ମାଓବାଦୀ ନିପାତ ହେବେ। ହାର୍ଡକୋର୍ ଶୁକ୍ରୁ ଠାରେ ହିଁ ଶେଷ ହେବ ମାଓ ଅପରେସନ। ପୋଲିସ୍ ଡିଜି ଓ୍ୱାଇ.ବି ଖୁରାନିଆ ଶୁକ୍ରବାର ଏହି ସୂଚନା ଦେଇଛନ୍ତି।

ମାଓ ଅପରେସନ ଏବେ ଶେଷ ପର୍ଯ୍ୟାୟରେ ବୋଲି ଡିଜିପି ସୂଚନା ଦେଇଛନ୍ତି। ସେପଟେ ମାଓବାଦୀଙ୍କୁ ଡିଜିପି ଶେଷ ଚେତାବନୀ ଦେଇ କହିଛନ୍ତି ବନ୍ଧୁକ ଛାଡି ମୁଖ୍ୟ ସ୍ରୋତରେ ସାମିଲ ହୁଅ। ହିଂସା ଛାଡି ଅହିଂସାର ରାସ୍ତା ଆପଣାଅ। ନହେଲେ ଓଡିଶା ପୋଲିସ ଜେସାକୁ ତେସା ନୀତି ଆପଣାଇବ। କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ମାଓ ଦମନ ଅଭିଯାନର ସମୟସୀମା ମାର୍ଚ୍ଚ ମାସ ୨୦୨୬ରେ ସରିବାକୁ ଯାଉଥିବାବେଳେ ମାଓ ଅପରେସନକୁ ଆହୁରି ଜୋରଦାର କରାଯାଇଛି। ସରକାରଙ୍କ ପକ୍ଷରୁ ଯେଉଁ ପୁନର୍ବାସ ଯୋଜନା କରାଯାଇଛି ତାର ଫାଇଦା ନେବାକୁ ଅପିଲ କରିଛନ୍ତି ପୋଲିସ ଡିଜି। ଏହାସହ ହତିୟାର ନେଇ ଆତ୍ମସମର୍ପଣ କଲେ ମିଳିବ ସରକାରୀ ସହାୟତା। କିନ୍ତୁ ହିଂସା ପଥ ଆପଣାଇଲେ ପରିସ୍ଥିତି ଭୟଙ୍କର ହେବ ବୋଲି ଚେତାବନୀ ଦେଇଛନ୍ତି ଡିଜିପି ଓ୍ୱାଇ.ବି. ଖୁରାନିଆ।

### ମହାନଦୀ ରିଭର ଫ୍ରଣ୍ଟ ପ୍ରକଳ୍ପର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ୨୧୦ କୋଟି ଟଙ୍କା ବ୍ୟୟରେ ୪୨୬ ଏକରରେ କଟକ ମହାନଦୀ ତଟ ସୌନ୍ଦର୍ଯ୍ୟକରଣ

ଭୁବନେଶ୍ୱର, (ପିପିଏସ୍): ଲୋକସେବା ଭବନ ଠାରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକ ରିଭର ଫ୍ରଂଟ ଡେଭଲପମେଂଟ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରିଛନ୍ତି। ସୂଚନାଯୋଗ୍ୟ ଯେ, ୨୧୦ କୋଟି ଟଙ୍କା ବ୍ୟୟରେ କଟକ ମହାନଦୀ କୂଳର ୪୨୬ ଏକର ଅଂଚଳକୁ ଏହି ପ୍ରକଳ୍ପ ଜରିଆରେ ବିକଶିତ କରାଯିବ। ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲର ନିର୍ଦ୍ଦେଶ ଅନୁଯାୟୀ ୨୮୪ ଏକର ଅଂଚଳରେ ସବୁଜ ବଳୟ ସୃଷ୍ଟି କରାଯିବ ଏବଂ ଅବଶିଷ୍ଟ ୧୪୨ ଏକର ଅଂଚଳକୁ ପର୍ଯ୍ୟଟନ ଉପଯୋଗୀ କରାଯିବା ସହିତ ବିଭିନ୍ନ ଯାନିଯାତ୍ରା ପାଇଁ ମଧ୍ୟ ଉପଯୋଗୀ କରାଯିବ। ଏଥିରେ ଓଡ଼ିଶା ହାଟ, ହେରିଟେଜ ଭିଲେଜ, ପିକନିକ୍ ଏରିଆ, ଇଣ୍ଟରପ୍ରିଟେସନ ସେଣ୍ଟର, ଫୁଡ କୋର୍ଟ, ଲନ, ବଗିଚା, ମହାନଦୀ କୂଳ ସ୍ଥିତ ବିଭିନ୍ନ ଓ୍ୱାଟରବଡିର ସୌନ୍ଦର୍ଯ୍ୟକରଣ ଏବଂ ଅନ୍ୟାନ୍ୟ କାର୍ଯ୍ୟ ରହିଛି। ଏସବୁ ନିର୍ମାଣ କାର୍ଯ୍ୟରେ ଗ୍ରୀନ ଟ୍ରିବ୍ୟୁନାଲ ଗାଇଡଲାଇନ ପାଳନ କରାଯିବ। ଏହି ପ୍ରକଳ୍ପକୁ ପର୍ଯ୍ୟଟକମାନଙ୍କ ପାଇଁ ଏକ ଜାତୀୟ ସ୍ତରର ଆକର୍ଷଣୀୟ କେନ୍ଦ୍ର ଭାବେ ଗଢ଼ି ତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ବୈଠକରେ ଗୁରୁତ୍ୱ ଦେଇଥିଲେ। ଏଥିପାଇଁ ଗୁଜରାଟର ସାବରମତୀ ଡିଜାଇନକୁ ଅନୁଧ୍ୟାନ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ସମସ୍ତ ପ୍ରାରମ୍ଭିକ ପ୍ରକ୍ରିୟା ଯଥାଶୀଘ୍ର ଶେଷ କରି ପ୍ରଥମ ପର୍ଯ୍ୟାୟ କାମ ତୁରନ୍ତ ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ମହାନଦୀ କୂଳ ସୁରକ୍ଷା ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ଯେଉଁ ନିର୍ମାଣ କାର୍ଯ୍ୟ ହେଉଛି, ସେହି ପ୍ରକଳ୍ପ ଗୁଡ଼ିକର ମଧ୍ୟ ସୌନ୍ଦର୍ଯ୍ୟକରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ଏହି ପ୍ରକଳ୍ପ ଗୁଡିକ ନଦୀତଟକୁ ସୁରକ୍ଷା ଦେବା ସହିତ ପର୍ଯ୍ୟଟକ ମାନଙ୍କ ପାଇଁ ମଧ୍ୟ ଆକର୍ଷଣର କେନ୍ଦ୍ର ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ଦ୍ୱିତୀୟ ପର୍ଯ୍ୟାୟ କାମ ବେଳେ ଧବଳେଶ୍ୱର ମନ୍ଦିରର ସୌନ୍ଦର୍ଯ୍ୟକରଣ ସହିତ ନ୍ୟାସନାଲ ଲ ୟୁନିଭର୍ସିଟି ନିକଟସ୍ଥ ପଠାକୁ ବିକଶିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଅଧିକ ଆକର୍ଷଣୀୟ କରିବା ପାଇଁ ମହାନଦୀ ମଧ୍ୟରେ କ୍ରୁଜ ଚଳାଚଳ ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ମତ ଦେଇଥଲେ। ଏ ସବୁ ସୌନ୍ଦର୍ଯ୍ୟକରଣ କାମ ପାଇଁ ଆବଶ୍ୟକ ହେଲେ ଅଧିକ ଅର୍ଥ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ।

ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜିବ ମିଶ୍ର, ନିର୍ଦ୍ଦେଶକ ପୌର ପ୍ରଶାସନ ଅରିନ୍ଦମ ଡାକୁଆ, କଟକ ମହାନଗର ନିଗମ ଆୟୁକ୍ତ କିରଣଦୀପ୍ କୌର ସହୋତା ପ୍ରମୁଖ ଉପସ୍ଥିତ ଥିଲେ।

## ବିଏମ୍‌ସିକୁ ମିଳିଲା ଗ୍ଲୋବାଲ ସଷ୍ଟେନେବିଲିଟି ଆଣ୍ଡ ଇନୋଭେସନ୍ ପୁରସ୍କାର

ଭୁବନେଶ୍ୱର, (ପିପିଏସ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି)କୁ ମିଳିଲା ଗ୍ଲୋବାଲ ସଷ୍ଟେନବିଲିଟି ଆଣ୍ଡ ଇନୋଭେସନ ପୁରସ୍କାର-୨୦୨୬। ଜଳବାୟୁ ଅନୁକୂଳ ନବୀକରଣଯୋଗ୍ୟ ଜଳ ଭିତ୍ତିଭୂମି କ୍ଷେତ୍ରରେ ଉତ୍କର୍ଷତା ଏବଂ ମଳପଙ୍କ ପ୍ରକ୍ରିୟାକରଣରୁ ସମ୍ବଳ ପୁନଃଉଦ୍ଧାର କରିବା କ୍ଷେତ୍ରରେ ଅଭିନବ ପଦକ୍ଷେପ ପାଇଁ ଏହି ପୁରସ୍କାର ମିଳିଛି । ସ୍ୱୀକୃତିପ୍ରାପ୍ତ ସ୍ଥାୟୀ ଭିତ୍ତିଭୂମି ଏବଂ ଦକ୍ଷ ବର୍ଜ୍ୟ ଜଳ ପରିଚାଳନାରେ ବିଏମ୍ ସିର ପ୍ରଗତିଶୀଳ ଆଭିମୁଖ୍ୟ ପାଇଁ ଏହି ସମ୍ମାନ ଜନକ ପୁରସ୍କାର ମିଳିବାକୁ ଯାଉଛି । ଚଳିତ ମାସ ୨୪ ତାରିଖ ସଂଧ୍ୟା ୬ ଘଟିକା ସମୟରେ ନୂଆଦିଲ୍ଲୀ ଶାମଭେଟ୍ ଅଡିଟୋରିୟମଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ବିଏମ୍ ସିକୁ ଏହି ପୁରସ୍କାର ପ୍ରଦାନ କରାଯିବ । ବିଶ୍ୱସ୍ତରରେ ଏହି ପୁରସ୍କାର ମିଳୁଥିବା ଖବର ପାଇବା ପରେ ମେୟର ଶ୍ରୀମତୀ ସୁଲୋଚନା ଦାସ ଓ କମିଶନର ଶ୍ରୀ ଚଞ୍ଚଳ ରାଣା ଖୁସି ବ୍ୟକ୍ତ କରିଛନ୍ତି । ଟିମ୍ ବିଏମ୍ ସି ସହ ସମସ୍ତ ଅଧିକାରୀ, କର୍ମଚାରୀ, କର୍ପୋରେଟର, ସ୍ୱଚ୍ଛକର୍ମୀ ଓ ସ୍ୱଚ୍ଛସାଥୀଙ୍କ ସହ ଏହି ଶ୍ରେୟ ଭୁବନେଶ୍ୱରବାସୀଙ୍କ ପାଇଁ ସମ୍ଭବ ହୋଇପାରିଛି ବୋଲି ସେମାନେ କହିଛନ୍ତି।

ଏଠାରେ ସୂଚନା ଯୋଗ୍ୟ କି ବିଏମ୍ ସି ଅଂଚଳରେ ସମୁଦାୟ ୩୦ ଗୋଟି ସୋଲାର ଓ୍ୱାଟର କିଓସ୍କ ଚାଲିଛି । ଯାହାକି ଜଳବାୟୁ ତଥା ପରିବେଶ ଅନୁକୂଳ । ସେହିପରି ବାସୁଆଘାଇଠାରେ ମଳପଙ୍ଗ ପ୍ରକ୍ରିୟାକରଣ କରି ସେଥିରୁ ବାହାରୁଥିବା ଜଳକୁ ପୁନଃ ବ୍ୟବହାର ଉପଯୋଗୀ କରାଯାଇ ପାରୁଛି ଏବଂ ମଳପଙ୍କକୁ ମଧ୍ୟ ଖତ ରୂପେ ବ୍ୟବହାର କରାଯାଉଛି। ସବୁଠାରୁ ବଡକଥା ହେଲା ଯେ, ମଣିଷର ମଳମୂତ୍ରକୁ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରି ବୈଜ୍ଞାନିକ ପଦ୍ଧତିରେ ପ୍ରକ୍ରିୟାକରଣ କରାଯାଉଛି। ଯାହାଫଳରେ ମଳମୁତ୍ର ଅନ୍ୟ ଜଳଶ୍ରୋତରେ ମିଶି ଜଳ କିମ୍ବା ବାୟୁ ପ୍ରଦୂଷଣ କରୁନାହିଁ।

## ରାଜ୍ୟ ରାଜପଥରେ ଧାନବସ୍ତା ରଖି ଚାଷୀଙ୍କ ବିକ୍ଷୋଭ ପ୍ରଦର୍ଶନ



ତିହିଡ଼ି: ଧାନମଣ୍ଡିରେ ଅବ୍ୟବସ୍ଥା, ମିଲରଙ୍କ ଅସହଯୋଗ ଅଭିଯୋଗରେ ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ଅଧୀନ ଚାରିତରଫ ସମବାୟ ସମିତିର ଚାଷୀମାନେ ସମିତି ପାର୍ଶ୍ୱସ୍ଥ ଭଦ୍ରକ -ଚାନ୍ଦବାଲି ରାଜ୍ୟ ରାଜପଥକୁ ଶୁକ୍ରବାର ସକାଳେ ଅବରୋଧ କରିଛନ୍ତି। ଚାରିତରଫ ସମିତି ମଣ୍ଡିରେ ୭୨୦ଜଣ ପଞ୍ଜୀକୃତ ଚାଷୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୫୨ ଜଣ ଚାଷୀ ଏଯାବତ୍ ଧାନ ବିକ୍ରି କରି ପାରିନାହାନ୍ତି। ମଣ୍ଡି ସହ ୨ଟି ଧାନକଳ ଅନୁବନ୍ଧିତ ହୋଇଛି। କିନ୍ତୁ ଗତ ୧୫ଦିନ ମଧ୍ୟରେ ସେମାନେ ଆଦୌ ଧାନ ଉଠାଇ ନାହାନ୍ତି। ମଣ୍ଡି ସାମ୍ନାରେ ଖରା, କାକରରେ ୮ହଜାର କ୍ୱିଣ୍ଟାଲ୍‌ରୁ ଉର୍ଦ୍ଧ୍ୱ ଧାନବସ୍ତା ପଡ଼ି ରହିଛି। ସମିତିକୁ ମିଳିଥିବା ଟାର୍ଗେଟ ପୂରଣ ହୋଇସାରିଥିବା ବେଳେ ଅଧିକ ୮ହଜାର କୁଇଣ୍ଟାଲ ଟାର୍ଗେଟର ଆବଶ୍ୟକତା ଥିଲେ ମଧ ତାହା ପୂରଣ କରାଯାଉ ନାହିଁ। ଏପରି ଅବ୍ୟବସ୍ଥା ଯୋଗୁ ମଣ୍ଡିକୁ ଧାନ ଦେଇ ଚାଷୀମାନେ ମଧ୍ୟ ପ୍ରାପ୍ୟ ପାଇ ପାରିନାହାନ୍ତି। ତେବେ ସମିତି ସଭାପତି, କର୍ମକର୍ତ୍ତା ଓ ଚାଷୀମାନେ ଏହି ସମସ୍ୟା ସମ୍ପର୍କରେ ଜିଲାପାଳ, ଅତିରିକ୍ତ ଜିଲାପାଳଙ୍କ ସମେତ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ। ତେବେ କୌଣସି ସୁଫଳ ନମିଳିବାରୁ ସେମାନେ ରାସ୍ତା ରୋକପରି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଥିଲେ। ରାସ୍ତା ଅବରୋଧର ୩ ଘଣ୍ଟା ପରେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ଓ ବ୍ଲକ୍ ? ଯୋଗାଣ ନିରୀକ୍ଷକ ପ୍ରୀତୀଶ ସାମଲ ଘଟଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ସମିତି ସଭାପତି ବସନ୍ତ କୁମାର ନାୟକ, ଚାଷୀ ନେତା ମୁକ୍ତିକାନ୍ତ ନାୟକ, ରାଜନଗର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଆନନ୍ଦ ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ସୁଦର୍ଶନ ବିଶ୍ୱାଳ, ବିଚିତ୍ର ବଳ, ସନ୍ତୁ ଚରଣ ବିଶ୍ୱାଳ ପ୍ରମୁଖ ମଣ୍ଡିରେଥିବା ସମସ୍ୟା ଉପସ୍ଥାପନ କରିଥିଲେ। ଆଲୋଚନା ବେଳେ ପୀରହାଟ ଥାନା ଆଇଆଇସି ରୋଜାଲିନ ବେହେରା, ସମିତି ସମ୍ପାଦକ ମନୋରଞ୍ଜନ ବଳ, ପୂର୍ବତନ ସମ୍ପାଦକ ସୁଦର୍ଶନ ସ୍ୱାଇଁ, ପ୍ରଭାତ ବିଶ୍ୱାଳ, ସନାତନ ବାରିକ, ସୁବାସ ସ୍ୱାଇଁଙ୍କ ସମେତ ଚାଷୀମାନେ ଉପସ୍ଥିତ ଥିଲେ।

## ରାଜ୍ୟ ବନ୍ୟପ୍ରାଣୀ ପରିଷଦର ସ୍ଥାୟୀ କମିଟି ବୈଠକରେ ୬ ପ୍ରକଳ୍ପକୁ ସୁପାରିସ

ଭୁବନେଶ୍ୱର, (ପିପିଏସ୍): ରାଜ୍ୟରେ ବନ୍ୟପ୍ରାଣୀଙ୍କ ସଂରକ୍ଷଣ ଏବଂ ଏହି କ୍ଷେତ୍ରରେ ଉପୁଜିଥିବା ବିଭିନ୍ନ ସମସ୍ୟାର ସମୟୋପଯୋଗୀ ସମାଧାନ ପାଇଁ ଶୁକ୍ରବାର ରାଜ୍ୟ ବନ୍ୟପ୍ରାଣୀ ପରିଷଦରସ୍ଥାୟୀ କମିଟିର ୧୨ତମ ବୈଠକ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର କନଫରେନ୍ସ ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂ ଖୁଂଟିଆଙ୍କ ଅଧ୍ୟକ୍ଷତାରେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ସମ୍ପନ୍ନ ହୋଇଛି। ବନ୍ୟଜନ୍ତୁ ସଂଶୋଧନ ଅଧିନିୟମ (ସୁରକ୍ଷା) ୨୦୨୨ର ଧାରା-୬ (ଇ) ଅନୁଯାୟୀ ଗଠିତ ଏହି କମିଟି ବନ୍ୟପ୍ରାଣୀଙ୍କ ସମୃଦ୍ଧି ଏବଂ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ କାର୍ଯ୍ୟ କରୁଛି।

ଏହି ବୈଠକରେ ସମୁଦାୟ ଛଅଟି ବିକାଶମୂଳକ ପ୍ରସ୍ତାବ କମିଟି ସମ୍ମୁଖରେ



ଉପସ୍ଥାପିତ ହୋଇଥିଲା। ସେଥିମଧ୍ୟରୁ ତିନିଟି ପ୍ରସ୍ତାବ ଅନୁଗୁଳ ଏବଂ ମୟୂରଭଞ୍ଜ ଜିଲ୍ଲାରେ ପ୍ରସ୍ତାବିତ ମୁଖ୍ୟ ଜଳସେଚନ ପ୍ରକଳ୍ପ ସହିତ ଜଡ଼ିତ ଥିଲା। ଏହି ଜଳସେଚନ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ସ୍ଥାନୀୟ ଚାଷୀମାନେ ନିଶ୍ଚିତ ଜଳସେଚନ ସୁବିଧା ପାଇବା ସହ ଏହା ଗ୍ରାମୀଣ ଅଂଚଳର ସାମାଜିକ ଓ ଆର୍ଥିକ ବିକାଶରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହାସହ ସାତକୋଶିଆ, ଶିମିଳିପାଳ ଏବଂ ଚନ୍ଦକା-ଡମପଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟ ଭିତରେ ଓ ଏହାର ପାର୍ଶ୍ୱବର୍ତୀ ଅଂଚଳରେ ରହୁଥିବା ଗ୍ରାମବାସୀଙ୍କୁ ସୁରକ୍ଷିତ ପାନୀୟ ଜଳ ଯୋଗାଇବା ପାଇଁ ଅନ୍ୟ ତିନିଟି ପାନୀୟ ଜଳ ପ୍ରକଳ୍ପ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।

ବୈଠକ ଶେଷରେ, ବିସ୍ତୃତ ପର୍ଯ୍ୟାଲୋଚନା ପରେ କମିଟି ସମସ୍ତ ୬ଟି ଉନ୍ନୟନମୂଳକ ପ୍ରକଳ୍ପକୁ ସୁପାରିଶ କରିଛି। ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ବନ୍ୟପ୍ରାଣୀ ପରିଷଦର ଅଧ୍ୟକ୍ଷଙ୍କ ଅନୁମୋଦନ କ୍ରମେ ଏହି ପ୍ରସ୍ତାବଗୁଡ଼ିକୁ କେନ୍ଦ୍ର ସରକାରଙ୍କ କେନ୍ଦ୍ରୀୟ ବନ୍ୟପ୍ରାଣୀ ପରିଷଦ ନିକଟକୁ ଚୂଡ଼ାନ୍ତ ମଞ୍ଜୁରୀ ପାଇଁ ପ୍ରେରଣ କରାଯିବ। ଏହି ପଦକ୍ଷେପ ଦ୍ୱାରା ରାଜ୍ୟର ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ସହିତ ସ୍ଥାନୀୟ ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ପୂରଣ ହୋଇପାରିବ। ଏହି ବୈଠକରେ ବିଧାୟକ (ଭଟଲି) ଇରାଶିଷ ଆଚାର୍ଯ୍ୟ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ଡକ୍ଟର କେ. ମୁରୁଗେସନ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଏବଂ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରେମ କୁମାର ଝାଙ୍କ ସମେତ ପରିଷଦର ଅନ୍ୟାନ୍ୟ କମିଟି ସଦସ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଜୟପୁରରେ ରାଜ୍ୟ ମତ୍ସ୍ୟ ବିଭାଗର ସଚିବ

ଜୟପୁର: ରାଜ୍ୟ ସରକାରଙ୍କ ମତ୍ସ୍ୟ ଏବଂ ପଶୁଧନ ବିକାଶ ବିଭାଗର ସଚିବ ତଥା କୋରାପୁଟ ଜିଲ୍ଲା ନୋଡାଲ ସଚିବ ପ୍ରେମ ଚନ୍ଦ୍ର ଚୌଧୁରୀ ଦୁଇଦିନିଆ ଗସ୍ତ ଅବସରରେ କୋରାପୁଟ ଜିଲ୍ଲାର ଜୟପୁର ଉପଖଣ୍ଡ ଗସ୍ତ କରିଥିଲେ । ଆଜି ପୂର୍ବାହ୍ନରେ ସାଢେ ୧୦ ଟା ସମୟରେ ଜିଲ୍ଲା ନୋଡାଲ ସଚିବ ଶ୍ରୀ ଚୌଧୁରୀ ମୁଖ୍ୟମନ୍ତ୍ରୀ କିଶାନ ଯୋଜନା ଜୟପୁର ବ୍ଲକର ବାରିଣିପୁଟ ଠାରେ ନିର୍ମିତ ହୋଇଥିବା ବାୟୋପ୍ଲାଂଟ ଟାଙ୍କି ପରିଦର୍ଶନ କରିଥିଲେ ଓ ଜୟପୁର ପୌରସଂସ୍ଥା ପକ୍ଷରୁ ଗଡିଆ ଧୋବାସାହି ଏମସିସି ପ୍ଲାଣ୍ଟର ମଳ ଓ ଅଳିଆ ଆବର୍ଜନାରେ ନିର୍ମିତ ଖତ ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ କରିଥିଲେ ଓ ପାଲିଗୁଡଓ ସ୍ଥିତ ଗୋପାଳ ଗୋସେବା କେନ୍ଦ୍ରକୁ ଯାଇ ଗାଈ ମାନଙ୍କୁ କିଭଳି ରକ୍ଷଣାବେକ୍ଷଣ କରାଯାଉଛି ଏବଂ ପରିମଳ ବ୍ୟବସ୍ଥାର ସମୀକ୍ଷା କରିଥିଲେ । ଏହାପରେ ଜୟପୁର ଜିଲ୍ଲା ଚିକିତ୍ସାଳୟ ପରିଦର୍ଶନ କରିଥିବା ବେଳେ ସେଠାରେ ରହିଥିବା ବିଭିନ୍ନ ସମସ୍ୟା ବୁଲି ଦେଖିବା ସହିତ ଚିକିତ୍ସାଳୟରେ ଆବଶ୍ୟକ ପଦବୀ ଏବଂ ଯନ୍ତ୍ରପାତୀ ନେଇ ଚିକିତ୍ସାଳୟ କର୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ । ଏହିପରି ଚିକିତ୍ସାଳୟରେ ଦୁଇଟି ଅଲଟ୍ରାସାଉଣ୍ଡ ମେସିନ ରହିଥିଲେ ସୁଦ୍ଧା କେବଳ ଗର୍ଭବତୀ ମହିଳାଙ୍କୁ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ କରାଯାଉଥିବା ବେଳେ ଅନ୍ୟାନ୍ୟ ରୋଗପାଇଁ ଜିଲ୍ଲା ଚିକିତ୍ସାଳୟର ଅଲଟ୍ରାସାଉଣ୍ଡ ମେସିନ ବ୍ୟବହାର କରାଯାଉନଥିବା ସଚିବଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଏଥିନେଇ ଏକ ରିପୋର୍ଟ ଦେବାକୁ ଜିଲ୍ଲା ଚିକିତ୍ସାଳୟ କର୍ତୃପକ୍ଷଙ୍କୁ ନୋଡାଲ ଅଧିକାରୀ ଶ୍ରୀ ଚୌଧୁରୀ ନିର୍ଦ୍ଦେଶ ଦେଇଛନ୍ତି । ଜୟପୁର ସ୍ଥିତ କ୍ରୀଡା କମ୍ପ୍ଲେକ୍ସକୁ ଯାଇ ଏହାର ବିଭିନ୍ନ ବିଷୟ ଏବଂ କ୍ରୀଡା ପ୍ରଶିକ୍ଷଣ ଉପରେ ଜିଲ୍ଲା କର୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ । ଶ୍ରୀ ଚୌଧୁରୀଙ୍କୁ ଜୟପୁର ଠାରେ ଥିବା କ୍ରୀଡା କମ୍ପ୍ଲେକ୍ସଟିର ଉଚିତ ରକ୍ଷଣାବେକ୍ଷଣ କରାଯାଉନଥିବା ଯୋଗୁଁ ଏହାକୁ ଘରୋଇ କରଣ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା । ଏନେଇ ସେ ଉଚ୍ଚ କର୍ତୃପକ୍ଷଙ୍କ ସହ କଥା ହେବେ ବୋଲି ପ୍ରତିଶୃତି ଦେଇଥିଲେ । ସେଠାରୁ ଆମ୍ବାଗୁଡା ସରକାରୀ ଆ.ଟି.ଆଇ ପରିଦର୍ଶନ କରିଥିଲେ । ପୁଗ୍ରା ଗ୍ରାମ ଠାରେ ପହଞ୍ଚି ସେଠାରେ ପିଏମ ଏସୱାଇରେ ପୋଖରୀରେ ମାଛ ଚାଷ ଯୋଜନାର ପରିଦର୍ଶନ କରିଥିଲେ ଓ ନୋଡାଲ ସଚିବ ଶ୍ରୀ ଚୌଧୁରୀ ବୋରିଗୁମ୍ମା ଏବଂ କୋଟପାଡ ବ୍ଲକ ଗସ୍ତ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ, ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ବେଣୁଧର ଶବର, ଜିଲ୍ଲା ଚିକିତ୍ସାଳୟ ଅଧିକାରୀ ଡ. ଅକ୍ଷୟ ରଥ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡି. ଶିବସାଇ ସରୁପ ଏବଂ ଅନ୍ୟାନ୍ୟ ବିଭାଗିୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଜିଲ୍ଲାପାଳ ପ୍ରଥମେ ଆସି ବ୍ଲକ ଅଫିସ ସମ୍ମୁଖରେ ଥିବା ଗୋପବନ୍ଧୁ ଜରାନିବାସ ର ଅନ୍ତେବାସୀ ଛାତ୍ର ମାନଙ୍କୁ ଭେଟିବା ପରେ ପାଲିଗୁଡା ଗୋଶାଳା ଦେଖି ଖୁସି ପ୍ରକଟ କରିଥିଲେ କ୍ଷଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗସ୍ତରେ ଆସି ବିଭିନ୍ନ ବିଭାଗ ବୁଲି ଦେଖିବା ସହ ରୋଗୀଙ୍କ ସହ ଚିକିତ୍ସା ନେଇ ଆଲୋଚନା କରିବା ସହ ଉପସ୍ଥିତ ଡାକ୍ତର ମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ବିଶେଷ କରି ପୂର୍ବ ଅପେକ୍ଷା ଚିକିତ୍ସାଳୟରେ ଭିତିଭୂମି ସୁଧାର ଆସିଥିଲେ ସୁଦ୍ଧା ରୋଗୀ ଠିକସେ ସେବା ପାଉପରୁନଥିବା ଅଭିଯୋଗରେ କ୍ଷୋଭ ପ୍ରକାଶ କରିଥିଲେ । ଏପରିକି ଆଇସିୟୁ, ସିଟି ସ୍କାନ, ଆଲଟ୍ରା ସାଉଣ୍ଡ ପାଇଁ ଘରୋଇ ମେଡିକାଲ ଉପରେ ନିର୍ଭର କରୁଥିବା ଅଭିଯୋଗ ପରେ ଏହାକୁ ଗୁରୁତର ସହ ନେଇ କାର୍ଯ୍ୟକ୍ଷମ ନେଇ ଉପସ୍ଥିତ ଡାକ୍ତରଙ୍କୁ ପରାମର୍ଶ ଦେଇଥିଲେ । ଏହାସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତର ଘୋର ଅଭାବ ଦେଖା ଦେଇଛି । ଅନେକ ସମୟରେ ରୋଗୀ ଓ ରୋଗୀଙ୍କ ସଂପର୍କୀୟ ବେଶ ଅସୁବିଧାର ସମ୍ମୁଖିନ ହେଉଥିବା ନଜର ଆସିଛି । ଏପରି ଅନେକ ଅବ୍ୟବସ୍ଥାକୁ ନେଇ ସୁଧାର ଆଣିବା ଦିଗରେ କାର୍ଯ୍ୟ କରିବା ପାଇଁ ଉପସ୍ଥିତ ଡିଏମ୍‌ଓ ଓ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ସ୍ପୋର୍ଟସ କମ୍ପ୍ଲେକ୍ସ, ଗୋ ସାଲା, ଆମ୍ବାଗୁଡା ସ୍ଥିତ ଗୋପବନ୍ଧୁ ସରକାରୀ ଶିକ୍ଷ ତାଲିମ କେନ୍ଦ୍ର ପରିଦର୍ଶନ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରକ କରିଥିଲେ । ଜୟପୁର ଉପଖଣ୍ଡର ବିଭିନ୍ନ ଜୈବିକ ଖତ ପ୍ରସ୍ତୁତି କେନ୍ଦ୍ର ବୋରିଗୁମ୍ମା ବ୍ଲକ ର ଅନୁସୂଚିତ ଜାତି ଓଜନ ଜାତି ବିଭାଗ ର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିବା ସେଠାକାର ଶିକ୍ଷା ପଦ୍ଧତି କୁ ପରଖିବା ପାଇଁ ନବମ ଶ୍ରେଣୀ ପୁଙ୍କୁ ପାଠ ଉପରେ ପ୍ରଶ୍ନ ପାରିଲେ ,ଏବଂ ମଧାହ୍ନ ଭୋଜନ ଖାଇ ତାହାର ମାନ ପରଖିଛନ୍ତି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ କୋରାପୁଟ ଜିଲ୍ଲାରେ ବିଭନ୍ନ ବିଭାଗ ରେ ରହିଥିବା ସମସ୍ୟା ବିଷୟ ରେ ବୁଝିବା ପାଇଁ ମୋରପୁଟ ଜିଲାପାଳ ଏବଂ ଜିଲାର ସମସ୍ତ ବିଭାଗ ର ଅଧିକାରୀ ଙ୍କୁ ନେଇ ଏକ ବୈଠକ କରାଯିବ ଯେଉଁଠି ଯାହା ଅସୁବିଧା ରହୁଛି ସେସବୁ ର ସମାଧାନ କରାଯିବ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି ସଚିବ ପ୍ରେମ ଚନ୍ଦ୍ର ଚୌଧୁରୀ ।

# ବଲାଙ୍ଗିର ମ୍ୟୁନିସିପାଲିଟିରେ ଏଲ୍‌ପିଜି ସିଲିଣ୍ଡର କଳାବଜାର ବିରୋଧରେ ଏନ୍‌ଫୋର୍ସମେଣ୍ଟ ଟିମ୍‌ର କାର୍ଯ୍ୟାନୁଷ୍ଠାନ



ବଲାଙ୍ଗିର (ପିପିଏସ): ଘରୋଇ ଏଲପିଜି ସିଲିଣ୍ଡରର ବ୍ୟବସାୟିକ ଅବୈଧ ବ୍ୟବହାରକୁ ରୋକିବା ପାଇଁ ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶରେ ଏକ ବିଶେଷ ଏନ୍‌ଫୋର୍ସମେଣ୍ଟ ଦଳ ବଲାଙ୍ଗୀର ମ୍ୟୁନିସିପାଲିଟି ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଅତିରିକ୍ତ ଯୋଗାଣ ଅଧିକାରୀ ପୁଷ୍ପଲତା ଦାସ, ସହାୟକ ଯୋଗାଣ ଅଧିକାରୀ (ସଦର) ଶରତ ଚନ୍ଦ୍ର ରାଉତ, ସହାୟକ ଯୋଗାଣ ଅଧିକାରୀ (ସଦର ମହକୁମା) ପୀତବାସ ମଲ୍ଲିକ, ଯୋଗାଣ ନିରୀକ୍ଷକ ଦେଓଗାଁ, ବିଶ୍ୱଜିତ ରାଉତ, ଯୋଗାଣ ନିରୀକ୍ଷକ, ଗୁଡଭେଲା, ଦିବ୍ୟଶକ୍ତି ବେହେରା, ଯୋଗାଣ ନିରୀକ୍ଷକ ପୁଇଁନ୍ତଲା ତାପସ ତ୍ରିପାଠୀ,ଏମ୍‌ଆଇଆଇ ବଲାଙ୍ଗୀର ଜ୍ୟୋତି ପ୍ରକାଶ ଦାସଙ୍କୁ ନେଇ ଗଠିତ ଏହି ଦଳ ସକାଳ ୯ଟାରୁ ଯାଞ୍ଚ ଆରମ୍ଭ କରିଥିଲା । ଯାଞ୍ଚ ସମୟରେ ହୋଟେଲ ବ୍ଲୁ ଲାଗୁନରୁ ୫ଟି ଘରୋଇ ଏଲପିଜି ସିଲିଣ୍ଡର (୨ଟି ଅଧା ପୂର୍ଣ୍ଣ ଏବଂ ୩ଟି ଖାଲି) ଜବତ ହୋଇଥିଲା । ଏହି ମାମଲାର ତଦନ୍ତକାରୀ ଅଧିକାରୀ ଭାବେ ଗୁଡଭେଲାର ଯୋଗାଣ ନିରୀକ୍ଷକ ଥିଲେ । ସେହିପରି, କ୍ଲାସିକ୍ ହୋଟେଲରୁ ୩ଟି ଏଲପିଜି ସିଲିଣ୍ଡର (ଗୋଟିଏ ପୂର୍ଣ୍ଣ, ଗୋଟିଏ ଅଧା ପୂର୍ଣ୍ଣ ଏବଂ ଗୋଟିଏ ଖାଲି) ଜବତ କରାଯାଇଥିଲା । ଏହି ମାମଲାର ତଦନ୍ତକାରୀ ଅଧିକାରୀ ଭାବେ ବଲାଙ୍ଗୀର ମ୍ୟୁନିସିପାଲିଟିର ଯୋଗାଣ ନିରୀକ୍ଷକ ଥିଲେ । ଜବତ ସିଲିଣ୍ଡରଗୁଡିକୁ ଆଗାମୀ ତଦନ୍ତ ପାଇଁ ସମ୍ବନ୍ଧିତ ତଦନ୍ତକାରୀ ଅଧିକାରୀଙ୍କ ନିୟନ୍ତ୍ରଣରେ ରଖାଯାଇଛି । ଜିଲ୍ଲାଟ୍ର ପ୍ରଶାସନ ସଚେତନ କରିଛି ଯେ, ଘରୋଇ ଏଲପିଜି ସିଲିଣ୍ଡରକୁ ବ୍ୟବସାୟିକ କାର୍ଯ୍ୟରେ ବ୍ୟବହାର କରାଗଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ଆନ୍ତଃମହାବିଦ୍ୟାଳୟ ଖେଳ ପ୍ରତିଯୋଗିତା

ଜୟପୁର: ଜୟପୁର କ୍ରୀଡା କଂପ୍ଲେକ୍ସ ଠାରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆନ୍ତଃ ମହାବିଦ୍ୟାଳୟ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତା ଦୁଇଦିନ ଧରି ଚାଲିବ । ଆଜିର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଧକ୍ଷ ପିଜି କାଉନସିଲ ଡ. ପ୍ରଶାନ୍ତ କୁମାର ପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଡ. ରଞ୍ଜନ କୁମାର ପ୍ରଧାନ, ଡ. ସାଗରିକା ମିଶ୍ର, ସଚିନ କୁମାର ନାୟକ, ଲୋକେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଛାତ୍ର ଛାତ୍ରୀ ମାନଙ୍କ ମଧରେ ଲମ୍ବଡିଆଁ, ଉଚ୍ଚଡିଆଁ, ସଟପୁଟ ଥ୍ରୋ, ବିଭିନ୍ନ ଦେ?ଡ ପ୍ରତିଯୋଗୀତା, ରିଲେ ରେସ, ଅନୁଷ୍ଠିତ ହୋଇଥିଲା ।

# କୋଟଗଡ଼ରେ ବାଘ ଆତଙ୍କ !



କନ୍ଧମାଳ : କନ୍ଧମାଳ ଜିଲ୍ଲା କୋଟଗଡ ବ୍ଲକ ଅନ୍ତର୍ଗତ କଲୋନୀ ସାହି ନିକଟରେ ବାଘର ଗର୍ଜନ ଶୁଣିବା ସହିତ ସକାଳେ ପାଦ ଚ଼ିହ୍ନ ଲୋକେ ଦେଖିବାକୁ ପାଇଛନ୍ତି । ନବଜ୍ୟୋତି ହଷ୍ଟେଲର ରହୁଥିବା ଛାତ୍ରମାନେ ରାତି ପ୍ରାୟ ୧୦ଟା ସମୟରେରେ ବାଘର ଗର୍ଜନ ଶବ୍ଦ ଶୁଣି ଭୟଭିତ ହେଇଛନ୍ତି । ବାଘଟି ହଷ୍ଟେଲ ଆଡୁ ଆସି ପାଚେରୀ ଉପରେ ଲମ୍ଫ ଦେଇ ଭିତରକୁ ଯାଇଛି ବୋଲି ଛାତ୍ର ଏବଂ ଗ୍ରାମବାସୀ ମାନେ ପ୍ରକାଶ କରିଛନ୍ତି । ହଷ୍ଟେଲ ପଛପଟୁ ବାଘର ପାଦଚ଼ିହ୍ନ ସବୁ ରହିଛି । ଗ୍ରାମବାସୀ ଓ ଛାତ୍ର କହିବା ଅନୁଯାୟୀ ରାତିରେ ମାଙ୍କଡ଼ ମାନେ ଚିଲେଇବା ଓ କୁକୁର ମଧ ବହୁ ପରିମାଣରେ ଭୁକିଛନ୍ତି । ବାଘର ଶବ୍ଦ ମଧ ଲୋକେ ଶୁଣି ଥିବା କହିଛନ୍ତି । ଯାହା ଫଳରେ ଗ୍ରାମବାସୀ ମାନେ ଭୟଭିତ ହୋଇଛନ୍ତି ଏବଂ ହଷ୍ଟେଲ ପାଚେରୀ ସେପଟେ ନାଳ କୁ ଲୋକେ ଗାଧେଇବା ପାଇଁ ଯାନ୍ତି । ବାଘର ପାଦଚ଼ିହ୍ନ ଦେଖି ଲୋକେ ବହୁତ ଭୟଭିତ ହେଇଥାନ୍ତି । କୋଟଗଡ ରେଞ୍ଜର ଗୋପାଳ ବେହେରା ଙ୍କୁ ଲୋକେ ଖବର ଦେବା ପରେ ସଙ୍ଗେ ସଙ୍ଗେ ବନ ବିଭାଗର ଫରେଷ୍ଟର ଓ ତାଙ୍କର ସ୍ୱତନ୍ତ୍ର ଟିମ କୁ ଡାକି ଘଟଣା ସ୍ଥଳରେ ପହଂଚି ବାଘର ଗତିବିଧି ଓ ପାଦ ଚ଼ିହ୍ନ ଦେଖି ସ୍ୱତନ୍ତ୍ର କ୍ୟାମେରା ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଏବଂ କଲୋନୀ ସାହି, ହୋତା କଲୋନୀ , ଆମ୍ବେଦକର କଲୋନୀ , ନବଜ୍ୟୋତି ହଷ୍ଟେଲ ର ସମସ୍ତ ଲୋକଙ୍କୁ ସଚେତନା କରିଥିଲେ, ଯେ ରାତ୍ର ସମୟରେ ଘରୁ ଏକା ହୋଇ ନ ବାହାରି ଗ୍ରୁପ ହୋଇ ବାହାରିବା ଏବଂ ସନ୍ଧ୍ୟା ସମୟରେ ବାହାରେ ବୁଲା ବୁଲି ପାଇଁ ବାରଣ କରାଯାଇଛି । ଆମେ କ୍ୟାମେରା ଲଗାଇଛୁ ବାଘର ଗତିବିଧି ଉପରେ ନଜର ରଖାଯାଉଛି । ପ୍ରକୃତରେ ଯେଉଁ ପଶୁ ଗର୍ଜନ କରୁଛି ତାହା ବାଘ ଅନ୍ୟ କୌଣସି ପଶୁ ଜନ୍ତୁ ତାହା ଜଣାପଡିବ । ଯଦି ବାଘ ହୋଇଥାଏ ତାହେଲେ ଯଥାଶୀଘ୍ର ବାଘକୁ ଧରାଯିବ ବୋଲି ବନ ବିଭାଗ ସୂଚନା ଦେଇଛି ।

## ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବଲାଙ୍ଗିର(ପିପିଏସ୍) : ଦେଓଗାଁ ବ୍ଲକ ବଡ଼ବନ୍ଧ ଗାଁର ସପ୍ତେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଅବସରରେ ହେବାକୁ ଥିବା ୫୬ ପ୍ରହର ନାମଯଜ୍ଞ ଏବଂ ତୁଳସୀ ରାମାୟଣ, ନବାହ୍ନ ପାରାୟଣ ପାଇଁ ବୁଧବାର ଦିନ କଳସ ଶୋଭାଯାତ୍ରା ହୋଇଯାଇଛି । ତୁଳସୀ ରାମାୟଣ ନବାହ ପାରାୟଣ ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ଠାରୁ ଛପନ ପ୍ରହର ନାମଯଜ୍ଞ ଆରମ୍ଭ ହେବ । ଯଜ୍ଞରେ ବରିଷ୍ଠ ବିଜେଡି ନେତା ସୁଶୀଲ ଚାନ୍ଦ, ଧର୍ମପତ୍ନୀ ରଶ୍ମିତା ଚାନ୍ଦ କର୍ତା ଭାବେ ଦାୟିତ୍ୱ ତୁଲାଉଛନ୍ତି । ପାରାୟଣ ପାଇଁ କର୍ତା ଭାବେ ପଦ୍ମିନୀ ମେହେର ଓ ଯୁଗଳ କିଶୋର ମେହେର ଦାୟିତ୍ୱ ନେଉଥିବା ବେଳେ ନାମଯଜ୍ଞ ପାଇଁ ରୁପାଧାର ସେଠ୍ ଓ ସବିତା ସେଠ୍ କର୍ତା ଦାୟିତ୍ୱ ତୁଲାଇବେ । ପୂଜାର୍ଚ୍ଚନାରେ ବଡବନ୍ଧର ସୁଦର୍ଶନ ପୁରୋହିତ ଆଚାର୍ଯ୍ୟ ଦାୟିତ୍ୱ ନେଇଥିବା ବେଳେ ପାରାୟଣରେ ଭରସୁଜା ଡ. ମିଳନ ମିଶ୍ର ଦାୟିତ୍ୱ ନେବେ ।

# କାଲିମେଳା ବ୍ଲକରେ ମଣ୍ଡି ଅବ୍ୟବସ୍ଥା ରାଜରାସ୍ତା ଅବରୋଧକଲେ ଚାଷୀ

ମାଲକାନଗିରି : ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକରେ ପୁଣି ଚାଷୀ ଆନ୍ଦୋଳନ । ଧାନକିଣାକୁ ନେଇ ବ୍ଲକ ବ୍ୟାପୀ ଗୋଟିଏ ପରେ ଗୋଟିଏ ଅବ୍ୟବସ୍ଥା ସାମ୍ନାକୁ ଆସୁଥିବା ବେଳେ ବର୍ତମାନ ପୋଟେରୁ ଧାନ ମଣ୍ଡିରେ ଅବ୍ୟବସ୍ଥା ନେଇ ରାଜରାସ୍ତାକୁ ଆଜି ଓହ୍ଲାଇଛନ୍ତି ଚାଷୀ । ମଣ୍ଡିରେ ଟୋକନ ସମସ୍ୟା ସହ ଧାନ ବିକ୍ରି ହୋଇପାରୁନଥିବାରୁ ମାଲକାନଗିରି - ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥର ପୋଟେରୁ ବ୍ରିଜ ନିକଟରେ ରାସ୍ତା ଅବରୋଧ କଲେ ଆନ୍ଦୋଳନକାରୀ ଚାଷୀ । ଆନ୍ଦୋଳନ ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଯାନବାହାନ ଅଟକି ରହିଥିଲା । ମଣ୍ଡିରେ ଚାଷୀଙ୍କ ଟୋକନ୍ ରେ ବେପାରୀ ଧାନ କିଣି ମାଲେମାଲ ହେବା, ପ୍ରକୃତ ଚାଷୀ ଏଯାଏ ଧାନ ବିକି ନ ପାରିବା, ମିଲର୍ ଓ ପ୍ରଶାସନିକ ଅଧିକାରୀଙ୍କ ମଧରେ ମଧୁଚନ୍ଦ୍ରିକା, ବ୍ୟାପକ କଟନୀ ଛଟନୀ ଭଳି ଯାବତୀୟ କେଳେଙ୍କାରୀ ଅବ୍ୟବସ୍ଥା ନେଇ ଚାଷୀ ଅସନ୍ତୋଷ ଦେଖାଦେଇଛି । ଖବର ପାଇ କାଲିମେଳା ପୋଲିସ ଓ କାଲିମେଳା ଯୋଗାଣ ନୀରିକ୍ଷକ ଚିନ୍ମୟ ସାହୁ ଘଟଣାସ୍ଥଳରେ ପହଂଚି ଚାଷୀଙ୍କ ସହ ଆଲୋଚନା କରିବା ପରେ ରାସ୍ତା ଅବରୋଧ ହଟିଥିଲା ।

# ଭାରତ ମାତା ପୂଜନ ସମିତି ପକ୍ଷରୁ ହିନ୍ଦୁ ନବବର୍ଷ ପାଳିତ



ବଲାଙ୍ଗୀର(ପିପିଏସ୍) : ଭାରତ ମାତା ପୂଜନ ସମିତି ବଲାଙ୍ଗିର ଦ୍ୱାରା ଆଜି ମାର୍ଚ୍ଚ ୧୯ ତାରିଖ ଚୈତ୍ର ଶୁକ୍ଳ ପ୍ରତିପଦା ହିନ୍ଦୁ ନବବର୍ଷ ପାଳନ ଅବସରରେ ଆଜି ସମସ୍ତ ହିନ୍ଦୁ ସଂଗଠନ ସହିତ ସ୍ଥାନୀୟ ଗୋପାଳଜୀ ମନ୍ଦିର ପ୍ରାଙ୍ଗଣ ରେ ହିନ୍ଦୁ ନବବର୍ଷ ପାଳନ କରାଯାଇଚି । ମୁଖ୍ୟ ଅତିଥି ଭାବରେ ବଲାଂଗିର ସରକାରି ମହିଳା ମହାବିଦ୍ୟାଳୟ ଅଧକ୍ଷ ଅରବିନ୍ଦ ଓଝା ଓ ବକ୍ତା ଭାବରେ ଘନଶ୍ୟାମ ପାଧାନ ଯୋଗଦେଇ ଥିଲେ । ସମ୍ମାନୀତ ଅତିଥଭାବେ କବି ଶ୍ରୀମତୀ ନିରୁପମା ଉଦଗାତା ଯୋଗ ଦେଇ ଥିଲେ ନବବର୍ଷ ର କବିତା ଆବୃତ୍ତି କରିଥିଲେ । ପୂର୍ବରୁ ସନ୍ଧ୍ୟା ୬.୩୦ ରେ ଭାରତ ମାତା ପୂଜନ ହୋଇ ଆଳତି ହୋଇଥଲା । ସାମୂହିକ ଭାବରେ ହନୁମାନ ଚାଳିଶା ପାଠ କରାଯାଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ସମସ୍ତଙ୍କ ପାଇଁ ସହଭୋଜ ରେ ପ୍ରସାଦ ସେବନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ହିନ୍ଦୁ ସଂଗଠନ ସଦସ୍ୟ ସମେତ ବିଭିନ୍ନ ମହିଳା ଅନୁଷ୍ଠାନ ର ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ ।

## ମ୍ୟାଲେରିଆରେ ସିଆର୍‌ପିଏଫ୍ ଯବାନଙ୍କ ମୃତ୍ୟୁ



ରାୟଗଡ଼ା(ପିପିଏସ୍) : ଗ୍ରୀଷ୍ମଋତୁ ଆରମ୍ଭରେ ମ୍ୟାଲେରିଆ କାୟା ମେଲାଇଛି । ରାୟଗଡ଼ା ଏକ ମ୍ୟାଲେରିଆ ପ୍ରବଣ ଜିଲ୍ଲା । ବର୍ତ୍ତମାନ ଜଣେ ସିଆରପିଏଫ ଯବାନ ଏଥର ମ୍ୟାଲେରିଆ ଶିକାର ହୋଇଛନ୍ତି । ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରିଛନ୍ତି ଯବାନ । ମୃତ ଯବାନ ହେଲେ ପି. ଭୁବନେଶ୍ୱରନ୍ ଏବଂ ତାଙ୍କ ଘର ତାମିଲନାଡୁ ରାଜ୍ୟ କୋଏମ୍ବାଟୁର ଜିଲ୍ଲା ଭାଲାଇଓର ଠାରେ । ମିଳିଥିବା ସୂଚନାନୁସାରେ, ଗତ କିଛିଦିନ ହେବ ଭୁବନେଶ୍ୱରନ୍ ମ୍ୟାଲେରିଆ ଆକ୍ରାନ୍ତ ହୋଇଥିଲେ । ତେବେ ଗତ ଦୁଇ ଦିନ ହେବ ତାଙ୍କ ଅବସ୍ଥା ଗୁରୁତର ରହିଥିଲା । ଆଜି ଅଧିକ ଅସୁସ୍ଥ ହେବାପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆଣିଥିଲେ ଅନ୍ୟ ସାଥୀ ଯବାନ । ତେବେ ଚିକିତ୍ସାଧୀନ ଅବସ୍ଥାରେ ସକାଳୁ ସେ ଆଖି ବୁଝିଥିଲେ । ଭୁବନେଶ୍ୱରନ୍ ମୃତ୍ୟୁ ପରେ ସିଆରପିଏଫ ଚତୁର୍ଥ ବାଟାଲିୟନ ରାୟଗଡ଼ା ସ୍ଥିତ ମୁଖ୍ୟାଳୟରେ ଶୋକର ଛାୟା ଖେଳିଯାଇଛି । କମାଣ୍ଡଣ୍ଟ, ଡେପୁଟି କମାଣ୍ଡଣ୍ଟ ସମେତ ସମସ୍ତ ଯବାନ ଗଭୀର ଶୋକ ପ୍ରକାଶ କରିଛନ୍ତି । ଭୁବନେଶ୍ୱରନ୍ ଶବକୁ ତାଙ୍କ ଘରକୁ ପଠାଯାଇଥିବା ସୂଚନା ମିଳିଛି ।

## ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ



ଦେବଗଡ଼(ପିପିଏସ୍) : ରିଆମାଳସ୍ଥିତ ସରସତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରମୋଦ କୁମାର ପ୍ରଧାନ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସଦାନନ୍ଦ ସାହୁ ଯୋଗ ଦେଇଥିଲେ । ପ୍ରଧାନଆଚାର୍ଯ୍ୟ ଯୁଧିଷ୍ଠିର ସାହୁ ଅତିଥି ପରିଚୟ ଦେଇଥିବାବେଳେ ବିରଜା ପ୍ରସାଦ ନନ୍ଦ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ । ବିଦ୍ୟାମନ୍ଦିରର ଗୁରୁଜୀ ଗୁରୁମାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସୁଚାରୁରୂପେ ସମ୍ପାଦିକ ହୋଇଥିଲା । ସମ୍ପାଦକ ଧୀରେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିପୁଳ ମଦ ଜବତ, ୨ ଗିରଫ

ଝାରସୁଗୁଡ଼ା : ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଝାରସୁଗୁଡ଼ା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ ସହ ଦୁଇଟି ପୃଥକ ମାମଲା ରୁଜୁ କରାଯାଇଛି । ଏହି ଅଭିଯାନରେ ବିପୁଳ ପରିମାଣର ବେଆଇନ ମଦ ଜବତ କରାଯିବା ସହ ଜଣେ ପୁରୁଷ ଓ ଜଣେ ମହିଳାଙ୍କୁ ଗିରଫ କରାଯାଇଛି । ବେଲପାହାଡ଼ ଅବକାରୀ ବିଭାଗ ପକ୍ଷରୁ ବର୍ଡାପ ଗ୍ରାମରେ ଚଢ଼ାଉ କରାଯାଇଥିଲା । ଏହି ସମୟରେ ୧୬ ଲିଟର ଦେଶୀ ରନ୍ଧା ମଦ ସହ ଏକ ସ୍କୁଟି ମଧ ଜବତ ହୋଇଛି । ଏହି ଘଟଣାରେ ସଂସାର କାନ୍ତ ନାମକ ଜଣେ ବ୍ୟକ୍ତିକୁ ଗିରଫ କରାଯାଇଛି । ସେହିପରି ଝାରସୁଗୁଡ଼ା ଅବକାରୀ ବିଭାଗ ପକ୍ଷରୁ ବ୍ରଜରାଜନଗର ଥାନା ଲମଟିବାହାଲ ଅଞ୍ଚଳରେ ଅତର୍କିତ ଚଢ଼ଉବେଳେ ୧୭ ଲିଟର ଓ.ଏସ. ମଦ ଜବତ କରାଯାଇଛି । ଏହି ଘଟଣାରେ ଗୁଡ଼ି ଯାଦବ ନାମକ ଜଣେ ମହିଳାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

# ଗ୍ରୀଷ୍ମପ୍ରବାହ ମୁକାବିଲା ନେଇ ଜିଲ୍ଲାସ୍ତରୀୟ ପ୍ରସ୍ତୁତି

କେନ୍ଦୁଝର: ଆଗାମୀ ଏପ୍ରିଲ ଓ ମେ ମାସରେ ପ୍ରବଳ ଗ୍ରୀଷ୍ମ ପ୍ରବାହର ଆଶଙ୍କାକୁ ଦୃଷ୍ଟିରେ ରଖି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ଗାଇଡଲାଇନ୍ ଅନୁଯାୟୀ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ କେନ୍ଦୁଝର ଜିଲ୍ଲାପାଳଙ୍କ ବିଶାଳ ସିଂହଙ୍କ ଅଧକ୍ଷତାରେ ଏକ ଜିଲ୍ଲାସ୍ତରୀୟ ଜରୁରୀକାଳୀନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକର ମୁଖ୍ୟ ନିଷ୍ପତ୍ତି ମୁତାବକ ସକାଳ ୧୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଖରାରେ ଚଳପ୍ରଚଳ ଓ ଶ୍ରମିକ କାର୍ଯ୍ୟ ବନ୍ଦ । ମଧାହ୍ନ ସମୟରେ ବିଦ୍ୟୁତ କାଟ୍ ନିଷେଧ । ଜିଲ୍ଲାରେ ୨୪/୭ ନିୟନ୍ତ୍ରଣ କକ୍ଷଖୋଲା ଯିବାକୁ ବୈଠକରେ ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି ଯେ, ଜିଲ୍ଲାରେ ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟାକୁ ଶୂନ୍ୟ ରଖିବା ପ୍ରଶାସନର ପ୍ରଥମ ଦାୟିତ୍ୱ । ଏଥିପାଇଁ ସକାଳ ୧୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ କୌଣସି ପରିବହନ ସେବା, କିମ୍ବା ଖଣି ଓ ନିର୍ମାଣ ଶ୍ରମିକଙ୍କ କାର୍ଯ୍ୟ ଜାରି ରହିବ ନାହିଁ । ଯାତ୍ରୀବାହୀ ବସଗୁଡ଼ିକରେ ଡ୍ରାଇଭର ଓ ଯାତ୍ରୀଙ୍କ ସୁରକ୍ଷା ପାଇଁ କୁଲିଂ ବ୍ୟବସ୍ଥା ଓ ଜଳ ସଂରକ୍ଷଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସ୍କୁଲରେ ପିଲାଙ୍କ ସୁରକ୍ଷା ପାଇଁ ସକାଳୁଆ ସ୍କୁଲ ନିୟମ ପାଳନ କରିବାକୁ କୁହାଯାଇଛି । ଜିଲ୍ଲାର ସମସ୍ତ ବ୍ଲକ, ମୁନିସିପାଲିଟି ଏବଂ ଜଳକ୍ଲିଷ୍ଟ ଅଂଚଳରେ ପର୍ଯ୍ୟାପ୍ତ ଜଳଛତ୍ର ଓ ବନ୍ଦ ରହିଥିବା ବିଶ୍ରାମାଗାର ଖୋଲିବାକୁ କୁହାଯାଇଛି । ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ଅଚଳ ନଳକୂପ ଗୁଡ଼ିକର ତୁରନ୍ତ ମରାମତି ଏବଂ ପାଇପ୍ ଲାଇନକୁ ୨୪ ଘଂଟା ମଧରେ ଠିକ୍ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବନ୍ୟଜନ୍ତୁଙ୍କ ପାଇଁ ଜଙ୍ଗଲ ମଧରେ ପାଣିର ବ୍ୟବସ୍ଥା କରିବାକୁ ବନ ବିଭାଗକୁ ଦାୟିତ୍ୱ ଦିଆଯାଇଛି । ଅଂଶୁଘାତ ରୋଗୀଙ୍କ ପାଇଁ ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱତନ୍ତ୍ର ବେଡ୍, ଏସି ଓ କୁଲର ସୁବିଧା ସହ ଜୀବନ ରକ୍ଷାକାରୀ ଔଷଧ ଓ ଓଆରଏସ ପ୍ୟାକେଟ୍ ପ୍ରସ୍ତୁତ ରଖିବାକୁ ଜିଲ୍ଲାପାଳ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଏହି ପ୍ରସ୍ତୁତି ବୈଠକ ରେ ଜିଲ୍ଲାପାଳଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ,ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ରକୁମାର ପ୍ରଧାନ, ଡିଏଫଓ ଏଚ. ଡି. ଧନରାଜ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଜିଲ୍ଲାପାଳଅଧିକାରୀ ଶ୍ରୀ କୁମାର ନାଗଭୂଷଣ, ଉପଜିଲ୍ଲାପାଳ କେନ୍ଦୁଝର ଉମାକାନ୍ତ ଦଳାଇ, ଉପଜିଲ୍ଲାପାଳ ଚମ୍ପୁଆ ଉମାକାନ୍ତ ପରିଡା, ଉପଜିଲ୍ଲାପାଳ ଆନନ୍ଦପୁର ନୀଳମାଧ୍ୱ ସୁନା, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଅଭିଳାଷ ପୁରୋହିତ, ଜିଲ୍ଲା ସୂଚନା ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ ଏବଂ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଅସହାୟ ବୃଦ୍ଧ ଦମ୍ପତିଙ୍କ କୁଡ଼ିଆ ଘରେ ଜିଲ୍ଲାପାଳ

ସୁବର୍ଣ୍ଣପୁର: ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ବାବୁପାଲି ପଂଚାୟତର ଅପହଂଚ ଗାଁ ପଲସା ପାଲିର ଅସହାୟ ବୃଦ୍ଧ ଦମ୍ପତିଙ୍କ ପାଖରେ ପହଂଚିଲେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପରାଜ ସାହୁ । ବୃଦ୍ଧବୃଦ୍ଧାଙ୍କ ସହ କୁଡ଼ିଆ ଭିତରେ ତଳେ ବସି ସବୁ ସମସ୍ୟା ବୁଝିଥିଲେ । ଦୀର୍ଘ ୪୦ ବର୍ଷରୁ ଏହି ବୃଦ୍ଧ ଦମ୍ପତି ରହି ଆସୁଥିବା ଝାଟି ମାଟି ରେ ତିଆରି ହୋଇଥିବା ଭଙ୍ଗା ଘର ବା ରହିବା ଜାଗା ଦେଖି ଓ ପ୍ରଶାସନ ପହଂଚି ନଥିବା ଜାଣି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଭଲରେ ଶୁଣି ପାରୁ ନ ଥିବା ଅସୁସ୍ଥ ବୃଦ୍ଧବୃଦ୍ଧାଙ୍କ ସବୁ ଦୁଃଖ ଶୁଣିଥିଲେ ଜିଲ୍ଲାପାଳ ଓ ତାଙ୍କ ମାନସିକ ରୋଗଗ୍ରସ୍ତ ପୁଅର ଚିକିତ୍ସା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସୁବିଧା ସହ ରହିବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଘର ଯୋଗାଇ ଦେବାକୁ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ । ଜିଲ୍ଲାପାଳଙ୍କ ଆଜିର ଏହି ମହନୀୟ କାର୍ଯ୍ୟକୁ ବିନିକା ଅଂଚଳ, ସାରା ଜିଲ୍ଲା ତଥା ରାଜ୍ୟରେ ପ୍ରଶଂସା କରାଯାଇଛି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ନବବର୍ଷ ପାଳିତ

କେନ୍ଦୁଝର: ଅଦ୍ୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସ୍ୱର୍ଣ୍ଣକ୍ଷେତ୍ର, ଗଦଗଦି, ଉଦୟପୁରଠାରେ ଭାରତୀୟ ନବବର୍ଷ ଆନନ୍ଦ ଉଲ୍ଲାସର ସହିତ ପାଳନ କରାଯାଇଛି । ଯୁଗାବ୍ଦ ୫୧୨୮ ଚୈତ୍ର ଶୁକ୍ଳ ପ୍ରତିପଦା ତିଥିରେ ପାଳିତ ହୋଇଥିବା ଏହି ଉତ୍ସବରେ ବିଦ୍ୟାଳୟର ପ୍ରାକ୍ତନ ସମ୍ପାଦକ ହେମନ୍ତ କୁମାର ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇ ହିନ୍ଦୁ ନବବର୍ଷ ପାଳନ ଓ ହିନ୍ଦୁ କାଳ ଗଣନା ପଦ୍ଧତି ସମ୍ପର୍କରେ ଆଲୋଚନା କରିଥିଲେ । ଗୁରୁଜୀ ସନାତନ ମହାନ୍ତ ଭାରତୀୟ ନବବର୍ଷ ପାଳନ ଓ ଏହାର ବୈଜ୍ଞାନିକତା ସମ୍ପର୍କରେ ସାର ଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ । ଆଚାର୍ଯ୍ୟ ଦଶରଥ ମହାନ୍ତ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଗୁରୁଜୀ ଶ୍ରୀକାନ୍ତ ମହାନ୍ତ । ଶିଶୁ ଭଉଣୀ ଊର୍ମିଳା ମହାନ୍ତ ସୁଲଳିତ କଣ୍ଠରେ ବ୍ୟକ୍ତିଗତ ଗୀତ ଗାନ କରିଥିଲେ । ପ୍ରଧାନଆଚାର୍ଯ୍ୟ ପୁରୁଜିତ୍ ମୁନି ଭାରତ ବର୍ଷର ପ୍ରାଚୀନତା ଓ ପାଶ୍ଚାତ୍ୟ ସଭ୍ୟତା ସମ୍ବନ୍ଧରେ ଆଲୋକପାତ କରିଥିଲେ । ସଭାରେ ସଭାପତିତ୍ୱ କରିଥିବା ଶିଶୁ ବିଦ୍ୟା ମନ୍ଦିରର ଉପ ସଭାପତି ସନାତନ ପଲେଇ ନବବର୍ଷ ଅବସରରେ ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । ଗୁରୁମା ପ୍ରତିଭା ଦାସ ଓ ଗୁରୁଜୀ ସନ୍ତୋଷ କୁମାର ମହାନ୍ତ ସଂଯୋଜନା କାର୍ଯ୍ୟ ତୁଲାଇଥିଲେ । ସଭାରେ ଉପସ୍ଥିତ ଥିଲେ ପୂର୍ବତନ କୋଷାଧକ୍ଷ ତରଣୀ ସେନ ମହାନ୍ତ । ସମସ୍ତ ଗୁରୁଜୀ ଗୁରୁମା ଓ ସେବକ ସେବିକା ମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା ।

# ଉତ୍କଳ ଦିବସ ପାଳନ ପ୍ରସ୍ତୁତି ବୈଠକ

ଜୟପୁର: ଜୟପୁର ଠାରେ ଉତ୍କଳ ଦିବସ ପାଳନ ନେଇ ଉତ୍କଳ ସମ୍ମିଳନୀ ପକ୍ଷରୁ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀର କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ଆୟୋଜିତ ଏହି ବୈଠକରେ ପୌରୋହିତ୍ୟ କରିଥିଲେ ସଭାପତି ମଦନ ମୋହନ ନାୟକ । ସ୍ଥାନୀୟ ଯାଦବ ଭବନରେ ଆୟୋଜିତ ଏହି ବୈଠକରେ ସଂପାଦକ ନବୀନ ମାଦଳା ଗତ ବର୍ଷ ପରି ରାଜାନଗର ଠାରେ ଏହି ଦିବସ ପାଳନ ନେଇ ପ୍ରସ୍ତାବ ଦେଇଥିଲେ । ଏଥିରେ ସମସ୍ତେ ସହମତି ପ୍ରକାଶ କରିଥିଲେ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପୁରୋଧା ମାନଙ୍କ ପ୍ରତିମୂର୍ତ୍ତି ଗୁଡ଼ିକରେ ପୂର୍ବାହ୍ନରେ ପୁଷ୍ପମାଲ୍ୟ ଅର୍ପଣ କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇଥିବା ବେଳେ ସଂନ୍ଧ୍ୟା ୬ଟାରୁ ୮ ଘଂଟା ମଧରେ ରାଜାନଗରରେ ସାଧାରଣ ସଭା କରାଯିବାକୁ ମତ ପ୍ରକାଶ ପାଇଥିଲା । ଏଥିରେ ସାଂସ୍କୃତିକ ଅନୁଷ୍ଠାନ ସ୍ୱର ଘୁଙ୍ଗୁରର ସହାୟତା ନେବାକୁ ସମସ୍ତ କର୍ମକର୍ତା ମତ ପ୍ରକାଶ କରିଥିଲେ । ଆଜିର ପ୍ରସ୍ତୁତି ବୈଠକରେ ଡାକ୍ତର ସୁଦର୍ଶନ ଗୌଡ଼, କବିରାଜ ପରମେଶ୍ୱର ପାତ୍ର, ବାଲା ରାୟ, ମିନ କେତନ ପରିଛା, ଚନ୍ଦ୍ରକାନ୍ତ ସୂତାର, ସତ୍ୟ ନାରାୟଣ ପରିଛା ଯୋଗ ଦେଇଥିବା ବେଳେ ଉପସଭାପତି ରାଜେନ୍ଦ୍ର କୁମାର ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶାନ୍ତି କମିଟି ବୈଠକ

କେନ୍ଦୁଝର: ହିନ୍ଦୁ ନବବର୍ଷ, ଇଦ୍ ଓ ରାମନବମୀ ଉପଲକ୍ଷେ ବଡ଼ବିଲ ଥାନା ପ୍ରାଙ୍ଗଣରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । କେନ୍ଦୁଝର ଜିଲ୍ଲାର ଖଣିଜ କ୍ଷେତ୍ର ବଡ଼ବିଲ ପୌରାଂଚଳ ତଥା ବଡ଼ବିଲ ଥାନା ଅନ୍ତର୍ଗତ ହିନ୍ଦୁ ନବବର୍ଷ, ଇଦ୍ ଓ ରାମନବମୀ ଉପଲକ୍ଷେ ବଡ଼ବିଲ ଥାନା ପ୍ରାଙ୍ଗଣରେ ବଡ଼ବିଲ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଦେବେନ୍ଦ୍ର ନାଥ ପିଙ୍ଗୁଆଙ୍କ ଅଧକ୍ଷତାରେ ଓ ବଡ଼ବିଲ ଥାନା ଅଧିକାରୀ ଅଶୋକ କୁମାର ନାୟକ ଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । କିପରି ଏହି ଦିନଗୁଡିକ ସୌହାର୍ଦ୍ଦ୍ୟ ପୂର୍ଣ୍ଣ ପରିବେଶରେ ଭାଇଚାରା ସହକାରେ ପାଳନ କରାଯାଇ ପାରିବ ଓ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ବଜାଇ ରଖିବାକୁ ଏହି ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିବା ନେଇ ସୂଚନା । ବଡ଼ବିଲ ସହର୍ ଏକ ଭାଇ ଚାରାର ସହର ଓ ଏହାର ଚତୁର୍ପାର୍ଶ୍ୱ ଖଣିଜ ସମ୍ପଦରେ ଅଞ୍ଚଳ ହୋଇଥିବାରୁ ଏଠାକାର ସ୍ଥାୟୀ ବାସିନ୍ଦା ମାନଙ୍କ ସହ ଦେଶର ବିଭିନ୍ନ ପ୍ରାନ୍ତରୁ ଲୋକେ ଆସି ରହିଛନ୍ତି ଏଠାରେ ସବୁ ସମ୍ପ୍ରଦାୟର ଲୋକେ ବସବାସ କରୁଥିବା ବେଳେ ସମସ୍ତ ପର୍ବ ପର୍ବାଣୀ କୁ ଅତି ହର୍ଷ ଉଲ୍ଲାସ ସହକାରେ ପାଳନ କରାଯାଉଥିବା ଦେଖିବାକୁ ମିଳେ । ପୂର୍ବପରି ଶାନ୍ତିଶୃଙ୍ଖଳା ବଜାୟରଖି କିପରି ଏକ ଶୌହାର୍ଦ୍ଦ୍ୟ ପୂର୍ଣ୍ଣ ପରିବେଶରେ ଭାଇଚାରା ର ସହ ଏହି ପର୍ବ ଗୁଡିକ ପାଳନ କରାଯିବ ତାକୁ ନେଇ ସମସ୍ତ ସମ୍ପ୍ରଦାୟର ଲୋକଙ୍କୁ ନେଇ ଏହି ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିବା ବଡ଼ବିଲ ଥାନା ଅଧିକାରୀ ଅଶୋକ କୁମାର ନାୟକ ସୂଚନା ଦେଇଛନ୍ତି । ଏହି ଅବସରରେ ଉପସ୍ଥିତ ସମସ୍ତ ବର୍ଗର ଲୋକେ ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରିବା ନିମନ୍ତେ ସହମତି ପ୍ରକାଶ କରିଥିଲେ ।

# ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର

ନୂଆପଡ଼ା: ନୂଆପଡ଼ା ଜିଲ୍ଲା ଖଡ଼ିଆଳସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଇତିହାସ ବିଭାଗ ଦ୍ୱାରା 'ଭାରତୀୟ ଭାଷା, ଜ୍ଞାନ ପରମ୍ପରା, ବିଜ୍ଞାନ ଏବଂ ଆନ୍ତଃବିଦ୍ୟା ପରିସରର ପୁନଃମୂଲ୍ୟାୟନ' ଶୀର୍ଷକରେ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ତଥା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଅକ୍ଷୟ କୁମାର ସାହୁ ଏଥିରେ ସଭାପତିତ୍ୱ କରିବା ସହିତ ଭାରତୀୟ ଜ୍ଞାନ ପରମ୍ପରା ଓ ବିଜ୍ଞାନ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବରେ ଡକ୍ଟର ଫଣିନ୍ଦମ ଦେଓ ଯୋଗଦେଇ ଭାରତୀୟ ଜ୍ଞାନ ପରମ୍ପରା, ଭାଷା ଓ ସଂସ୍କୃତିର ପୁନର୍ମୂଲ୍ୟାୟନ ସଂପର୍କରେ ଅବଗତ କରାଇଥିଲେ । ବିଷୟ ବିଶେଷଜ୍ଞ ଭାବରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଅତୁଲ ପ୍ରଧାନ ଯୋଗଦେଇ ଭାରତୀୟ ଭାଷା, ସଂସ୍କୃତି ଏବଂ ବିଜ୍ଞାନ: ହରପ୍ପା ସଭ୍ୟତାରୁ ବୈଦିକ ଯୁଗ ପର୍ଯ୍ୟନ୍ତ ବିଷୟରେ ଆଲୋଚନା କରିଥିଲେ । ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ସହକାରୀ ପ୍ରଫେସର ଡକ୍ଟର ନଳିନୀକାନ୍ତ ରଣା ଭାରତୀୟ ଜ୍ଞାନ ପରମ୍ପରାରେ ନିରନ୍ତରତା ଏବଂ ପରିବର୍ତନ: ପ୍ରାକ୍ ଐତିହାସିକ ଜୀବିକା ନିର୍ବାହଠାରୁ ମୃତିକା ପାତ୍ର ନିର୍ମାଣ କଳା ପର୍ଯ୍ୟନ୍ତ ବିଷୟରେ, ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ରଣବୀର ସିଂ ଭାରତୀୟ ପ୍ରତ୍ନତତ୍ତ୍ୱ ଓ ପ୍ରତ୍ନମାପବିଜ୍ଞାନ ବିଷୟରେ ଏବଂ ସରକାରୀ ମହାବିଦ୍ୟାଳୟ ବଲାଙ୍ଗିରର ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଶ୍ରୀକାନ୍ତ କୁମାର ବାରିକ ଓଡ଼ିଆ ଭାଷାର ଶାସ୍ତ୍ରୀୟ ଉତ୍ସ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଆଲୋଚନାଚକ୍ରର ଆବାହକ ଅଧାପକ କୁନାଲ କୁମାର ବାଗ ଏହି ସମ୍ମାନ ତଥା କର୍ମଶାଳାର ଆଭିମୁଖ୍ୟ ଓ ଅଭିଲକ୍ଷ୍ୟ ସଂପର୍କରେ ବିସ୍ତୃତ ଭାବରେ ଅବଗତ କରାଇଥିଲେ । ଅଧାପକ ଟିକେଶ୍ୱର ରଣା ଅତିଥି ପରିଚୟ ପ୍ରଦାନ କରିଥିଲେ । ସହକାରୀ ପ୍ରଫେସର ଡକ୍ଟର ସୁବାସ ବିଶ୍ୱାଳ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଭାରତୀୟ ଆଦିବାସୀ ଜୀବନ ଓ ସଂସ୍କୃତି ଉପରେ ଆଧାରିତ ଡକ୍ଟର ପରମତାପ ପ୍ରଧାନ ଏବଂ ଡକ୍ଟର ଶ୍ରୀକାନ୍ତ କୁମାର ବାରିକଙ୍କ ଦ୍ୱାରା ସଂପାଦିତ ପୁସ୍ତକ ଲୋକାର୍ପିତ ହୋଇଥିଲା । ପ୍ରଫେସର ଅତୁଲ ପ୍ରଧାନ ପ୍ରାଚୀନ କାଳର ମୂଲ୍ୟବାନ ପ୍ରସ୍ତର ଏବଂ ତା'ର ବ୍ୟାବହାରିକ ଦିଗ ସମ୍ପର୍କରେ ପ୍ରଶିକ୍ଷଣ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ତଥା ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଗବେଷକ ଗବେଷିକା ଉପସ୍ଥିତ ରହି ପୋଷ୍ଟର ଉପସ୍ଥାପନା କରିଥିଲେ । ଶେଷରେ ଅଧାପକ ଜସ୍ମିନ ନିଆଲ ଧନ୍ୟବାଦ ଅର୍ପଣ କରିଥିଲେ ।

ଯଦି ଅତ୍ୟାଚାର କରୁଥିବା ବ୍ୟକ୍ତି ବା ଦଳକୁ ଯଥୋଚିତ ଶାସ୍ତି ନ ମିଳୁଛି ତେବେ ଅତ୍ୟାଚାରିତ ପ୍ରତିଶୋଧ ନେବା ପାଇଁ ବାଟ ଖୋଜିବ । ପୁଣି ଏମାନଙ୍କୁ ଦମନ କରିବାକୁ ପୋଲିସ୍ ଦୌଡ଼ିବେ । ଆଜି ଯାହାକୁ ଚପାଇ ଦିଆଯାଉଛି କାଲି ସେ ଓଲଟି ପ୍ରତିଶୋଧ ନେବ ।

-ଡକ୍ଟର ହରେକୃଷ୍ଣ ମହତାବ
(ଗାଁ ମଜଲିସ୍, ୫ମ ଖଣ୍ଡ, ପୃଷ୍ଠା-୧୧୭)

ପ୍ରଜାତନ୍ତ୍ର
ତା ୨୧।୦୩।୨୦୨୬ ■ ଶନିବାର

## ସପ୍ତାହାନ୍ତ ବିଚାର

# ଏନ୍‌ସିଇଆର୍‌ଟି: ପାଠ୍ୟପୁସ୍ତକ ଓ ସୁପ୍ରିମକୋର୍ଟ

ଏନ୍‌ସିଇଆରଟିର ଏକ ନବମଶ୍ରେଣୀ ପାଠ୍ୟପୁସ୍ତକରେ 'ନ୍ୟାୟପାଳିକାରେ ଭ୍ରଷ୍ଟାଚାର' ଉପରେ କ୍ଷୁଦ୍ର ସୂଚନାତ୍ମକ ଅଂଶ ଉପରେ ସୁପ୍ରିମକୋର୍ଟର ଅତ୍ୟନ୍ତ କଠୋର ଆଦେଶ ଫଳରେ ଏକ କଠିନ ସ୍ଥିତି ସୃଷ୍ଟି ହୋଇଛି । ସବୁ ଉପଲବ୍ଧ ସାମଗ୍ରୀକୁ ଧ୍ୟାନର ସହ ଦେଖିଲେ ମୁଦାଲା, ମୁଦେଇ ଓ ହାକିମଙ୍କ ସ୍ଥିତି ଗଡ଼ବଡ଼ ଲାଗୁଛି । ଜାଣିଶୁଣି ନ୍ୟାୟାଳୟର 'ଅପରାଧମୂଳକ ଅବମାନନା' କରାଯିବା କଥା କିଛିଟା ଖଟକା ଲାଗୁଛି । ସଂପୂର୍ଣ୍ଣ ପ୍ରସଙ୍ଗ ବିଚାର କଲେ କେତେକ ବିଡ଼ମ୍ବନା ମଧ୍ୟ ସାମନାକୁ ଆସୁଛି । ସର୍ବପ୍ରଥମେ ସୁପ୍ରିମକୋର୍ଟର ଅସନ୍ତୋଷ । ମାମଲା ନେଇ ନିଜ ଆଡୁ ବିଚାର ପାଇଁ ଗ୍ରହଣ କରି ସୁପ୍ରିମକୋର୍ଟର ବିଚାରପତିଙ୍କ ବକ୍ତବ ଠିକ୍ ଲାଗୁଛି, "କ'ଣ କେବଳ ନ୍ୟାୟପାଳିକାରେ ହିଁ ଭ୍ରଷ୍ଟାଚାର ଅଛି ?" ନିଶ୍ଚିତ ଭାବେ ଏହା ଗମ୍ଭୀର ପ୍ରଶ୍ନ । କାର୍ଯ୍ୟପାଳିକା ଓ ବ୍ୟବସ୍ଥାପିକାରେ ଭ୍ରଷ୍ଟାଚାର ଆରୋପ ଆହୁରି ଅଧିକ ଓ ବ୍ୟାପକ ମଧ୍ୟ । ଭାରତରେ ଉଚ୍ଚପଦପଦବୀରେ ଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଭ୍ରଷ୍ଟାଚାର ସମ୍ବନ୍ଧୀୟ ଚର୍ଚ୍ଚା ସ୍ୱାଧୀନତା ପରଠାରୁ ହୋଇଆସୁଛି । କାର୍ଯ୍ୟପାଳିକା ଓ ବ୍ୟବସ୍ଥାପିକାରେ ଭ୍ରଷ୍ଟାଚାର ସଂପର୍କରେ କିଛି କୁହାନଯାଇ କେବଳ ନ୍ୟାୟପାଳିକାରେ ଭ୍ରଷ୍ଟାଚାର ନେଇ ଚିନ୍ତା ପ୍ରକଟ କରାଯିବା ଏକାଙ୍ଗୀ ବୋଲି କୁହାଯାଇପାରେ । ଏ ଆରୋପ ଅଧିକ ସଠିକ୍ ଲାଗୁଛି କାରଣ କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି ନ୍ୟାୟାଧୀଶଙ୍କ ସାତପୃଷ୍ଠାର ଦୀର୍ଘ ଆଦେଶରେ ଶାସନର ଏକ ଅଙ୍ଗରେ ଭ୍ରଷ୍ଟାଚାର ଥିବା ଶିକ୍ଷାର ବିଷୟ କାହିଁକି କରାଗଲା, ସେ ପ୍ରଶ୍ନ ଉତ୍ଥାପନ ହୋଇନାହିଁ । ଏହା ବଦଦରେ ସେ ଆଦେଶ ଅତ୍ୟନ୍ତ କଠୋର ଓ ଏକପାଖିଆ ହୋଇଛି । ମାମଲାର ଶୁଣାଣି କରିବା ଓ କୋର୍ଟରେ ଏନସିଇଆରଟିକୁ ନିଜ ପକ୍ଷ ରଖିବା ଲାଗି ସୁଯୋଗ ଦେବା ପୂର୍ବରୁ ଏକ କଠୋର ଆଦେଶ ଜାରି କରିଦିଆଯାଇଛି । ଦ୍ୱିତୀୟ ବିଡ଼ମ୍ବନାର ବିଷୟ ହେଉଛି, ସେ ପାଠର ଲେଖକ, ପାଠକୁ ସ୍ୱୀକୃତି ଦେଇଥିବା ଉଚ୍ଚସ୍ତରୀୟ କମିଟି ତଥା ପ୍ରକାଶକଙ୍କୁ ଉତ୍ତର ଦେବାର ସୁଯୋଗ ନ ଦେଇ ଅତ୍ୟନ୍ତ କଠୋର ନିଷ୍କର୍ଷରେ ସର୍ବୋଚ୍ଚ ଅଦାଲତ ଆଦେଶ ଜାରି କରିଦେଇଛନ୍ତି । ଆଦେଶରେ ପୁସ୍ତକକୁ 'ଦାୟିତ୍ୱହୀନ, ଘୃଣାସ୍ପଦ, ଅନାଦରପୂର୍ଣ୍ଣ ଓ ବିନାବିଚାରରେ' ଲେଖାଯାଇଥିବା ନିଷ୍କର୍ଷରେ ପହଞ୍ଚିଯାଇଛି । ଏହା ଫଳରେ ଏନସିଇଆରଟିର ଛବିକୁ ଶକ୍ତ ଧକ୍କା ଲାଗିଛି, ଯାହାର ପକ୍ଷ ଏଯାଏ ସାମନାକୁ ଆସିପାରି ନାହିଁ । ବରଂ ବିରୋଧରେ ଏତେ ଗମ୍ଭୀର ଆରୋପ ଲଗାଯାଇଛି, କାରଣ ମୁଦେଇ ଖୋଦ୍ ହେଉଛି ସୁପ୍ରିମକୋର୍ଟ ।

ତୃତୀୟ ବିଡ଼ମ୍ବନା ହେଉଛି ପୂରା ଆଦେଶରେ ସେ ପାଠର କୌଣସି ଅଂଶ କି ଏକ ବାକ୍ୟ କି ଶବ୍ଦ ମଧ୍ୟ ଉଦ୍ଧୃତ ନାହିଁ, ଯାହା ଅପରାଧମୂଳକ ହୋଇଥିବାର ଉଦାହରଣ ହେବ । ଏହା ବଦଳରେ ଏକ ଖବରକାଗଜରେ 'ସ୍ୱତଃ ସ୍ପଷ୍ଟ' ଖବରର ଦ୍ୱାହୀ ଦିଆଯାଇଛି, ଯାହା ସୁପ୍ରିମକୋର୍ଟଙ୍କ ଅସନ୍ତୋଷର ଆଧାର । ଖବରର କୌଣସି ଅନୁଚିତ ଶବ୍ଦର ମଧ୍ୟ ଉଦ୍ଧୃତ କରାହୋଇନାହିଁ । ଏସବୁ ବଡ଼ ଅଜବ ଲାଗୁଛି, କାରଣ ପାଠ୍ୟପୁସ୍ତକରେ ପ୍ରକାଶିତ ଅଂଶ ସଂକ୍ରାନ୍ତୀୟ ଆଦେଶରେ କୁହାଯାଇଛି ଯେ "ଆମେ ସେ କଥା ଦର୍ଶାଇବାକୁ ଚାହୁଁନାହୁଁ, ଯାହା ନ୍ୟାୟପାଳିକା ବିରୁଦ୍ଧରେ ଅନେକ ଅଭିଯୋଗ ଆସିବା କଥା ଉଲ୍ଲେଖ କରିଛି ।" ତଥା ଜଣେ ପୂର୍ବତନ ପ୍ରଧାନବିଚାରପତିଙ୍କ ବୟାନରୁ କିଛି ଶବ୍ଦକୁ ବାଛି ନିଆଯାଇଛି, ଯହିଁରୁ ଲାଗୁଛି ଯେ ନ୍ୟାୟପାଳିକାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ହେବାର ଅଭାବ ରହିଛି ଓ ସଂସ୍ଥାରେ ଭ୍ରଷ୍ଟାଚାରକୁ ସ୍ୱୟଂ ସ୍ୱୀକାର କରିନିଆଯାଇଛି ।" କୌଣସି ବିଚାରଣୀୟ ବିନ୍ଦୁ ଉପରେ ଦିଆଯାଉଥିବା ଉଦାହରଣ ଯଦି ଠିକ୍, ପ୍ରାମାଣିକ ଓ ପ୍ରାସଙ୍ଗିକ, ତେବେ ତାହାକୁ ଅନୁଚିତ କୁହାଯିବା ବିଡ଼ମ୍ବନାପୂର୍ଣ୍ଣ ନୁହେଁ କି ? ସୁପ୍ରିମକୋର୍ଟର ଉକ୍ତ ଆଦେଶ ମଧ୍ୟ ପାଠର ସେ ଉଦାହରଣକୁ ଭୁଲ ବୋଲି କହିନାହିଁ, କି ତାହାର ସୂତ୍ରକୁ ଅବିଶ୍ୱସନୀୟ ବୋଲି ମଧ୍ୟ କହିନାହିଁ । ସୁପ୍ରିମକୋର୍ଟର ଅନେକ ବିଚାରପତି ହିଁ ଏକଥା ଆହୁରି କଠୋର ଭାଷାରେ ସର୍ବସାଧାରଣରେ ମଧ୍ୟ କହିଛନ୍ତି । ଜଷ୍ଟିସ୍ ବି.ଆର୍. ଗଭଇ ଗତ ୨୦୨୫ ଜୁନ୍‌ରେ କହିଥିଲେ, "ଦୁଃଖର ବିଷୟ ଯେ ନ୍ୟାୟପାଳିକାରେ ଭ୍ରଷ୍ଟାଚାର ଓ ଅନୁପଯୁକ୍ତ ବ୍ୟବହାର ମାମଲା ଆସିଛି । ଏପ୍ରକାର ଘଟଣାସବୁ ଲୋକଙ୍କ ବିଶ୍ୱାସ ଉପରେ ନକାରାତ୍ମକ ପ୍ରଭାବ ପକାଉଛି ଓ ବ୍ୟବସ୍ଥା ପ୍ରତି ବିଶ୍ୱସନୀୟତାକୁ ଦୁର୍ବଳ କରିବାର ସମ୍ଭାବନା ସୃଷ୍ଟି କରୁଛି ।" ସେହିଭଳି ଏକ ସାର୍ବଜନୀନ ବ୍ୟାଖ୍ୟାନରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ରାମା ପାଲ କହିଥିଲେ– "ଜଜ୍‌ମାନେ ନ୍ୟାୟପାଳିକାର ସ୍ୱାଧୀନତା ଶବ୍ଦର ଉପଯୋଗ ସମାଲୋଚକମାନଙ୍କ ବିରୁଦ୍ଧରେ ଅବମାନନା କାର୍ଯ୍ୟାନୁଷ୍ଠାନ କରିବାରେ ତରବାରୀ ଭଳି ବ୍ୟବହାର କରୁଛନ୍ତି, କିନ୍ତୁ ଏହାର ଉପଯୋଗ ଅନେକ ପାପକୁ ଲୁଚାଇବା ଲାଗି ମଧ୍ୟ ହୋଇଥାଏ ।" ଆଜିର ବିସ୍ତାରିତ ମିଡ଼ିଆ ଯୁଗରେ ପ୍ରତ୍ୟେକ କଥା ଆଉ ଲୁଚିକି ରହୁନାହିଁ, ଯଦିଓ ଶାସନର ତିନୋଟି ଅଙ୍ଗ ମଧ୍ୟରେ ନ୍ୟାୟପାଳିକାରେ ଭ୍ରଷ୍ଟାଚାର କମ୍ ।

ଏନ୍‌ସିଇଆରଟି ପାଠ୍ୟପୁସ୍ତକର ସେ ଅଂଶରେ ବାସ୍ତବରେ କୌଣସି ବି ଅନାଦରପୂର୍ଣ୍ଣ କଥା ନାହିଁ । ସେ ଅଂଶର ଶୀର୍ଷକ ହିଁ ଭ୍ରମାତ୍ମକ ଥିଲା, ତାହାର ବିବରଣରେ କେବଳ ସେ ପ୍ରକ୍ରିୟା ସବୁର ଶୈଳୀ ଆଦିରେ କାହାର ଅବମାନନା କି ଦୁର୍ଭାବନାର ଉଦ୍ଦେଶ୍ୟ ପ୍ରକଟ ହୋଇନାହିଁ, ଯେପରି ଧାରଣା ସୃଷ୍ଟି କରାହୋଇଛି । ପାଠ୍ୟପୁସ୍ତକର ଯେଉଁ ଅଂଶ ଆପଣାଆପେ କୌଣସି ଆପତ୍ତିଜନକ କି ଧ୍ୟାନଯୋଗ୍ୟ ବିଷୟ ନୁହେଁ, ତାହା ନ୍ୟାୟାଳୟ ଦ୍ୱାରା କଠୋର ଆଦେଶ ଫଳରେ ଲକ୍ଷଲକ୍ଷ ଲୋକଙ୍କର ଦୃଷ୍ଟି ଆକର୍ଷଣ କରିଛି । ଯେହେତୁ ସେ ପୁସ୍ତକଟିକୁ ସୁପ୍ରିମକୋର୍ଟଙ୍କ ଆଦେଶ ଦ୍ୱାରା ତତ୍‌କ୍ଷଣାତ ସବୁଠାରୁ ହଟାଇ ନିଆଯାଇଛି, ତେଣୁ କେବଳ 'ନ୍ୟାୟପାଳିକାରେ ଭ୍ରଷ୍ଟାଚାର' ବିଷୟ ଚାରିଆଡ଼େ ଚର୍ଚ୍ଚିତ ହେଉଛି । ନ୍ୟାୟିକ ଆଦେଶ ଯୋଗୁଁ ହିଁ ସେ ବିଷୟ ପ୍ରଚାରିତ ହୋଇଛି, ଯାହାକି ଏକ ଔପଚାରିକ ବିବରଣ ଥିଲା । ଉପରୋକ୍ତ ନ୍ୟାୟିକ ଆଦେଶରେ ଏନସିଇଆରଟିର ନିର୍ଦ୍ଦେଶକ କି ପାଠ୍ୟପୁସ୍ତକର ଗୋଟିଏ ବାକ୍ୟ ନାହିଁ, ଯହିଁରୁ ଜଣାପଡ଼ିବ ଯେ କୌଣସି ଦୁର୍ଭାବନାରେ ସେଇ ପାଠ୍ୟ-ଅଂଶ ସାମିଲ କରାଯାଇଛି । ତାହା ଅଜାଣତରେ ହୋଇଯାଇଥିବା ଭୁଲ ବୋଲି ପ୍ରତୀତ ହେଉଛି । ଏନସିଇଆରଟିରେ ବାହାର ବ୍ୟକ୍ତିମାନେ ହିଁ ପାଠ୍ୟ ବିଷୟ ନିର୍ଣ୍ଣୟ କରିଥାଆନ୍ତି । ସ୍ମରଣଯୋଗ୍ୟ ଯେ ପୂର୍ବତନ ବିଚାରପତିମାନେ ହିଁ ନ୍ୟାୟପାଳିକାର ପ୍ରତିଷ୍ଠା ରକ୍ଷାର ଦାୟିତ୍ୱ ମୁଖ୍ୟତଃ ସ୍ୱୟଂ ନ୍ୟାୟପାଳିକାର ବୋଲି ଦର୍ଶାଇଥାଆନ୍ତି । ପୂର୍ବତନ ପ୍ରଧାନବିଚାରପତି ଜଷ୍ଟିସ୍ ଏସପି ଭରୁଚା ୨୦୦୨ ଡିସେମ୍ବରରେ କହିଥିଲେ, "ଏମିତି ଦେଖିବାକୁ ଗଲେ ନ୍ୟାୟପାଳିକା ନିଜ ଭିତରେ ଭ୍ରଷ୍ଟାଚାରକୁ ବରଦାସ୍ତ କରେନାହିଁ, ତେବେ ଭ୍ରଷ୍ଟ ଜଜମାନଙ୍କର ତଦନ୍ତ କରି ସେମାନଙ୍କୁ ଶୀଘ୍ର ହଟାଇଦେବା ଆବଶ୍ୟକ ।"

ଅଧିକ ଉପଯୁକ୍ତ ହୋଇଥା'ନ୍ତା ଯଦି ପ୍ରଧାନ ବିଚାରପତି, ପ୍ରତିଷ୍ଠିତ ପୂର୍ବତନ ପ୍ରଧାନବିଚାରପତିଙ୍କ ଆଶାକୁ ପୂରଣ କରି ନ୍ୟାୟପାଳିକା ପ୍ରତି ଲୋକଙ୍କ ଭରସାକୁ ସୁଦୃଢ଼ କରନ୍ତେ । ❑❑

# ଅସାମାଜିକ ତତ୍ତ୍ୱଙ୍କ ଶିକାର ହେଉଛନ୍ତି ପର୍ଯ୍ୟଟକ

## ପ୍ରାପ୍ତପତ୍ର

ରାଜ୍ୟକୁ ଦେଶ ତଥା ବିଦେଶରୁ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରକାର ଉଦ୍ୟମ କରିଆସୁଛନ୍ତି । କେନ୍ଦ୍ର ସରକାରଙ୍କର ପର୍ଯ୍ୟଟନ ମନ୍ତ୍ରଣାଳୟ ମଧ୍ୟ ପ୍ରତ୍ୟେକ ରାଜ୍ୟରେ ନିଜର କାର୍ଯ୍ୟାଳୟ ଖୋଲି ବିଦେଶୀ ପର୍ଯ୍ୟଟକ ମାନଙ୍କୁ ଭାରତକୁ ଆସିବା ପାଇଁ ଉତ୍ସାହିତ କରିବା ଦିଗରେ କାର୍ଯ୍ୟ କରୁଛନ୍ତି । ଏସବୁ ସତ୍ତ୍ୱେ କେବେ କେବେ ଏମିତି କିଛି ଘଟଣା ଘଟିଯାଉଛି, ଯାହାକି ସାମଗ୍ରିକ ଭାବରେ ପର୍ଯ୍ୟଟନ କ୍ଷେତ୍ରରେ ଦେଶର ଭାବମୂର୍ତ୍ତିକୁ ନଷ୍ଟ କରୁଛି । ଅଳ୍ପ କେତେ ଦିନ ତଳେ ନେଦରଲାଣ୍ଡରୁ ଜଣେ ପର୍ଯ୍ୟଟକ ପୁରୀକୁ ଭ୍ରମଣ ଉଦ୍ଦେଶ୍ୟରେ ଆସିଥିବା ସମୟରେ ଲୁଟର ଶିକାର ହୋଇଛନ୍ତି । ଗୋଟିଏ ପକ୍ଷରେ ପର୍ଯ୍ୟଟନକୁ ଆତ୍ମ ନିଯୁକ୍ତିର ଏକ ଉତ୍କୃଷ୍ଟ କ୍ଷେତ୍ର ଭାବରେ ପରିଣତ କରିବା ପାଇଁ ନାରା ଦେଉଛନ୍ତି । ଅନ୍ୟ ପକ୍ଷରେ ଆମରି ଦେଶର ଲୋକ ମାନଙ୍କ ଦ୍ୱାରା ଏହି ଅତିଥି ମାନେ ଲୁଟର ଶିକାର ହେଉଛନ୍ତି । କେବଳ ସେତିକି ନୁହେଁ, ବିଭିନ୍ନ ଥାନା ତଥା ଏ ସମ୍ପର୍କିତ ଅଭିଯୋଗ ଉପରେ ତଦନ୍ତ କରି ବିଭିନ୍ନ ପଦକ୍ଷେପ ନେଉଥିବା ସଂସ୍ଥା ଗୁଡ଼ିକ ମଧ୍ୟ ଆବଶ୍ୟକୀୟ ସାହାଯ୍ୟ ଯୋଗାଇ ପାରୁନାହାଁନ୍ତି । ଆମ ଦେଶକୁ ପର୍ଯ୍ୟଟକ ଭାବରେ ଆସୁଥିବା ବ୍ୟକ୍ତି ବିଶେଷ ଗରିବ କିମ୍ବା ଦରିଦ୍ର ନୁହଁନ୍ତି । ସେମାନଙ୍କ ଜିନିଷପତ୍ର ଲୁଟ ହୋଇଯିବା ପରେ ହୁଏ କିଛି ସମୟ ପାଇଁ ବା କିଛି ଦିନ ପାଇଁ ସେମାନେ ଅସୁବିଧାର ସମ୍ମୁଖୀନ ହେବେ କିନ୍ତୁ ବିଦେଶୀ ନାଗରିକ ହୋଇଥିବାରୁ ତାଙ୍କ ଦେଶର ଦୂତାବାସ ଏ କ୍ଷେତ୍ରରେ ହସ୍ତକ୍ଷେପ କରି ନିରାପଦରେ ନିଜ ଦେଶକୁ ଫେରିଯିବାର ବ୍ୟବସ୍ଥା କରିବେ । ଏହାପରେ କିନ୍ତୁ କଣ ହେବ ତାହା ଚିନ୍ତା କରାଯିବା ଆବଶ୍ୟକ । ଏଭଳି ଘଟଣା ନେଇ ବିଦେଶରେ ଭାବମୂର୍ତ୍ତି ନଷ୍ଟ ହେବ ଏବଂ ପର୍ଯ୍ୟଟନ କ୍ଷେତ୍ରକୁ ନିଜର ରୋଜଗାର ତଥା ଆୟର ଉତ୍ସ ଭାବରେ ଗ୍ରହଣ କରିଥିବା ଲକ୍ଷ ଲକ୍ଷ ବ୍ୟକ୍ତି ଜଣେ ଅଧେ ଚୋର, ଖଣ୍ଟଙ୍କ ଆଚରଣ ଯୋଗୁଁ ଜୀବିକା ଅର୍ଜନରେ ଅନେକ ବାଧାବିଘ୍ନର ସମ୍ମୁଖୀନ ହେବେ । ନେଦରଲାଣ୍ଡରୁ ଆସିଥିବା ପର୍ଯ୍ୟଟକଙ୍କୁ ପର୍ଯ୍ୟଟକଙ୍କ ଜିନିଷପତ୍ର ପୁରୀର ଲୁଟ କରି ନିଆଯିବା ପରେ ସେ ଏକ ପ୍ରକାର ଅସହାୟ ହୋଇପଡ଼ିଛନ୍ତି । ତାଙ୍କ ଦେଶ ଠାରୁ ହଜାର ହଜାର କିଲୋମିଟର ଦୂରରେ ଆମ ଦେଶରେ ଅସହାୟ ହୋଇପଡ଼ିବା ମାନବିକତା ଦୃଷ୍ଟିରୁ ଏକ ସମ୍ବେଦନଶୀଳ ଘଟଣା । ସେ ଭ୍ରମଣ ଉଦ୍ଦେଶ୍ୟରେ ଆମ ଦେଶକୁ ଆସି ଆମ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରକୁ ପ୍ରତ୍ୟକ୍ଷ ଭାବରେ ଗଢ଼ିବାର ସାହାଯ୍ୟ କରିଛନ୍ତି । ଏପରି ସ୍ଥଳେ ଜଣେ ବିଦେଶୀ ପର୍ଯ୍ୟଟକଙ୍କୁ ଲୁଟ କରି ତାଙ୍କୁ ରାସ୍ତାରେ ଭିକାରୀ କରି ଛାଡ଼ି ଦେବା ରାଜ୍ୟ ପାଇଁ ମଧ୍ୟ ଏକ ଲଜ୍ଜାଜନକ ବିଷୟ । ଏଭଳି ଏକ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିବରଣୀ ଏବଂ ସୁରାକ ମିଳିସାରିଛି । ତେବେ ଏହି ଅପରାଧୀକୁ ଧରିବା ଦିଗରେ ସ୍ଥାନୀୟ ପୋଲିସ ତତ୍ପରତା ଦେଖାଇଲେ ନେଦରଲାଣ୍ଡର ଜଣେ ଧନାଢ଼୍ୟ ବ୍ୟକ୍ତି ପୁରୀରେ ନିଃସ୍ୱ ହୋଇଯିବା ଭଳି ପରିସ୍ଥିତି ଦେଖା ଦେବ ନାହିଁ କିମ୍ବା ଏଭଳି ଏକ ଅପରାଧୀର କାର୍ଯ୍ୟକଳାପକୁ ନେଇ ନେଦରଲାଣ୍ଡରେ ଭାରତ ସମ୍ପର୍କରେ ଏକ ନକରାତ୍ମକତାର ଚିତ୍ର ଅବତାରଣା ହେବନାହିଁ ।

ଶ୍ୟାମ ସୁନ୍ଦର ସାମଲ
ବିଡ଼ାନାସୀ, କଟକ

# ଲେଖାଲେଖି କାହାପାଇଁ



ମାୟାଧର ନାୟକ

ରୁଷିଆର ମହାନ୍ କଥାକାର ଗର୍କୀଙ୍କ ବିଶ୍ୱବିଖ୍ୟାତ ଉପନ୍ୟାସ 'ମଦର୍' । ଏ ଉପନ୍ୟାସର ମହାନାୟିକା ବାଟ ଚାଲିବାରେ ବିଶ୍ୱାସ କରୁଥିବା ସେଇ ମା, ଯିଏ ମୁଣ୍ଡେଇଥିବା ପସରା ଭିତରେ ସେଦିନ ଥିଲା ବିପ୍ଳବକୁ ଦୀର୍ଘଜୀବୀ କରିବାପାଇଁ ପ୍ରେରଣାଦାୟକ ପ୍ରଚାରପତ୍ରସବୁ । ପୁଅ ସାମିଲ୍ ହୋଇଥିବା ଦୂରାନ୍ତରର ବିପ୍ଳବୀ ସଂଗଠନକୁ ହସ୍ତାନ୍ତର କରିଦେବା ଉଦ୍ଦେଶ୍ୟରେ ନିଜ ପସରାର ଗୁଡ଼ିଏ ଜିନିଷପତ୍ର ତଳେ ମାଆଟି ଛୁପାଇ ରଖୁଥିଲା ସେସବୁ ଗୁପ୍ତପ୍ରଚାରପତ୍ର । ଗୁଇନ୍ଦାପୁଲିସର ଆଖି ଆଉ ପ୍ରତିକ୍ରିୟାଶୀଳ ଶାସକଦଳର ଚର-ଅନୁଚରମାନଙ୍କ ନଜରକୁ ଫାଙ୍କିଦେଇ ନିୟମିତ ସେସବୁ ବୈପ୍ଳବିକ କାର୍ଯ୍ୟକ୍ରମର ନିର୍ଦ୍ଦେଶନାମା ମାଆ ମାର୍ଫତ୍‌ରେ ପହଂଚାଉଥିଲା ଠିକଣାଜାଗାରେ ।

ମୁଣ୍ଡଉପରର ପସରା ଭିତରେ ଲୁଚାଇରଖିଥିବା ସେ ଅଗ୍ନିଗର୍ଭ ପ୍ରଚାରପତ୍ରକୁ କ'ଣ ମାଆ ପଢୁଥିଲା କେଭେଁ ? ଏ ପ୍ରଶ୍ନ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନ । ଏପରି ପ୍ରଶ୍ନ ଖୋଦ୍ ଲେଖକ ପଚାରିନାହାନ୍ତି କେଉଁଠି କିମ୍ବା କୌଣସି ପାଠକପାଠିକା ନିଭୃତ ମନରେ ଉଠାଇଛନ୍ତି କି ଉଠାଇ ନାହାନ୍ତି ମତେ ଜଣାନାହିଁ, ମାତ୍ର ଯାହାର ଉତ୍ତର ପ୍ରତ୍ୟେକ ଯୁଗରେ ଆଗାମୀ ଇତିହାସର ହିଁ ଅସଲ ଦାୟବଦ୍ଧତା । 'ଲେଖାଲେଖି କାହାପାଇଁ' ପ୍ରଶ୍ନର ଉତର ଖୋଜିଲା ବେଳେ ଆମ ସମସ୍ତଙ୍କୁ, ବିଶେଷକରି ମୋର ସମକାଳର ଲେଖକଲେଖିକା ବିରାଦରମାନଙ୍କୁ ମୁଁ ଗର୍କୀଙ୍କର ସେଇ 'ମଦର୍'ର ମୁହଁକୁ ଏତେବର୍ଷ ପରେ ଆଉଥରେ ଫେରିଚାହିଁବାକୁ ଅନୁରୋଧ କରୁଛି ।

ମାଆମାନେ ଆଜି ବି ପସରାମୁଣ୍ଡେଇ ଚାଲିଛନ୍ତି । ହେଲେ ମାଆର ସନ୍ତାନମାନେ ଏବେ କେଉଁଠି ? ଦୀର୍ଘଜୀବୀ ବିପ୍ଳବ କ'ଣ ଅମର ହୋଇସାରିଛି ଇତିମଧ୍ୟରେ ? ଆଗାମୀ ଇତିହାସ ପାଇଁ ଆମର ଅଂଗୀକାରର ଦିନସବୁ କ'ଣ ସରିଯାଇଛି ? ବିପ୍ଳବର କାର୍ଯ୍ୟନିର୍ଘଟଂ□କ'ଣ ତାର ଶେଷ ପାରାଗ୍ରାଫ୍‌ରେ ପହଂଚିଯାଇଛି ? ଏବେ କ'ଣ ଚାଲିଛି ଖାଲି ଖେଳ ପିରିୟଡ୍ ପଡ଼ିଆରେ ଜର୍ସିପିନ୍ଧି ରେଫରୀର ହୁଇସିଲ୍‌କୁ ଅପେକ୍ଷା ?

ଆମ ସାହିତ୍ୟ କ୍ଲାସ୍‌ର ଛୁଟିଘଣ୍ଟା ବାଜିବାର ଶବ୍ଦ ସବୁଠି ଶୁଭୁଛି ।

ମାତ୍ର ଟିକିଏ କାନ ଡେରିଲେ ଶୁଣିପାରିବେ ଯେ ଗୋଟିଏ ଚାପାକାନ୍ଦଣାର ସ୍ୱର ଏ ଛୁଟିଘଂଟାର ଶବ୍ଦକୁ କାଟି ଦୂରରୁ ଆହୁରି ଦୂରକୁ ଚାଲିଯାଉଛି । ହଜିଯାଉଛି ହରଦମ୍ ହସଖୁସିର ହୋହଲ୍ଲା ଆରପଟର ଅସରନ୍ତି ହାହାକାର ଆଡ଼କୁ ।

କାନ୍ଦୁଛି କିଏ ? ହସୁଛି କିଏ ? ମାଆ କାନ୍ଦୁଛି ତ ହସୁଛି ସନ୍ତାନ ।

ପ୍ରତ୍ୟେକ ଲେଖକ ଲେଖିକା ନୀରବରେ ନିଜକୁ ଏ ପ୍ରଶ୍ନ ପଚାରିବାର ବେଳ ଆସିଯାଇଛି । ମୋ ବିଚାରରେ, କାନ୍ଦୁଥିବା ମାଆମାନଙ୍କ ଓଠରେ ଧାରେ ହସ ଆଉ ହସୁଥିବା ସନ୍ତାନମାନଙ୍କ ହୃଦୟରେ ଟୋପାଏ ଦିଟୋପା ଲୁହକୁ ପାଛୋଟି ଆଣିପାରୁଥିବା କାନ୍ଦ ଯଦି ହୋଇପାରନ୍ତା ଲେଖାଲେଖିର ଲକ୍ଷ୍ୟ, ତା'ହେଲେ 'କାହାପାଇଁ'ର ଉତରଖାତା ପୂରା କରିବାଟା ଆଉ କାହାରିପାଇଁ ମୁଣ୍ଡବ୍ୟଥାର କାରଣ ହୋଇପାରନ୍ତା ନାହିଁ ।

ଏବେ ହସ କ୍ଲବ୍‌ର ଯୁଗ । ହସ ପାଇଁ ଆସର । ହସ ପାଇଁ ହରେକ୍ ଯୋଜନା ଚାରିଆଡ଼େ । ବୈଜ୍ଞାନିକ କହୁଛି – ହସ । ଡାକ୍ତର କହୁଛି – ହସ । ବନ୍ଧୁ କହୁଛି – ହସ । ହସକୁ କସରତର ସ୍ତରକୁ ନେଇଯାଇ ତାଲିମ୍‌ଦାତା ଦଳ ବି ସାଇବସ୍ତିଠୁ ସହରସାରା ହସର ବ୍ୟାୟାମଶାଳା ବସାଇ ସମସ୍ତଙ୍କୁ ଡାକି କହୁଛନ୍ତି – ହସ । ହସିଲେ ହୃତ୍‌ପିଣ୍ଡ ତାଜା ରହିବ । ରକ୍ତଚାପ ରହିବ ଠିକ୍‌ଠାକ୍ । ମୁହଁର ମାଂସପେଶୀ ହାସଲ କରିବ ସଠିକ୍ ଚାଳନା । ଅତୁଟ ସ୍ୱାସ୍ଥ୍ୟ ହୋଇଉଠିବ ସୁଲଭ । ସହରକୁ ନୂଆ ଯୋଗୀ ଆସି ପ୍ରଚାର କରୁଛନ୍ତି, ହସ ବି ଗୋଟିଏ ପ୍ରକାର ଯୋଗ । ଏତେ ନିଃଶ୍ୱାସପ୍ରଶ୍ୱାସ ରୁନ୍ଧି ବା ନାସିକାରନ୍ଧ୍ରରେ ପବନକୁ '।ଶ ପକାଇ ଯୋଗପ୍ରାଣାୟମ କରିବା ଅପେକ୍ଷା, ବରଂ ଦଶମିନିଟ୍ ହସ । ଯୋଗମାର୍ଗକୁ ସୁରୁଖୁରୁ ଯାତ୍ରା ସଂଭବପର ଏ ବିନାଖର୍ଚ୍ଚର କେଇମିନିଟ୍ ହସରେ ।

ରାଜଧାନୀର ସମାବେଶରେ ସଭାପତିତ୍ୱ କରି ପୁରୁଣାପୁରୁଖା ନେତା ବି ନୂଆ ଲେଖକ ଲେଖିକାମାନଙ୍କୁ ପରାମର୍ଶ ଦେଉଛନ୍ତି – ହାସରସ ସୃଷ୍ଟି କର । ହାସ୍ୟ ହିଁ ଲାସ୍ୟ । ହାସ୍ୟ ହିଁ ଭାଷ୍ୟ । ହାସ୍ୟ ହିଁ ରହସ୍ୟ । ଯଦି ହାକିମ ଆଉ ପିଅନ ପରସ୍ପରକୁ ଦୁଇମିନିଟ୍ ଚାହିଁ ପ୍ରତିଦିନ ହସିବେ, ତାହେଲେ ଅଫିସ୍‌ରେ ତାଲାବନ୍ଦର ଦିନ ଆସିବ ନାହିଁ କି ହରତାଳର ଦିପହର ଦିଶିବ ନାହିଁ । ପିଅନର ଛୁଟିଦରଖାସ୍ତ ଆଉ ହାକିମର ଛଟାଦସ୍ତଖତ ମଝିରେ ଛୁଂଚି ମୁନର ଦୂରତା ରହିବନାହିଁ । ଆମର ଆଉ 'କିରମୋହନ, ପ୍ରେମଚଂଦ, ଶରତ୍‌ଚନ୍ଦ୍ର, ନଜରୁଲ୍, ସଚ୍ଚି ରାଉତରା ଦରକାର ନାହିଁ – ଦରକାର ନିର୍ଧୂମ୍ ହାସ୍ୟରସର ଧୁମ୍‌ଧାମ୍ ସାହିତ୍ୟକାର । ହସର ସାହିତ୍ୟ ବଜାର, ହସର ହାଟ ବସାଅ ଗ୍ରାହକ ପାଠକବର୍ଗ ପାଇଁ । ହସ ହିଁ ଅସଲ ରସ ।

ହସିବାକୁ ଇଚ୍ଛା ହୁଏ ଖୁବ୍ । ହେଲେ ହସିପାରେନା ମୋତେ । ବସିବସି ଭାବେଁ ଗୋଟିଏ କାନ୍ଦୁରା ମଣିଷର କଥା, ଯିଏ ନିଜେ ବି ନିଜର ପଚାଶ ପୂରୁପୂରୁ ଦିନେ ସାରା ଓଡ଼ିଆ ଜାତିକୁ କନ୍ଦାଇ କନ୍ଦାଇ ଚାଲିଗଲା ଚୁପ୍‌ଚାପ୍ । କୌଣସି ବ୍ୟକ୍ତିଗତ ମାଲିକାନାର ମୋହ ନଥିଲା ତାର । ମଣିଷଗଢ଼ା କାରଖାନା ଗଢ଼ିଥିଲା ସତ୍ୟବାଦୀରେ, ନଥିଲା କିନ୍ତୁ ଶିଳ୍ପପତି । ସ୍ୱାଧୀନତାର ସତ୍ୟବଦ୍ଧସ୍ୱର ଶୁଣାଇବାକୁ ନିଅଁ ପକାଇଥିଲା ନିଆରା ସାମ୍ବାଦିକତାର, ହେବାକୁ ଚାହିନଥିଲା କିନ୍ତୁ କସ୍ମିନ୍‌କାଳେ ମାଲିକ । ଗଲା ଆଗରୁ ଟ୍ରଷ୍ଟ୍ ହାତରେ ଟେକିଦେଇଗଲା ଖବରକାଗଜ । ସର୍ବସ୍ୱାନ୍ତ ମଣିଷର ସାଥୀ ସେ, ଦୀନଦୁର୍ଗତର ବନ୍ଧୁ । କାରାରେ ଥାଇ ଲେଖିଥିଲା କବିତା, ବନ୍ୟାଧାରାରେ ନାଆ ବାହି ବାଂଟିଥିଲା ବଂଚିବାର ଚୁଡ଼ାଚାଉଳ, ସାରା ଓଡ଼ିଆଜାତିର ଆତ୍ମା, ହୃଦୟ, ବିବେକକୁ ମଣିଷହେବାର ମନ୍ତ୍ରପାଠରେ କରିଥିଲା ଆନ୍ଦୋଳିତ । 'ଲେଖାଲେଖି କାହାପାଇଁ' ପ୍ରଶ୍ନ ଯଦି ତାକୁ ପଚରାଯାଇଥାନ୍ତା, ଉତ୍‌ରଟା ତାକୁ ଦେବାକୁ ପଡ଼ିନଥାନ୍ତା କଦାପି । ତା' ତରଫରୁ ଉତ୍‌ର ଦେଇଥାନ୍ତେ ଓଡ଼ିଶାର ବନ୍ୟା, ବାତ୍ୟା, ବିପନ୍ନ ଏବଂ ଚିଲିକାଚଢେଇଠୁ ଆରମ୍ଭକରି ମୂଳଲାଗୁଥିବା ମାଟିର ମଣିଷ, ଫଟାମାଟିର ଚାଷୀ, ଜେନାପୁରବାସୀ ପର୍ଯ୍ୟନ୍ତ କେତେ କିଏ । ଯାହାଯାହା ପାଇଁ ସେ କାନ୍ଦୁଥିଲା, ସ୍ୱପ୍ନର ଖସଡ଼ା ତିଆରି କରୁଥିଲା, ଓଡ଼ିଶା ଓ ଓଡ଼ିଆକୁ ଗୋଟିଏ ନାବରେ ବସାଇବାକୁ ଅନୁରୋଧ କରିଚାଲୁଥିଲା, ସେଇମାନେ ହିଁ ତା' ଲେଖାଲେଖି କାହାପାଇଁ ପ୍ରଶ୍ନର ଉତ୍‌ରଦାୟୀ ।

ଲେଖାଲେଖି କାହାପାଇଁ ? ସମକାଳର ଓଡ଼ିଆ ଲେଖକ ଲେଖିକାମାନଙ୍କ କଣ୍ଠସ୍ୱରରେ କେତେକଣ ଉତ୍‌ର ଶୁଣାଯାଇ ପାରେ□ମଂଚରେ, ମିଳନୀରେ, ନାନା ଶେଷର ବିବାସରୀୟ ସାକ୍ଷାତକାରରେ । ମାତ୍ର ସେସବୁ ଉତ୍ତର କେତେ ଅଂଶରେ ଅସଲ ସ୍ୱର ? ସାହିତ୍ୟ ଏବେ ଯେଉଁଠି ମନର କଥା ଆଉ ମୁହଁର କଥା ମଧ୍ୟରେ ତାଳମେଳ ନରଖି କେବଳ ମଖମଲୀ ମୁଖାର କଥା ପାଲଟିଯାଇଛି, ସେଠି ପ୍ରଶ୍ନର ଓକାଲତ୍‌ନାମା ରଦ୍ଦ ଏବଂ ଉତ୍ତରଗୁଡ଼ାକ କାଠଗଡ଼ା ଡେଇଁ ଫେରାର୍ ଆସାମୀ ! ଛାତିରେ ହାତ ଦେଇ ଆଜି କେତେଜଣ କହିବେ – ଆମେ ଲେଖୁଛୁ ଟୁକୁରାଟୁକୁରା ଭଙ୍ଗାସ୍ୱପ୍ନର ମାଆମାନଙ୍କ ପାଇଁ ? ବାପମାଆଙ୍କ ଋଣ କାଇଁ କେତେଜଣ ଲେଖିକା ବି କହିବେ – ଆମେ ଲେଖୁଛୁ ଅମର୍ଯ୍ୟାଦାରେ ଭୂଲୁଣ୍ଠିତା ସେଇ ଭାଷାହୀନା ନ୍ୟାୟପ୍ରତୀକ୍ଷିତା ମହିଳାମାନଙ୍କ ପାଇଁ ?

ଦେଶର ନାରୀ ପାଇଁ ସାହିତ୍ୟରେ ଯଦି ସମ୍ମାନଜନକ ନାରା ନ ଶୁଭେ, ସେସବୁ ସାହିତ୍ୟ ନାଆଁରେ ଲେଖାଲେଖିଟା ତେବେ କାହାପାଇଁ ଆଉ କେତେଦିନ ?

ଆମର ସାହିତ୍ୟ ଏବେ ନୂଆ ପରିଭାଷାରେ ନାମିତ । ଆମେ ଆଉ ସାହିତ୍ୟ ନ କହି ସବୁଠି କହିଲୁଣି ଲେଖାଲେଖି । ଦୁଇଟାଯାକ ଏକାକଥା ନୁହେଁ ବୋଲି ମୋର ବିନମ୍ର ମତ । ସାହିତ୍ୟ କହିଲେ ଗୋଟିଏ ଯୋଗ, ଗୋଟିଏ ଜୀବନମାର୍ଗ, ଗୋଟିଏ ଏକାନ୍ନଭୋଜି ଅଭିବାଞ୍ଛନାଶ୍ରିତ ଅଭିବ୍ୟକ୍ତି – ଯାହା ବ୍ୟକ୍ତିକୁ ଲେଖକରେ ପରିଣତ କରୁକରୁ ପରିଶେଷରେ କରାଏ ସମୂହର ସଂବେଦନଶୀଳ ଅଂଶ – ବିଚ୍ଛିନ୍ନ ଏକକ ନୁହେଁ ମୋତେ । ଯିଏ ଅସଲ ଲେଖକ ସେ କେଭେ ଲେଖେନାହିଁ କାହାପାଇଁ – କାରଣ ସେ ଯାହା ଲେଖେ ସେଥିରେ ସ୍ୱୟଂ ସମୟ ହିଁ ଲେଖିଚାଲୁଥାଏ ନିଜସ୍ୱକଥନ, ଅସମାପ୍ତ ଆତ୍ମଚରିତର ସୂକ୍ଷ୍ମ ଶ୍ରୁତଲିଖନ ।

ଲେଖାଲେଖି କଥାଟା ସାହିତ୍ୟର ସଚ୍ଚା ନାମାନ୍ତର ନୁହେଁ । ଏଥିରେ ସାହିତ୍ୟଗତ ଦାୟିତ୍ୱ ଯେତେ ନାହିଁ, ସେତେ ଅଛି ଏକ ବ୍ୟକ୍ତିଗତ ସ୍ପୃହାର ଶାବ୍ଦିକ ସମରାଭ୍ୟାସ ମାତ୍ର । ଯୁଦ୍ଧ ନାହିଁ, ଶିବିର ନାହିଁ, ସାମ୍ମୁଖ୍ୟ ନାହିଁ, ଆହ୍ୱାନ ନାହିଁ – ଅଥଚ ଅଂଗୀକାରହୀନ ଏକ ଅଭ୍ୟାସର ଅଂଗଚାଳନା – ଆକାଶକୁ ଅସ୍ତ୍ର ଉତ୍ତୋଳନ – ଶୂନ୍ୟତାକୁ ବଦ୍ଧମୁଷ୍ଟି ପ୍ରଦର୍ଶନ । ସାହିତ୍ୟବୋଧ ଅପେକ୍ଷା ଏ ଧାରାରେ ଏବେ ଅନୁପ୍ରବେଶ କରିଛି ଅରୁଚିକର ଅନେକପ୍ରକାର ଆଭିମୁଖ୍ୟ – ଯେମିତି ମଂଚଦଖଲ, ପୁରସ୍କାରହାସଲ, ପ୍ରଶଂସାପତ୍ର/ମାନପତ୍ର ଆଦାୟର ନୟାନ୍ତ ନକଲ । ଏଇଭଳି ସ୍ଥୁଳ, ନ୍ୟସ୍ତସ୍ୱାର୍ଥ, ଇତର ପର୍ଯ୍ୟାୟକୁ ଆସି ସାହିତ୍ୟ ଯଦି ନିଜପାଇଁ ଏ ନୂତନ ନାମକରଣ ଏହି ଲେଖାଲେଖି ରୂପକ ବଜାରବୁଲା ବେଶପଟା ମଡ଼ାଇ କ୍ରମେ ଦେଖାଦେଖି, ଟେକାଟେକି ଆଦତ୍ ଆଦରିବସେ ଏବଂ ଭିତର ଫମ୍ପା ଥାଇ କେବଳ ବାହାରଟା ଚମ୍ପାରଙ୍ଗ ବୋଲି ବିକୃତିପୂର୍ଣ୍ଣ କୃତିପ୍ରକାଶର ପ୍ରକ୍ରିୟା ବଜାୟ ରଖେ, ତା'ହେଲେ ସେଠି ମୁଁ କେବଳ ଏତିକି ନମ୍ର ମତ ରଖିଯିବି ଯେ – ଏ ଲେଖାଲେଖି ଯେପରି କେବେ ବି ନହେଉ କାହାପାଇଁ ! ଏପରି ଲେଖକ ଲେଖିକା ଆମ ସାହିତ୍ୟ ରୁଚିର ପରିପନ୍ଥୀ – ତେଣୁ ଯଥାଶୀଘ୍ର ପରିତ୍ୟଜ୍ୟ – ଅନ୍ତତଃ ଆମ ସାଂସ୍କୃତିକ ମୂଲ୍ୟବୋଧର ସର୍ବନିମ୍ନ ସ୍ୱାସ୍ଥ୍ୟରକ୍ଷା ଦୃଷ୍ଟିକୋଣରୁ ।

ଯାଜପୁରରୋଡ, ଯାଜପୁର
ମୋ- ୯୮୬୧୦୩୪୧୬୩

# ଶିକ୍ଷାନୁଷ୍ଠାନରେ ନୈତିକ ମୂଲ୍ୟବୋଧ

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ମାନବ ସମାଜର ଉପଯୁକ୍ତ ବିକାଶ ପାଇଁ କେବଳ ଜ୍ଞାନ ଯଥେଷ୍ଟ ନୁହେଁ; ଏଥିପାଇଁ ନୈତିକତା ଏବଂ ମୂଲ୍ୟବୋଧ ଆବଶ୍ୟକ । ଜଣେ ବ୍ୟକ୍ତିକୁ ସଚ୍ଚୋଟ, ଦାୟିତ୍ୱବାନ ଏବଂ ଭଲ ନାଗରିକ ଭାବରେ ଗଢ଼ି ତୋଳିବାରେ ନୈତିକ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଏହି ନୈତିକତାର ମୂଳଦୁଆ କେବଳ ଏକ ଶିକ୍ଷାନୁଷ୍ଠାନରେ ସ୍ଥାପନ କରାଯାଇ ପାରିବ । ସେହିପରି, ଶିକ୍ଷାନୁଷ୍ଠାନ କେବଳ ଜ୍ଞାନ ପ୍ରଦାନ କରିବା ପାଇଁ ନୁହେଁ, ବରଂ ମାନବ ଚରିତ୍ର ଗଠନ ପାଇଁ ପବିତ୍ର କେନ୍ଦ୍ର ଭାବରେ କାର୍ଯ୍ୟ କରନ୍ତି । ଶିକ୍ଷାନୁଷ୍ଠାନଗୁଡ଼ିକ ସମାଜର ମୂଳଦୁଆ । ଏଠାରେ, ଛାତ୍ରମାନେ କେବଳ ପୁସ୍ତକୀୟ ଜ୍ଞାନ ନୁହେଁ ବରଂ ଜୀବନ ମୂଲ୍ୟ ମଧ୍ୟ ଶିଖନ୍ତି । ଯଦି ପିଲାମାନଙ୍କୁ ଛୋଟ ବୟସରୁ ସତ୍ୟ, ଅହିଂସା, ଦୟା, ସହନଶୀଳତା, ସହଯୋଗ ଏବଂ ଶୃଙ୍ଖଳା ଭଳି ମୂଲ୍ୟବୋଧ ଶିକ୍ଷା ଦିଆଯାଏ, ତେବେ ସେମାନେ ଭବିଷ୍ୟତରେ ଭଲ ନାଗରିକ ହୋଇପାରିବେ । ତେଣୁ, ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକ ଉନ୍ନତିର ବହୁତ ଗୁରୁତ୍ୱ ଅଛି । ପ୍ରାଚୀନ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ, ନୈତିକତାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଗୁରୁକୂଳ ବ୍ୟବସ୍ଥାରେ, ଛାତ୍ରମାନେ ଜଣେ ଗୁରୁଙ୍କ ମାର୍ଗଦର୍ଶନରେ ରହୁଥିଲେ ଏବଂ ଶିକ୍ଷା ଗ୍ରହଣ କରୁଥିଲେ । ସେଠାରେ, ସେମାନଙ୍କୁ କେବଳ ଶୈକ୍ଷିକ ଜ୍ଞାନ ନୁହେଁ ବରଂ ନୈତିକ ଶିକ୍ଷା ଏବଂ ଜୀବନଶୈଳୀ ମଧ୍ୟ ଶିକ୍ଷା ଦିଆଯାଉଥିଲା । ଗୁରୁକୂଳଗୁଡ଼ିକ ଗୁରୁଙ୍କ ପ୍ରତି ସମ୍ମାନ, ସତ୍ୟବାଦୀ, ଶୃଙ୍ଖଳା ଏବଂ ଆତ୍ମନିୟନ୍ତ୍ରଣ ଭଳି ସଦ୍‌ଗୁଣ ଶିକ୍ଷା ଦେଉଥିଲେ । ଏହି ବ୍ୟବସ୍ଥା ଛାତ୍ରମାନଙ୍କୁ ଭଲ ଚରିତ୍ର ସହିତ ବିକଶିତ କରିଥିଲା ।

କିନ୍ତୁ ଆଜି ଶିକ୍ଷା ବ୍ୟବସ୍ଥା ଅଧିକ ପ୍ରତିଯୋଗିତାମୂଳକ ହୋଇଗଲାଣି । ଛାତ୍ରମାନେ ଅଧିକ ନମ୍ବର ଏବଂ ଭଲ ଚାକିରି ପାଇବା ପାଇଁ ପାଠ ପଢୁଛନ୍ତି । ଏହି କାରଣରୁ, ନୈତିକତା ଏବଂ ମୂଲ୍ୟବୋଧର ଗୁରୁତ୍ୱ ହ୍ରାସ ପାଇଛି । କେତେକ ସମୟରେ ଆମେ ଛାତ୍ରଛାତ୍ରୀମାନଙ୍କୁ ଠକିବା, ମିଛ କହିବା ଏବଂ ଭୁଲ ପଥ ଅନୁସରଣ କରିବା ଭଳି କାର୍ଯ୍ୟକଳାପରେ ଲିପ୍ତ ହେଉଥିବାର ଦେଖୁ । ଏହି ପରିସ୍ଥିତି ଆମକୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକତାକୁ ପୁନଃ ଗୁରୁତ୍ୱ ଦେବାର ଆବଶ୍ୟକତାକୁ ଅନୁଭବ କରାଏ । ନୈତିକ ଶିକ୍ଷା ପ୍ରଦାନ କରିବାରେ ଶିକ୍ଷକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ଯଦି ଶିକ୍ଷକମାନେ ସତ୍ୟବାଦୀ, ଶୃଙ୍ଖଳିତ ଏବଂ ଦାୟିତ୍ୱବାନ ହୁଅନ୍ତି, ତେବେ ଛାତ୍ରଛାତ୍ରୀମାନେ ସମାନ ଗୁଣ ଗ୍ରହଣ କରିବାକୁ ପ୍ରେରଣା ପାଇବେ । ତେଣୁ, ଛାତ୍ରମାନଙ୍କ ଜୀବନ ଗଠନରେ ଶିକ୍ଷକଙ୍କ ନୈତିକ ଆଚରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ବ୍ୟତୀତ, ଶିକ୍ଷାନୁଷ୍ଠାନଗୁଡ଼ିକରେ ବିଭିନ୍ନ ସାମାଜିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ମଧ୍ୟ ନୈତିକ ବିକାଶ ହାସଲ କରାଯାଇପାରିବ । ପ୍ରାର୍ଥନା ସଭା, ପ୍ରବାଦ, ଜାତୀୟ ପର୍ବ ପାଳନ, ସମାଜସେବା କାର୍ଯ୍ୟକ୍ରମ ଏବଂ ସ୍ୱଚ୍ଛତା ଅଭିଯାନ ଭଳି କାର୍ଯ୍ୟକଳାପ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶପ୍ରେମ, ଦାୟିତ୍ୱ ଏବଂ ସହଯୋଗର ଭାବନା ସୃଷ୍ଟି କରେ । ଏହା ସେମାନଙ୍କୁ ସମାଜ ପ୍ରତି ସେମାନଙ୍କର ଦାୟିତ୍ୱ ବୁଝିବାରେ ସାହାଯ୍ୟ କରେ । ନୈତିକ ବିକାଶ ପାଇଁ ପରିବାର ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପିଲାମାନେ ପ୍ରଥମେ ଘରେ ନୈତିକତା ଶିଖନ୍ତି । ଯଦି ପରିବାରରେ ସତ୍ୟବାଦୀ, ସମ୍ମାନ ଏବଂ ଶୃଙ୍ଖଳାର ପରିବେଶ ଥାଏ, ତେବେ ସେମାନେ ଏହି ଗୁଣଗୁଡ଼ିକୁ ଗ୍ରହଣ କରନ୍ତି । ଯଦି ଶିକ୍ଷାନୁଷ୍ଠାନ ଏବଂ ପରିବାର ପିଲାମାନଙ୍କୁ ନୈତିକ ଶିକ୍ଷା ଦେବା ପାଇଁ ଏକାଠି କାମ କରନ୍ତି, ତେବେ ସେମାନଙ୍କର ଚରିତ୍ର ସୁଦୃଢ଼ ??ହୋଇପାରିବ । ଆଜିର ଦୁନିଆରେ, ପ୍ରଯୁକ୍ତିବିଦ୍ୟା ଏବଂ ସାମାଜିକ ଗଣମାଧ୍ୟମ ଛାତ୍ରଛାତ୍ରୀଙ୍କ ଜୀବନ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଉଛି । କେତେକ ସମୟରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିଥାଏ, କିନ୍ତୁ କେତେକ ସମୟରେ ଏହା ନୈତିକ ମୂଲ୍ୟବୋଧକୁ ଦୁର୍ବଳ କରିପାରେ । ତେଣୁ, ଶିକ୍ଷାନୁଷ୍ଠାନଗୁଡ଼ିକୁ ଛାତ୍ରଛାତ୍ରୀମାନଙ୍କୁ ଜ୍ଞାନୀ ଭାବରେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ଏବଂ ଭଲ ଏବଂ ଖରାପ ମଧ୍ୟରେ ପାର୍ଥକ୍ୟ ଶିଖାଇବା ଉଚିତ । ଶିକ୍ଷାନୁଷ୍ଠାନରେ ନୈତିକ ବିକାଶକୁ ପ୍ରୋତ୍ସାହିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା କେବଳ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷିତ ହେବାରେ ସାହାଯ୍ୟ କରେ ନାହିଁ ବରଂ ସେମାନଙ୍କୁ ଭଲ ମଣିଷ ହେବାରେ ମଧ୍ୟ ସାହାଯ୍ୟ କରେ । ନୈତିକତା ବିନା ଶିକ୍ଷା ସମାଜ ପାଇଁ କ୍ଷତିକାରକ ହୋଇପାରେ । ତେଣୁ, ଶିକ୍ଷା ବ୍ୟବସ୍ଥାରେ ନୈତିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେଇ ଛାତ୍ରଛାତ୍ରୀମାନେ ନୈତିକ, ଦାୟିତ୍ୱବାନ ଏବଂ ସଚ୍ଚୋଟ ନାଗରିକ ବିକଶିତ ହୁଅନ୍ତୁ ତାହା ନିଶ୍ଚିତ କରିବା ଆମର ଦାୟିତ୍ୱ । ତେଣୁ, ସମାଜର ପ୍ରଗତି ଏବଂ ଶାନ୍ତି ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକତାରେ ଉନ୍ନତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଅରଙ୍ଗାବାଦ ବରୀ ଯାଜପୁର
ମୋ: ୮୨୪୯୫୦୨୭୭୬

# ବାରକୁ ନେଇ ଲେଖାଟିଏ

ଧ୍ରୁବ ଚରଣ ଘିବେଲା

ବର୍ଷକୁ ବାର ମାସ, ଛଅ ଋତୁ ଓ ଦୁଇ ମାସରେ ଗୋଟେ ଋତୁ । ତେବେ ସାତ ବାର ସାତ ଦିନକୁ ନେଇ ସପ୍ତାହର ଆୟୁ ଥାଏ ନିର୍ଦ୍ଦିଷ୍ଟ । ସାତ ବାରର ବି ରହିଛି ବୈଶିଷ୍ଟ୍ୟ ଓ ସପ୍ତାହର ସାତ ବାର ରବିବାରଠୁ ଆରମ୍ଭ ହୋଇ ସୋମବାର, ମଙ୍ଗଳବାର, ବୁଧବାର, ଗୁରୁବାର, ଶୁକ୍ରବାର ପରଦିନ ଶନିବାରରେ ସରେ ଓ ଶନିବାର ସପ୍ତାହର ଶେଷ ବାର । କିଛି ଦୈନିକ ଓଡ଼ିଆ ଖବରକାଗଜ ସାପ୍ତାହିକ ସପ୍ତାହନ୍ତ ସାହିତ୍ୟ ପତ୍ରିକା ପ୍ରକାଶ କରିଥାନ୍ତି । ଅର୍ଥାତ ସପ୍ତାହ ଅନ୍ତ ଶନିବାର ଦିନ ସାହିତ୍ୟ ପୃଷ୍ଠା ପ୍ରକାଶ କରିଥାନ୍ତି । କିଛି ଓଡ଼ିଆ ଦୈନିକ ସପ୍ତାହର ପ୍ରଥମ ଦିନ ରବିବାରକୁ ସାହିତ୍ୟ ପୃଷ୍ଠା ଖବରକାଗଜ ଦେହରେ ଛାପିଥାନ୍ତି । ରବିବାରକୁ ସୂର୍ଯ୍ୟ ଉପାସନା କରାଯାଏ ଓ ସୋମବାର ଦିନ ଭଗବାନ ଶିବଙ୍କ ଆରାଧନା କରାଯାଏ ଓ ଚନ୍ଦ୍ର ବି ପୂଜା ପାଆନ୍ତି । ଚୈତ୍ର ମଙ୍ଗଳବାରକୁ ମାଆ ମଙ୍ଗଳାଙ୍କ ପୂଜା କରାଯାଏ ଓ ଚଇତି ସୁନ୍ଦରୀ ପଳାଶ ମଙ୍ଗଳାଙ୍କଠି ଲାଗି ହୁଏ ମଙ୍ଗଳବାର ପୂଜାରେ । ବୁଧବାରର ଅଧିପତି ହେଉଛନ୍ତି ବୁଧ ଗ୍ରହ । ଗୁରୁବାର ବୃହସ୍ପତିଙ୍କର ବାର, ଶୁକ୍ରବାର ଶୁକ୍ରଙ୍କର ବାର ଭାବେ ବିବେଚନା କରାଯାଏ ଓ କିଛି ଲୋକ ଶୁକ୍ରବାର ଦିନ ଚୁଟି କାଟିନଥାନ୍ତି । ଶୁକ୍ରହାନୀ ହୁଏ ବୋଲି ବିଶ୍ୱାସ ରଖୁଥାନ୍ତି କେତେକ । ତାକୁ ଆଉ କେହି ଅନ୍ଧବିଶ୍ୱାସ କହିପାରନ୍ତି । ଶନିବାର ଦିନ କିଛି ଲୋକ ଚୁଟି କାଟନ୍ତି ନାହିଁ ଶନିଙ୍କ କୋପର ଶିକାର ହେବେ ବୋଲି ବିଶ୍ୱାସ ରଖି ।

ସେମିତି ବାର ବାରଣ ବିଚାର କେତେକଙ୍କଠି ରହିଥାଏ । ବିଶେଷ କରି ଆମିଷ ଖାଇବା ନଖାଇବା ନେଇ ଓ କେତେକ ରବିବାର, ସୋମବାର, ଗୁରୁବାର, ଶୁକ୍ରବାର, ଶନିବାର ଏଇ ପାଞ୍ଚ ଦିନ ଆମିଷ ଖାଆନ୍ତି ନାହିଁ । ତାଙ୍କ ପାଇଁ ବୁଧବାର ଆମିଷ ଖାଇବା ପାଇଁ ପ୍ରକୃଷ୍ଟ ବାର ଓ ଆଉ କେତେକ ରବିବାରକୁ ଆମିଷ ଖାଆନ୍ତି ଛୁଟିଦିନ ବିଚାର କରି । ମଙ୍ଗଳବାର ସେମିତି କାହା ପାଇଁ ବାର ବାରଣ ବିଚାର ରହି ସେଦିନ କିଏ କିଏ ଆମିଷ ଖାଆନ୍ତି ନାହିଁ ଓ ଆଉ କିଏ ଯେ ଖାଏ । ଯାହାକୁ ଯାହା ସୁହାଏ, ସେଇଆ କରେ ଓ କେଉଁ ବାର କାହା ପାଇଁ ପାଳନୀୟ ରହି ଆମିଷ ଭକ୍ଷଣ ନିଷେଧ ରହେ ତ କିଏ ଯେ ବର୍ଷ ସାରା ବାର ବାରଣ ବିଚାର ନ ରଖି ବର୍ଷତମାମ ଆମିଷ ଖାଇବାରେ ଅତ୍ୟଧିକ ଆଗ୍ରହ ଭାବ ରଖନ୍ତି । କେତେକ ଆମିଷ ଖାଇବାରେ ନା ଆଦର ଭାବ ରଖନ୍ତି ନା ଆଗ୍ରହ ରଖିଥାନ୍ତି । ଆମିଷଠୁ ଦୂରେଇ ରହି ନିରାମିଷ ଭୋଜନରେ ଆଗ୍ରହ ରଖନ୍ତି ସବୁଦିନ । କିଛି ଲୋକ ସଂକ୍ରାନ୍ତି, ଏକାଦଶୀ, ଚତୁର୍ଦ୍ଦଶୀ ପାଳି ଶାକାହାରୀ ହୁଅନ୍ତି ସେଦିନମାନଙ୍କରେ ଓ ତେବେ ଖାଇବାରେ ରୁଚି ନେଇ ଖାଦ୍ୟ ଗ୍ରହଣ କରନ୍ତି ଅନେକାନେକ । ଯିଏ ଯେମିତି ଚାହିଁଲା, ସିଏ ସେମିତି ଖାଇଲା ଓ ଯିଏ ଚାହିଁଲା ବାର ବାରଣରେ ରହିଲା, ସିଏ ଆମିଷ ଖାଇଲା ନାହିଁ । ଯିଏ ନ ଚାହିଁଲା, ସିଏ ବାର ବାରଣରେ ରହେ ନାହିଁ । ସେ ଆମିଷ ଖାଇଲା ନିଜ ଖୁସିରେ, ନିଜ ମର୍ଜିରେ । ବାରକୁ ନେଇ ପୁଣି ବିଭିନ୍ନ ରଙ୍ଗର ପୋଷାକ ପିନ୍ଧିବାରେ ବିଶ୍ୱାସ ରଖନ୍ତି କେହି କେହି । ପର୍ବପର୍ବାଣି ସେମିତି ପାଳିତ ହୋଇଥାଏ ତିଥି ଆଧାରରେ । ନିର୍ଦ୍ଦିଷ୍ଟ ତିଥିରେ ହିଁ ନିର୍ଦ୍ଦିଷ୍ଟ ଯାନୀଯାତ୍ରା, ପର୍ବ ପାଳନ କରାଯାଇଥାଏ ବିଧି ଅନୁସାରେ । ଯେମିତି ରଥଯାତ୍ରା ଦ୍ୱିତୀୟା ତିଥିରେ, ଦଶହରା ଦଶମୀ ତିଥିରେ, ଗଣେଶ ପୂଜା ଚତୁର୍ଥୀ ତିଥିରେ, ସରସ୍ୱତୀ ପୂଜା ପଞ୍ଚମୀ ତିଥିରେ, ନୂଆଖାଇ ପଞ୍ଚମୀ ତିଥିରେ ପାଳିତ ହୋଇଥାଏ । ସଂକ୍ରାନ୍ତି ତିଥିର ସେମିତି ବୈଶିଷ୍ଟ୍ୟ ରହିଛି । ସୂର୍ଯ୍ୟ ସଂକ୍ରାନ୍ତିରେ ସଂକ୍ରମଣ କରନ୍ତି ଗୋଟେ ରାଶିରୁ ଆଉ ଗୋଟିଏ ରାଶିକୁ । ପୂର୍ଣ୍ଣମୀରେ ଚନ୍ଦ୍ର ମାସ ସରେ । ବର୍ଷକୁ ବାରୋଟି ସଂକ୍ରାନ୍ତି, ବାରୋଟି ପୂର୍ଣ୍ଣମୀ, ବାରୋଟି ଅମାବାସ୍ୟା, ବାକି ସବୁ ତିଥି ପ୍ରତିପଦାଠୁ ଆରମ୍ଭ କରି ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ପ୍ରତି ମାସରେ ଦୁଇଟି ଲେଖାଏଁ ପଡ଼େ । କେଉଁ ତିଥିକୁ କିଏ କେମିତି ପାଳନ କରନ୍ତି । ପୁଣି ଯାନୀଯାତ୍ରାରେ ନୂଆ ପୋଷାକ

ପିନ୍ଧିବାର ସଉକି କାମ କରିଥାଏ ଅନେକଙ୍କଠି । ସେମିତି ତିଥି ନେଇ ଖାଇବା ରୁଚି ବି ପ୍ରଭାବିତ ହୋଇଥାଏ । ଯାହାର ଜନ୍ମଦିନ ଫେବୃଆରୀ ୨୯ ତାରିଖରେ ପଡ଼େ, ସେ ଚାରି ବର୍ଷରେ ଥରେ ଜନ୍ମଦିନ ପାଳନ କରିବାର ସୁଯୋଗ ପାଆନ୍ତି ।

ବଉଦରାଜ, ଜି. ବୌଦ୍ଧ
ମୋ. ୯୪୩୭୪୭୮୪୬୬




# ଅଂଶୁଘାତ କାହିଁକି ?

## ଗୋଲୋକବିହାରୀ ବେହେରା



ପୂର୍ବେ ଅଂଶୁଘାତ ଏତେ ନ ଥିଲା
ଏବେ କଣ ପାଇଁ ଖରା ବଢିଲା।
ଏଥି ପାଇଁ ଏହି ମଣିଷ ଦାୟୀ
ଗଛ କାଟିଲା ସେ ଜଙ୍ଗଲେ ଯାଇ।
ଏତେ ଗାଡ଼ି କଣ ଆଗରୁ ଥିଲା
ଅଙ୍ଗାର କାମଳ ବାଷ୍ପ ବଢିଲା।
କଳ କାରଖାନା ଛାଡ଼ିଲେ ଧୂଆଁ
କଂକ୍ରିଟ ଜଙ୍ଗଲ ଗଢ଼ିଲ କିଆଁ ?
ଗ୍ରାମ ଚାରିପଟ ବଗିଚା ଥିଲା
ଆମ୍ବ ପଣସର ଗଛ କମିଲା।

'ଗଛ ହିଁ ଜୀବନ' ସର୍ବେ କହିବା
ପଡ଼ିଆରେ ଗଛ ଲଗାଇ ଦେବା।
ତାଳ ଗଛ ବିଲରେ ଲଗାଇବା
ବିଜୁଳି ଦାଉରୁ ରକ୍ଷା ପାଇବା ।
ବନଭୂମି ଗଛରେ ପୂରି ଯିବ
ଉତ୍ତାପ ଦାଉରୁ ରକ୍ଷା କରିବ।

ଷଡ଼ଙ୍ଗୀ, ଢେଙ୍କାନାଳ
ମୋ: ୯୯୩୮୩୦୩୦୪୬

# କବିତା ଦିବସ

## ସୁହଂସ ଭୋଇ



ମାର୍ଚ୍ଚ ଏକୋଇଶ କବିତା ଦିବସ
ଆସେ ଏହା ପ୍ରତି ବର୍ଷ
ଆସ କୁନା କୁନି କବିତା ଲେଖିବା
ଚକାମାଡ଼ି ପାଶେ ବସ

ଧାଡ଼ି ଧାଡ଼ି କରି ଶବଦ ଯୋଡ଼ିବା
ମିଶେଇ ମନର ଭାବ
ଚାରି ପାଦ ମିଶି ପଦଟିଏ ହେବ
ଯହିଁରେ ଭାବାର୍ଥ ଥିବ

ବର୍ଣ୍ଣ ମାତ୍ରା ପ୍ରତି ଧ୍ୟାନ ଦେବା ଆମେ
ଏ କଥାଟି ମନେ ରଖ
ଲେଖାଟି ନିଜର ସଠିକ ଥିଲେ ବି
ଆଉ ଥରେ ପଢି ଦେଖ

ସଚେତନ ବାର୍ତ୍ତା କବିତାରେ ଦେବା
ପରିବେଶ ଚିନ୍ତା କଥା
କଲମ ମୁନରେ ବିରୋଧ କରିବା
ବାଲ୍ୟ ବିବାହର ପ୍ରଥା

ସାଗର ତଟିନୀ ସବୁଜ ବନାନୀ
ଗିରି ପ୍ରକୃତିର ଶୋଭା
ନିଖୁଣ ଭାବରେ ବର୍ଣ୍ଣନା କରିଲେ
ହେବ ତାହା ମନୋଲୋଭା

ଛୋଟ ଥାଉ ପଛେ କବିତାଟି ଆମ
ହେଉ ସମାଜର ସ୍ୱର
ଅନ୍ୟାୟ ଅନୀତି ବିରୁଦ୍ଧରେ ଯୁଦ୍ଧ
ଲାଗି ରହିଥାଉ ତାର

ପହଣ୍ଡି, ବିଜେପୁର, ବରଗଡ଼
୯୪୩୭୫୨୨୪୫୫

# ଦିଅ ଲଢ଼େଇ ଗୁଜବ ଟାଳି

## ମହେନ୍ଦ୍ର କୁମାର ଘଡ଼େଇ



କିଏ କହୁଅଛି ଗିଆସ ତଇଲ
ବଜାରରେ ମିଳୁ ନାହିଁ
ତା' ପାଇଁ ସବୁଠି ଗହଳି ଲାଗୁଛି
ନିଜ ଚଳିବାକୁ ଚାହିଁ ।
ଆଗକୁ ଆଗକୁ ବଜାର ଦଅର
ହୁଉ ହୁଉ ବଢ଼ିଯିବ
ପୁଳା ପୁଳା କରି ସାଇତି ପକାଅ
ଆରାମରେ ଚଳୁଥିବ ।
କିଏ ବଢ଼ାଉଛି ମନଇଛା ମୂଲ
ଲୁଟାଏ ଦରବ କାହିଁ
ଜ୍ୟୋତିଷି ମାଳିକା ମିଡ଼ିଆ ନାମରେ
ଗୁଜବ ରଚୁଛି ନେଇ ।
ଲଢ଼େଇ ନାମରେ ଗୁଜବ ରଚିବା
ଭଲ କଥା ନୁହେଁ ଜମା
କଲବଲ କରି ଗୋଳିଆ ପାଣିରେ
ଡେଇଁ ପଡ଼େ ଯେତେ ସୀମା ।
ଜୀବନ ପଥରେ ଦୁଃଖ ଶଗଡ଼ିରେ
ପୋଛି ନିଏ ହସ ଖୁସି
ମୁଣ୍ଡବଥା ନେଇ ଲୁହକୁ ଗଡ଼ାଇ
ରହେ ମନମାରି ବସି ।
ଏମିତି ଜୀବନେ କି ଲାଭ ସତରେ
ବିବେକକୁ ଦେଇ ବଳି
ମଣିଷପଣରେ ଏକତାରେ ଦିଅ
ଲଢ଼େଇ ଗୁଜବ ଟାଳି।
ବିଦ୍ୟା ବୁଦ୍ଧି ଭଲ ବାଟେ ଲଗାଇଲେ
ଦୁଃଖ ଯିବ ଅପସରି
ଲଢ଼େଇ ଗୁଜବ ନିମିଷ ଭିତରେ
ଯିବ ଶମଶାନ କରି ।

କ୍ଷେତ୍ରମୋହନ ବିଦ୍ୟାପୀଠ,କଟରପଡ଼ା,
ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ,
୯୪୩୭୭୪୦୫୬୬

# ସଭିଏଁ ସମାନ

## ରାଧାମାଧବ ରଥ

ଗ୍ରୀଷ୍ମଦିନ। ଭୀଷଣ ଖରା ହେତୁ କ୍ଳାନ୍ତ ବାଟୋଇଟିଏ ଶେଷକୁ ଏକ ବରଗଛ ତଳେ ଆଶ୍ରୟ ନେଲା। ଖାଦ୍ୟ ଅପେକ୍ଷା ବିଶ୍ରାମ ତା' ପାଇଁ ଅଧିକ ଆବଶ୍ୟକ ଥିଲା। ଗଛତଳେ ଚାରିଆଡେ ଘାସ ମାଡିଥାଏ। ନଈକୂଳ ଥିବା ହେତୁ ଖରାଦିନ ହେଲେବି ଘାସ ସବୁ ମରି ନ ଥାଏ। ବରଂ ଛନଛନ ହୋଇ ବଢିଥାଏ। ଗଛ ଫାଙ୍କ ଦେଇ ଧୀର ପବନ ବୋହି ଯାଉଥାଏ।

ପଥିକଟି ଘାସ ଉପରେ ବିଶ୍ରାମ ନେଲା। ଏହି ସମୟରେ ବରଗଛଟି ଘାସକୁ ଉପହାସ କରି କହିଲା,'ରେ ଘାସ ! ତୁ ନିହାତି କ୍ଷୁଦ୍ର ହୋଇ ଥିବାରୁ ମଣିଷ ତୋତେ ଖାତିର କରେ ନାହିଁ। ତୋ ଉପରେ ଦଳି ଚକଟି ଚାଲିଯାଏ। ତୁ ଯେଉଁଠି ସେଇଠି ବଢିଥାଉ। ମୋତେ କିନ୍ତୁ ସମସ୍ତେ ଖାତିର କରନ୍ତି। ମୁଁ ଛାୟାପ୍ରଦ ହୋଇ ଥିବାରୁ ମଣିଷ ମୋ' ତଳେ ବିଶ୍ରାମ ନିଏ। ମୋ' ଶୁଖିଲା ଡାଳପତ୍ରକୁ ଜାଳଣି ରୂପେ ବ୍ୟବହାର କରେ। ପକ୍ଷୀମାନେ ମୋ' ଦେହରେ ବସାବାନ୍ଧି ରହନ୍ତି। ଗାଁଲୋକେ ବଟବୃକ୍ଷକୁ ପୂଜା କରନ୍ତି। ଏହା କହି ବରଗଛଟି ହସିଲା।

ଥରେ ନୁହେଁ,ବରଗଛ ଏପରି କହି ଅନେକ ଥର ଘାସକୁ ଥଟ୍ଟା କରେ।ଏଥର କିନ୍ତୁ ଘାସ ଛାଡିଲା ନାହିଁ।କହିଲା,' ତୁ ଯେପରି ଉପକାର କରୁ,ମୁଁ ମଧ୍ୟ ସମଗ୍ର ଜୀବଜଗତର ଉପକାର କରେ। ଗାଈଗୋରୁମାନେ ଘାସଚରି ଜୀବନ ଧାରଣ କରନ୍ତି। ବର୍ଷାର ଆଗମନରେ ମୁଁ କଅଁଳିବା ଯୋଗୁ ଧରଣୀ ସବୁଜିମାରେ ଭରିଉଠେ। ମୋ ଦେହରେ ଫୁଟୁଥିବା ଘାସଫୁଲ ଖୁବ୍ ସୁନ୍ଦର ଦେଖାଯାଏ। ଝଡ କିମ୍ବା ବାତ୍ୟା ଆସିଲେ ମୁଁ ତୋ' ପରି ଭାଙ୍ଗି ପଡେନାହିଁ। ଘାସର ଗାଲିଚା କହି ମଣିଷ ମୋ' ଦେହରେ ଶୋଇ ପଡେ।



ପଥିକଟି ଏ ଦୁହିଁଙ୍କ କଥାକୁ ମନଦେଇ ଶୁଣୁଥାଏ। ଶେଷକୁ କହିଲା, ତୁ ଛାଇ ଦେଉ ଥିବାରୁ ମୁଁ ଯେପରି ତୋ' ତଳେ ଆଶ୍ରୟ ନେଇଛି,ସେପରି ଘାସ ଥିବାରୁ ତା' ଉପରେ ଆରାମରେ ଶୋଇ ପାରୁଛି।ଭଗବାନଙ୍କ ଦରବାରରେ ସଭିଏଁ ସମାନ। କିଏ ବଡ ନୁହେଁ କି ଛୋଟ ନୁହଁ। ତାଙ୍କ ସୃଷ୍ଟିରେ ହାତୀ ଓ ପିମ୍ପୁଡି ଉଭୟ ସମାନ। ତେଣୁ ନିଜର ଅହଂକାର ଦେଖାଇବା ବୃଥା।

ବରଗଛ ପଥିକ କଥାରେ ନିଜର ଭୁଲ ବୁଝିପାରି ମନେମନେ ଲଜ୍ଜିତ ହେଲା। ସେଇ ଦିନ ଠାରୁ ବରଗଛ ଘାସକୁ କିଛି କହିବାକୁ ଯାଏନାହିଁ। ବରଂ ତାର ଉପସ୍ଥିତିରେ ସେ ଅଧିକ ଖୁସି ହୁଏ।

ଉର୍ତ୍ତୁର, ବାଙ୍ଗାଲୋର, କର୍ଣ୍ଣାଟକ
ମୋ-୯୪୩୭୧୮୧୧୯୬

# ମର୍ଯ୍ୟାଦା

## କୈଳାସ ଚନ୍ଦ୍ର ସାହୁ

ସେତେବେଳେ ସେ ଉତ୍ତରପ୍ରଦେଶର ଗୃହ ମନ୍ତ୍ରୀ ଥାଆନ୍ତି। ଦିନେ ଆହ୍ଲାବାଦର ଜଣେ ଲୋକ ତାଙ୍କୁ ସାକ୍ଷାତ କରିବାକୁ ଆସିଲେ। ମନ୍ତ୍ରୀ ମହାଶୟ ସ୍ୱାଧୀନତା ସଂଗ୍ରାମରେ ଅଂଶ ଗ୍ରହଣ କରି ଜେଲ୍ ଦଣ୍ଡ ଭୋଗୁଥିବା ସମୟରେ ସେହି ଲୋକ ତାଙ୍କ ସହିତ ଗୋଟିଏ କୋଠରୀରେ ରହୁଥିଲେ। ସେ ମଧ ଜଣେ ସ୍ୱାଧିନତା ସଂଗ୍ରାମୀ ଥିଲେ। ମନ୍ତ୍ରୀଙ୍କ ସହିତ ତାଙ୍କର ଭଲ ସଂପର୍କ ଥିଲା। ତାଙ୍କ ପୁଅ କନେଷ୍ଟବଳ ଚାକିରୀ ପାଇଁ ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଥିଲେ, କିନ୍ତୁ ଅଧ ଇଞ୍ଚ ଉଚ୍ଚତା କମ୍ ଯୋଗୁଁ ତାଙ୍କୁ ପ୍ରତ୍ୟାଖ୍ୟାନ କରାଯାଇଥିଲା। ତେଣୁ ସେ ମନ୍ତ୍ରୀଙ୍କ ପାଖକୁ ଆସି ତାଙ୍କ ପୁଅକୁ ସାହାଯ୍ୟ କରିବା ପାଇଁ ନିବେଦନ କଲେ।

ମନ୍ତ୍ରୀ କହିଲେ, ଆଇନ୍ ସମସ୍ତଙ୍କ ପାଇଁ ସମାନ। ମୁଁ ଆଇନ୍ ବିରୁଦ୍ଧ କାମ କିଛି କରି ପାରିବି ନାହିଁ।

ମନ୍ତ୍ରୀଙ୍କ କଥା ଶୁଣି ଲୋକଟି ଭୀଷଣ ରାଗିଯାଇ କହିଲା, ତମେ ଏତେ ଗେଡା ହୋଇ ପ୍ରଧାନମନ୍ତ୍ରୀ ହେଇପାରିବ ଅଥଚ ମୋ ପୁଅ ଅଧ ଇଞ୍ଚ ଉଚ୍ଚତା କମ୍ ପାଇଁ କନେଷ୍ଟବଳ ହୋଇପାରିବ ନାହିଁ ?

ଏକଥା ଶୁଣି ମନ୍ତ୍ରୀ ମହାଶୟ ହସିଦେଇ କହିଲେ, ପଣ୍ଡିତଜୀ ଆପଣ ଠିକ୍ କହିଛନ୍ତି । ଗେଡା ସତ୍ତ୍ୱେ ମୁଁ ପ୍ରଧାନମନ୍ତ୍ରୀ ହେଇପାରିବି କିନ୍ତୁ କନେଷ୍ଟବଳ ହୋଇପାରିବି ନାହିଁ। ସେହିପରି ଆପଣଙ୍କ ପୁଅ ମନ୍ତ୍ରୀ ପଦ ପାଇଁ ଯୋଗ୍ୟ କିନ୍ତୁ କନେଷ୍ଟବଳ ପାଇଁ ନୁହେଁ।



ସେଦିନ ଏହିପରି ଉତ୍ତର ଦେଇ ଆଇନର ମର୍ଯ୍ୟାଦା ବୃଦ୍ଧି କରିଥିବା ମନ୍ତ୍ରୀ ଜଣଙ୍କ ଥିଲେ ଶାନ୍ତିର ମାନବ ଲାଲ୍ ବାହାଦୂର ଶାସ୍ତ୍ରୀ। ପରବର୍ତ୍ତୀ ସମୟରେ ସେ ଭାରତର ପ୍ରଧାନମନ୍ତ୍ରୀ ପଦ ଅଳଙ୍କୃତ କରିଥିଲେ।

ବରୀ, ଠେଙ୍ଗଡ, ଯାଜପୁର
ମୋ - ୯୪୩୯୯୦୨୯୯୬

# ଅଭ୍ୟାସ ବଳରେ

## କୀର୍ତ୍ତନ ସାହୁ



ଅଭ୍ୟାସ ବଳରେ ଆମ କୁନି ଝିଅ
ପାରୁଅଛି ଏବେ ଚାଲି
ଯେତେ ମନେ ମନେ ଚେଷ୍ଟା କରୁଥିଲା
ପଡ଼ି ଯାଉ ଥିଲା କାଲି ।

ଅଭ୍ୟାସ ବଳରେ ଆମ ପୋଷା ଶାରୀ
ଡାକୁଅଛି ମିଟୁ ମିଟୁ
ତା ପାଖରେ ବସି କଥା ହେଉ ଅଛି
ହସି ହସି ଆମ ଟିଟୁ।

ଅଭ୍ୟାସ ବଳରେ ବାଘଟିଏ ଦିନେ
ସର୍କସରେ ଖେଳ କରେ
ହଜାର ହଜାର ଦର୍ଶକ ଆଗରେ
ମଜା କରି ମନ ହରେ ।

ଅଭ୍ୟାସ ବଳରେ ପଙ୍ଗୁ ଲଂଘେ ଗିରି
ମୁକ କହି ପାରେ କଥା
ଅନ୍ଧ ଦିନେ ପୁଣି ପାଠ ପଢି ପାରେ
ଲଗାଇ ତାହାର ମଥା।

ଅଭ୍ୟାସ ବଳରେ କେତେ ବଡ କାମ
ସହଜ ହେଉଛି ଦିନେ
ନଦୀ ପହଁରା କି ଗଛ ଚଢ଼ା ହେଉ
ହେବନି ଅଭ୍ୟାସ ବିନେ ।

ଛୋଟ ବେଳୁ ଆମେ ଅଭ୍ୟାସ କରିଲେ
ସହଜ ହୋଇବ କାମ
ଭଲ କାମ କରି ଆମେରେ ନିଶ୍ଚୟ
ରଖିବା ଦେଶର ନାମ ।

ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ଦୂର ଭାଷ - ୯୪୩୮୪୧୪୭୦୧

ଶିଶୁ କବିତା

# ଚଇତ୍ର ମାସର କଥା

## ନିରଞ୍ଜନ ସାହୁ



ଚଇତ୍ର ମାସର କଥା
କଥାଟା ନିହାତି ଯଥା
ଧୀରେ ଧୀରେ ଖରା ଟାଣ ହୋଇଯିବ
ଘୁରାଇ ଦେବ ଯେ ମଥା ।

ଦକ୍ଷିଣା ପବନ ବହେ
ଚୁପିଚୁପି କଥା କହେ
ଚୋରା ଚଇତାଳି ନାମରେ ନାମିତ
ଯେଉଁପରି ମନେରହେ ।

ସହଜେ ବସନ୍ତ କାଳ
ତଥାପି ବହିବ ଝାଳ
ମଳୟ ପବନେ ମାଳତି ବାସିବ
ମହୁଲ ଫୁଲକୁ ଭାଳ ।

କୋଇଲି ଗାଇବ ଗୀତ
ଚଇତର ସିଏ ମିତ
ପଞ୍ଚମ ତାନର ସଙ୍ଗୀତ ଶୁଣିଲେ
ବିଭୋର ହୋଇବ ଚିତ୍ତ ।

ଚଇତରେ ନିମ୍ବ କଢ଼ି
ତୋଳିବା ଗଛରେ ଚଢ଼ି
ନିମ୍ବ ଫୁଲକଢ଼ି ଖାଇବା ନିଶ୍ଚୟ
ରୋଗ ପାରିବନି ବଢ଼ି ।

ହିନ୍ଦୁ ନବବର୍ଷ ହେବ
ଅପାର ଆନନ୍ଦ ଦେବ
ଚଇତ ଶୁକଳ ପ୍ରତିପଦା ତିଥି
ହିନ୍ଦୁଙ୍କୁ କୋଳେଇ ନେବ ।

ଅଶୋକ ଅଷ୍ଟମୀ ପଡ଼େ
ରୁକୁଣା ରଥଟି ଗଡ଼େ
ଶ୍ରୀରାମ ନବମୀ ତାହା ବାସିଦିନ
ରାମ ଭକ୍ତ ମନ ଉଡ଼େ ।

ବାସନ୍ତୀକ ଦୁର୍ଗା ପୂଜା
ବିରାଜିବେ ଦଶଭୁଜା
ନବରାତ୍ରି ପାଳି ମାତୃ ଉପାସକ
ଭକ୍ତି କର ଆଖି ବୁଜା ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩



# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ନବବର୍ଷ ଉତ୍ସବ



ବୌଦ୍ଧ(ପିପିଏସ୍) : ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବୌଦ୍ଧ ନଗର ତରଫରୁ ରାଷ୍ଟ୍ରୀୟ ନବବର୍ଷ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ନଗର ସଂଘ ଚାଳକ ମାନନୀୟ ଡ଼ ସୁଦର୍ଶନ ମେହେର ଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡିଶା ପଶ୍ଚିମ ପ୍ରାନ୍ତ ଧର୍ମ ଜାଗରଣ ସଂଯୋଜକ ବିକ୍ରମ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଭାରତୀୟ କାଳ ଗଣନା ବୈଜ୍ଞାନିକ ସିଦ୍ଧ ଅଟେ। ଏହା ଆଜିଠାରୁ କଳି ଯୁଗାବ୍ଦ ୫୧୨୮ ଓ ବିକ୍ରମ ସମ୍ବତ ୨୦୮୩ ର ଅୟମାରମ୍ଭ ବୋଲି ମତବ୍ୟକ୍ତ କରିଥିଲେ ।ଆଜି ଦିନରେ ସୃଷ୍ଟିର ଆରମ୍ଭ ସହ ଭଗବାନ ଶ୍ରୀରାମଙ୍କ ରାଜ୍ୟାଭିଷେକ , ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ ମହର୍ଷି ଦୟାନନ୍ଦଙ୍କ ଦ୍ୱାରା ଆର୍ଯ୍ୟ ସମାଜ ପ୍ରତିଷ୍ଠା, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠାତା ଡକ୍ଟର କେଶବ ବଳିରାମ ହେଡଗେଓ୍ୱାର ଙ୍କ ଜନ୍ମତିଥି ଭଳି ଅନେକ କାରଣରୁ ଏ ଦିବସର ମହତ୍ତ୍ୱ ପ୍ରତିପାଦନ କରିଥିଲେ ।ପ୍ରଥମେ ମୁଖ୍ୟଶିକ୍ଷକ ନିରଞ୍ଜନ ମେହେର ଆଦ୍ୟ ସରସଂଘଚାଳକ ପ୍ରଣାମ ଦେଲା ପରେ ଲକ୍ଷ୍ମୀକାନ୍ତ ଜାନି ଧ୍ୱଜା ରୋପଣ କରିବାସହ ବ୍ୟକ୍ତିଗତ ଗୀତ ବୋଲି ଥିଲେ । ନଗର କାର୍ଯ୍ୟବାହ ଦିଲ୍ଲିପ କୁମାର ସାହୁ ମଞ୍ଚ ପରିଚାଳନା କରି ଅତିଥି ପରିଚୟ ପ୍ରଦାନ କରି ଥିଲେ। ପ୍ରକାଶ ଥାଉକି ପ୍ରାତଃ ସଂଘ ସ୍ଥାନରେ ସ୍ୱୟଂସେବକ ମାନେ ବିଜୟ କୁମାର ସାହୁ ଙ୍କ ତତ୍ତ୍ୱାବଧାନରେ ଆସନ, ସୂର୍ଯ୍ୟ ନମସ୍କାର,ବ୍ୟାୟାମ ଯୋଗ ଓ ସଞ୍ଚାଳନ କରି ଦିବସ କୁ ପାଳନ କରିଥିଲେ। କାର୍ଯ୍ୟକ୍ରମରେ ସହର ର ଅନେକ ବୁଦ୍ଧିଜୀବି,ସଂଘର ଶୁଭେଚ୍ଛୁ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମରେ ଭାଗ ନେଇ 'ସଂଘ ଶତକ ' ଚଳଚ୍ଚିତ୍ର କୁ ଦେଖି ଉତ୍ସବକୁ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଧରଣୀଧର ମେହେର, ବିଜୟ କୁମାର ସାହୁ, ପଦ୍ମଚରଣ ମେହେର, ନବୀନ କୁମାର ସାହୁ, ସେବିକା ସମିତି ର ଭଉଣୀ ମାନେ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ



ଦେବଗଡ(ପିପିଏସ୍) : ଜ଼ିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକଙ୍କ ଆବାହନ କ୍ରମେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ଶ୍ରୀ ସାହୁ ମଦ ବିକ୍ରୟ ଢାବାଗୁଡ଼ିକ ଯାଞ୍ଚ କରିବା, ଏନ୍‌ଏଚ୍ ୪୯ ର ରାସ୍ତା ପାର୍ଶ୍ୱରେ ଜବରଦଖଲ ଦୋକାନଗୁଡ଼ିକୁ ଚିହ୍ନଟ ଓ ଉଚ୍ଛେଦ କରିବା ,ଦେବଗଡ଼ ରଜାମୁଣ୍ଡା ଆମ୍ବେଦକର ଛକରେ ହାଇମାଷ୍ଟ ଲାଇଟ୍ ସ୍ଥାପନ ଓ ଗାଡ଼ି ଚଳାଇବା ବେଳେ ହେଲମେଟ୍, ସିଟ୍‌ବେଲ୍ଟ ପିନ୍ଧିବା,ସରକାରଙ୍କ ନିୟମ ଅନୁସାରେ ନିର୍ଦ୍ଧାରିତ ଗତିରେ ଗାଡ଼ି ଚଳାଇବା, ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ଠାରେ ଟ୍ରାଫିକ ନିୟନ୍ତ୍ରଣ ଉପରେ, ବିଶେଷ ଆଲୋକପାତ କରିଥିଲେ। ବୈଠକରେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ଉପ ଜ଼ିଲ୍ଲାପାଳ ପରକ୍ଷିତ ସାହୁ, ଅଧିକ୍ଷଣ ଯନ୍ତ୍ରୀ ରାସ୍ତା ଓ ଗୃହ ବିଭାଜନ ଅଭିଷେକ ଓଝା ,କାର୍ଯ୍ୟ ନିର୍ବାହୀ ଅଧିକାରୀ ପୌରପରିଷଦ ରିତିକାନ୍ତ ଶୁକ୍ଲା , ଟିପିଡବ୍ଲୁ ନିର୍ବାହୀ ଯନ୍ତ୍ରୀ ରାଜୁ ସହା,ଡେପୁଟି କଲେକ୍ଟର କଳିଙ୍ଗ ଆଶିଷ ଶତପଥି,ଜିଲ୍ଲା ଯୋଗାଣ ଅଧିକାରୀ କିଶୋର ଚନ୍ଦ୍ର ମହାରଣା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜରାସ୍ତାରୁ ଟନ୍‌ଟନ୍ ପାଉଁଶ ସ୍ଥାନାନ୍ତର କଲେ କଲେଜ ଛାତ୍ର

ସମ୍ବଲପୁର: ସମାଜରୁ ଏବେ ଧିରେଧିରେ ମାନବିକତା ଉଭେଇ ଗଲାଣି । ହେଲେ ଆଜିର ପାଠ ପଢା ସାରି କିଛି କଲେଜ ଛାତ୍ର ଯେଉଁ କାର୍ଯ୍ୟ କରିଛନ୍ତି ତାହା କାହାରି ନିର୍ଦ୍ଦେଶରେ ନୁହେଁ, ସ୍ୱତଃ ପ୍ରବୃତ୍ତ ଭାବେ । କଳ କାରଖାନାକୁ ସରକାର ବିଭିନ୍ନ ପ୍ରୋତ୍ସାହନ ଦେଉଛନ୍ତି । ହେଲେ ଟିକିଏ ସୁଯୋଗ ମିଳିଲେ ଯେପରି 'ଅଙ୍ଗୁଳି ପ୍ରବେଶରୁ, ବାହା ପ୍ରବେଶ' ସେହିପରି ଆଖପାଖର କୌଣସି କାରାଖାନା ନିଜ ବର୍ଜ୍ୟବସ୍ତୁ ଟନ୍ ଟନ୍ ଆସ୍ (ପାଉଁଶ) କୁଲୁଥୁକାନି ମୁଖ୍ୟ ରାସ୍ତା କଡ଼ରେ ପକାଇ ଚମ୍ପଟ ମାରିଥିଲା । ଜିଲ୍ଲା ପ୍ରଶାସନ ଚାହିଁଛି, ସାଧାରଣ ଲୋକେ ଯା-ଆସ ମଧ କରୁଛନ୍ତି । ହେଲେ ଏହି ଆସ୍ ପବନରେ ଉଠି ବାୟୁ ପ୍ରଦ୍ୟୁଷଣ କରିବା ସହ ରାସ୍ତାସାରା ଖେଳାଇ ଏକ ବିପଦ ସଙ୍କୁଳ ଅବସ୍ଥା ସୃଷ୍ଟି କରୁଥିଲେ ମଧ ସମସ୍ତେ ପ୍ରାୟ ନାଚାର । ସ୍ଥାନୀୟ ଏନ୍‌ଏସିବି କଲେଜର କିଛି ଛାତ୍ର ଏଭଳି ଦୃଶ୍ୟକୁ ଦେଖି ପ୍ରଶାସନର କଚ୍ଛପ ଗତିର କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା ନକରି ତୁରନ୍ତ ସ୍ୱେଚ୍ଛାକୃତ ଭାବେ ହାତରେ ଫାଉଡା ଓ ବକେଟ୍ ଧରି ଧିରେ ଧିରେ ପାଉଁଶ ଗୁଣ୍ଡ ଗୁଡିକୁ ରାସ୍ତାରୁ ଉଠାଇ ନିକଟସ୍ଥ ଏକ ଖାଲୁଆ ଅଂଚଳରେ ପକାଇଥିବା ଦେଖିବାକୁ ମିଳିଥିଲା । କଲେଜ ଛାତ୍ରଙ୍କ ଏଭଳି ମାନବିକତା କାର୍ଯ୍ୟ ଦେଖି ଆଖପାଖ ଲୋକଙ୍କ ସମେତ ଦେଖାଣାହାରୀଙ୍କ ମହଲରେ ଏକ ଉଦାହରଣ ପାଲଟିଥିଲେ ।

# ଡ୍ରାଇଭରଚାଳକ ମହାସଂଘ ଗଠିତ

ଜୟପୁର: ଜୟପୁର ବ୍ଲକ ଅନ୍ତର୍ଗତ ଆମ୍ବାଗୁଡା କଲ୍ୟାଣ ମଣ୍ଡପ ପରିସରରେ ଡ୍ରାଇଭର ମାନଙ୍କ ପକ୍ଷରୁ ମହାଦେବ ଚାଳକ ମହାସଂଘ ଗଠିତ ହୋଇଯାଇଛି । ଏହି ମହାସଂଘରେ ୧୫୦ରୁ ଉର୍ଦ୍ଧ ୩ରୁ ୪ ଚକିଆ ଗାଡିର ଡ୍ରାଇଭର ମାନେ ଯୋଗ ଦେଇ ଏହି ସଂଘ ଗଠନ କରିଥିଲେ। ଏହି ଅବସରରେ ସମସ୍ତ ସଂଘ କର୍ମକର୍ତା ଏକ ଶୋଭାଯାତ୍ରାରେ ବାହାରି ଆମ୍ବାଗୁଡା ଭ୍ରମଣ କରିଥିଲେ । ଆଗାମୀ ଦିନରେ ସଂଘର ସମସ୍ତ ସମସ୍ୟା ଗୁଡିକ ସମାଧାନ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ଡ୍ରାଇଭର ମାନଙ୍କ ନିମନ୍ତେ ସଂଘର ଆବଶ୍ୟକତା ରହିଛି ଏବଂ ସଂଘ କରିବାକୁ ହେଲେ ଏକତାର ଆବଶ୍ୟକତା ରହିଛି ବୋଲି ବୈଠକରେ ଆଲୋଚନା ହୋଇଥିଲା।

# ଖଜୁରୀବନ୍ଧ ପାର୍କରେ ତାଲା : ବଢୁଛି ଅସନ୍ତୋଷ

ଜୟପୁର: ଜୟପୁର ସହର ଖଜୁରିବନ୍ଧ ନିକଟରେ ରହିଛି ବିଜୁ ପଟ୍ଟନାୟକ ଶାନ୍ତି ଉଦ୍ୟାନ। ସକାଳୁ ଖୋଲା ଯାଉନି ପାର୍କ ତାଲା। ବୟସ୍କ ଠାରୁ ଆରମ୍ଭ କରି ମହିଳା ମାନେ ମର୍ଣିଙ୍ଗ୍ ୱାକ କରିବା ପାଇଁ ଯିବା ସମୟରେ ତାଲା ଦେଖି ନିରାଶ ହୋଇ ଫେରୁଛନ୍ତି। ଉଦ୍ୟାନର ରକ୍ଷଣାବେକ୍ଷଣ କରାଯାଉନଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଜିଲ୍ଲା ପ୍ରଶାସନକୁ ଲିଖିତ ଭାବେ ଜଣାଇବା ପରେ ମଧ କୌଣସି ସୁଫଳ ମିଳୁନି। ପୂର୍ବରୁ ପୌରପାଳିକା ପକ୍ଷରୁ ଏହାର ରକ୍ଷଣା ବେକ୍ଷଣ କରାଯାଉଥିଲା। ଏସଏଚଜି ଦାୟିତ୍ୱ ନେବା ପରେ ସମସ୍ୟା ଆରମ୍ଭ ହୋଇଛି। ଉଦ୍ୟାନ ପରିସରରେ ଅବର୍ଜନା ଭର୍ତି ରହୁଛି। ଗଛଗୁଡିକରେ ନିୟମିତ ପାଣି ଦିଆଯାଉନାହିଁ। ଆଜିସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ପଦକ୍ଷେପ ନିଆଯାଇନାହି। ଶେଷରେ ବାଧ ହୋଇ ଉଦ୍ୟାନ ସମ୍ମୁଖରେ ବୟସ୍କ ଓ ମହିଳା ମାନେ ବିକ୍ଷୋଭ କରିଛନ୍ତି। ବୟସ୍କ ବ୍ୟକ୍ତିଙ୍କ କହିବା କଥା ହେଲା ପୌରପାଳିକାର ନିର୍ଦ୍ଦେଶ ଅନୁସାରେ ବୁଧବାର ସକାଳୁ ଗେଟ ଖୋଲାଯିବ ବୋଲି ଏହର ଦାୟିତ୍ୱରେ ଥିବା ଏସଏଚଜିର ମହିଳା ମାନେ ପ୍ରତିଶୃତି ଦେଇଥିଲେ। କିନ୍ତୁ ସମସ୍ତେ ଆଜି ସକାଳୁ ଯିବା ସମୟରେ ଗେଟରେ ତାଲା ପଡିଥିବା ଦେଖି ଏହା ହେଉଛି ସମସ୍ତଙ୍କ ସମ୍ପତି। ଏଥିରେ ସମସ୍ତଙ୍କ ଅଧିକାର ରହିଛି। ଏଠାରେ ଉଦ୍ୟାନ ପ୍ରତିଷ୍ଠା ହେବା ପରେ ବୟସ୍କଙ୍କ ଲାଗି ସୁବିଧା ହୋଇଛି। ସକାଳେ ଗେଟ ଖୋଲାଯାଉଥିବାରୁ ସେମାନେ ଏଠାକୁ ଆସୁଥିଲେ। ନିଜକୁ ସୁସ୍ଥ ରଖିବା ଲାଗି ଓପନଜିମରେ ବ୍ୟାୟାମ କରିବା ସହ ପ୍ରାତଃ ଭ୍ରମଣ କରୁଥିଲେ। ଗତ ୧୩ ତାରିଖରୁ ଗେଟ ଖୋଲାଯାଉନି। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିବା ଏସଏଚଜି ତାଲା ଖୋଲୁନି। ୫ଦିନ ହେବ ଗେଟ୍ ବନ୍ଦ ହୋଇ ରହିଛି। ପାର୍କରେ ତାଲାପଡିଥିବା ଖବର ପାଇ ପୌରାଧକ୍ଷ ଏସଏଚଜି ଗୃପର ମହିଳାଙ୍କୁ ଡାକି ଗେଟ ଖୋଲିବା ପାଇଁ ପରାମର୍ଶ ଦେଇଥିଲେ। ଅଫିସ ଆସି ଏଗ୍ରିମେଂଟ କରିବାକୁ କହିଥିଲେ। ଯଦି ଦୁଇଦିନ ମଧ୍ୟରେ ସମସ୍ୟାର ସମାଧାନ ନହେଲେ ଏହି ଏସଏଚଜି ଗୃପକୁ ବ୍ଲାକ ଲିଷ୍ଟ କରାଯିବ ବୋଲି କହିଛନ୍ତି। ଏନେଇ ଜୟପୁରର ଜ୍ୟୋତି ଏସଏଚଜି ଗୃପ ମହିଳା ସଦସ୍ୟା କହିଛନ୍ତି ଏହି ପାର୍କ ଚଲାଇବା ପାଇଁ ଜାନୁଆରୀ ୧୬ ତାରିଖରେ ପ୍ରତିମାସରେ ୫୫ହଜାର ୫୫୫ଟଙ୍କା ପୌରପାଳିକାକୁ ଦେବା ପାଇଁ ରାଜିନାମା ହୋଇଥିଲା। ଏହି ପାର୍କରେ ୭ଦିନ ମଧ୍ୟରେ ଲାଇଟ ବ୍ୟବସ୍ଥା ସହ ଶୌଚାଳୟ, କରିବା ପାଇଁ ପୌର ପ୍ରଶାସନ ପ୍ରତିଶୃତି ଦେଇଥିଲେ କିନ୍ତୁ କିଛି କରିନାହାନ୍ତି। ଖରାଦିନକୁ ଛାଡିଦେଲେ ବର୍ଷା ଏବଂ ଶୀତ ଦିନରେ ପାର୍କରେ ଲୋକଙ୍କ ସଂଖ୍ୟା କମିଯାଉଥିବା ଯୋଗୁଁ ଏତେ ଟଙ୍କା ଦେବା ସମ୍ଭବ ନୁହେଁ।

# ସରକାରୀ ଜମିରୁ ହଟିଲା ଜବରଦଖଲ



ଦେବଗଡ଼(ପିପିଏସ୍) : ବାରକୋଟ ବ୍ଲକ୍ ର ବଡଝୁଣ୍ଟରା ପେଟ୍ରୋଲ ପମ୍ପ ମାଲିକ ବେଆଇନ ଭାବେ ନିର୍ମାଣ କରିଥିବା ପାଚେରୀ ଓ ସରକାରୀ ଜମିକୁ ଜବରଦଖଲ କରିଥିବା ମାଲିକ ତହସିଲଦାର ବାରକୋଟ ରବୀନ୍ଦ୍ର ସାମଲ ଙ୍କ ଦ୍ୱାରା ପାଚେରୀ ଭଙ୍ଗାଯାଇ ଜବରଦଖଲ ମୁକ୍ତ କରାଯାଇଛି । ସରକାରୀ ଜମି ଜବର ଦଖଲ ମୁକ୍ତ ପ୍ରତିରୋଧ ଆଇନ- ୧୯୭୨ ମୁତାବକ ଜବର ଦଖଲ ମାମଲା ସଂଖ୍ୟା ୪-୧୭୮୭/୨୦୨୫ ରେ ଏକ ମୋକଦ୍ଦମା ରୁଜୁ କରାଯାଇଥିଲା । ଉପରୋକ୍ତ ମାମଲାର ଶୁଣାଣୀ ତହସିଲଦାର ବାରକୋଟ ଶ୍ରୀ ସାମଲଙ୍କ ଦ୍ୱାରା କରାଯାଇଥିବା ସରକାରୀ ଜମିକୁ ଜବର ଦଖଲ ମୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ନିର୍ଦ୍ଦେଶ ବିରୁଦ୍ଧରେ ଜବରଦଖଲ କାରି ବିଜୟ କୁମାର ପ୍ରଧାନ ପି- କାଶୀନାଥ ପ୍ରଧାନ ବା- ବଡଝୁଣ୍ଟରା ଉପ ଜିଲ୍ଲାପାଳ, ଦେବଗଡଙ୍କ ନିକଟରେ ଏକ ଅପିଲ ପିଟିସନ ଦାଖଲ କରିଥିଲେ । ଉକ୍ତ ଅପିଲ ପିଟିସନକୁ ଉପ ଜିଲ୍ଲାପାଳ, ଶ୍ରୀ ପରିକ୍ଷିତ ସାହୁ ଦେବଗଡ ଖାରଜ କରି ତହସିଲଦାର, ବାରକୋଟ ଶ୍ରୀ ସାମଲ ଙ୍କ ଆଦେଶକୁ କାଏମ ରଖିଥିଲେ । ତଦ୍ୱାରା ତହସିଲଦାର, ବାରକୋଟଙ୍କ ଆଦେଶ ସଂଖ୍ୟା- ୯୫୬/ ରାଜସ୍ୱ/ ୧୭.୦୩.୨୦୨୬ ମୁତାବକ, ରାଜସ୍ୱ ନିରୀକ୍ଷକ ବିପିନ ବିହାରୀ ପ୍ରଧାନଙ୍କ ସହ, ବାରକୋଟ ଥାନା ପୋଲିସ କର୍ମଚାରୀ, ଏଏସ୍ଆଇ ସନ୍ତୋଷ କୁମାର ନାୟକ , ବୀସାଖା ପ୍ରଧାନ (ସିଏଏସଆଇ), କୋର୍ଟ ଅମିନ ରଶ୍ମୀରଞ୍ଜନ ପ୍ରଧାନ, ଅଶ୍ୱିନୀ ଧୁରୁଆ ଏବଂ ଶିବ ପ୍ରସାଦ ନାୟକ କାର୍ଯ୍ୟ ନିର୍ବାହୀ ମାଜିଷ୍ଟ୍ରେଟ ତଥା ଅତିରିକ୍ତ ତହସିଲଦାର ଶିବବ୍ରତ ନାୟକ ବାରକୋଟ ଙ୍କ ଉପସ୍ଥିତିରେ ଉପରୋକ୍ତ ରକବା ଏ ୦.୧୦ ସରକାରୀ ଜମିରେ ବେଆଇନ ଭାବେ ନିର୍ମିତ ସୀମା ପାଚେରୀକୁ ଭଙ୍ଗାଯାଇ ସରକାରୀ ଜମିକୁ ଜବର ଦଖଲ ମୁକ୍ତ କରାଗଲା ।

# ପୁସ୍ତକ 'ଏଇତ ଜୀବନ' ଲୋକାର୍ପିତ

ନୂଆପଡ଼ା: ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ଲୋକଦୃଷ୍ଟି କଲେଜ ଅଫ୍ ଏଡଭାନ୍ସଡ ଟେକ୍ନୋଲୋଜି ସଭାଗୃହରେ କବି ଅବକାଶ ନାରାୟଣ ପଣ୍ଡାଙ୍କ ପ୍ରଥମ ପୁସ୍ତକ 'ଏଇତ ଜୀବନ' କବିତା ସଙ୍କଳନ ଆଜି ଲୋକାର୍ପିତ ହୋଇଯାଇଛି । ଅନୁଷ୍ଠିତ ସଭାରେ ସଭାପତି ଭାବରେ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରାକ୍ତନ ସଦସ୍ୟ ଡକ୍ଟର ସୁଶାନ୍ତ କୁମାର ବିଶି, ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ୍ ବଳଭଦ୍ର ମହାନ୍ତି, ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ କବି ନୀଳଲୋହିତ ସିଂହ ଦେବ ଯୋଗ ଦେଇଥିଲେ। ଅଧାପିକା ଗୀତାଶ୍ରୀ ପ୍ରିୟମ୍ବଦା ଓ ପିଏମ୍ ଶ୍ରୀ ରାଜା ଆର୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ତଥା ଗାଳ୍ପିକ ଗୌରାଙ୍ଗ କୁମାର ସାହୁ ପୁସ୍ତକ ସମୀକ୍ଷା କରିଥିଲେ । ଶିକ୍ଷାବିତ୍ ଆଦିତ୍ୟ ନାରାୟଣ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କବି ଉପେନ୍ଦ୍ର କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଇଂ. ଅମୋଘ ନାରାୟଣ ପଣ୍ଡା ବେଦ ପାଠ କରିଥିବା ବେଳେ କବି ସନାତନ ମହାନ୍ତି ମନ୍ତ୍ରୋଚ୍ଚାରଣ କରିଥିଲେ । ଅବସରପ୍ରାପ୍ତ ପ୍ରାଧାପକ ଲୋହିତାକ୍ଷ ଯୋଷୀ, ପ୍ରାଧାପକ ସାମୁଏଲ ଦାନୀ ଓ କବୟିତ୍ରୀ ପ୍ରଭାସିନୀ ଯୋଷୀ କବି ଅବକାଶ ନାରାୟଣ ପଣ୍ଡାଙ୍କ ସାହିତ୍ୟିକ ଜୀବନ ଉପରେ ଆଲୋକପାତ କରିଥିଲେ । ସମାରୋହରେ ସାହିତ୍ୟିକ ତଥା ବୁଦ୍ଧିଜୀବୀ ମାନେ ଯୋଗଦେଇ ଥିଲେ।

# ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ

ଝାରସୁଗୁଡ଼ା: ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏଚ୍. କାଟାପାଲି ପଞ୍ଚାୟତ ଗସ୍ତ କରି ସେଠାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବିଶେଷ କରି ଏଚ୍. କାଟାପାଲିଠାରେ ନିର୍ମାଣାଧୀନ ନୂତନ ଅଙ୍ଗନବାଡ଼ି କେନ୍ଦ୍ରର କ୍ଷେତ୍ର ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ପରଖିଛନ୍ତି। ପରିଦର୍ଶନ ସମୟରେ ଜିଲ୍ଲାପାଳ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ଅନୁଧ୍ୟାନ କରିବା ସହ ଏହାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଶିଶୁମାନଙ୍କ ଶୈକ୍ଷିକ ଏବଂ ସ୍ୱାସ୍ଥ୍ୟ ସୁବିଧା ପାଇଁ ଏହି କେନ୍ଦ୍ରଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏଥିରେ କୌଣସି ପ୍ରକାରର ଅବହେଳା କରାଯିବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଅବସରରେ ଶ୍ରୀ ଚହ୍ୱାଣ ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀମାନଙ୍କ ସହ ଆଲୋଚନା କରି କେନ୍ଦ୍ରର ପରିଚାଳନା ଏବଂ ଶିଶୁମାନଙ୍କୁ ଦିଆଯାଉଥିବା ସୁବିଧା ସୁଯୋଗ ବିଷୟରେ ପଚାରି ବୁଝିଥିଲେ। ଏଥିସହ ସେଠାରେ ଉପସ୍ଥିତ ଥିବା ଗ୍ରାମବାସୀଙ୍କ ସହ ଜିଲ୍ଲାପାଳ ସିଧାସଳଖ କଥା ହୋଇ ସେମାନଙ୍କର ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ଲୋକଙ୍କ ସମସ୍ୟାର ସମାଧାନ ପାଇଁ ସେ ସଂପୃକ୍ତ ଅଧିକାରୀମାନଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି।

# ରାଷ୍ଟ୍ରୀୟ ନବବର୍ଷ ସ୍ୱାଗତ ଉତ୍ସବ ପାଳିତ

କେନ୍ଦୁଝର,: ପ୍ରତି ବର୍ଷ ପରି ଏବର୍ଷ ମଧ ରାଷ୍ଟ୍ରୀୟ ନବ ବର୍ଷକୁ ସ୍ୱାଗତ ଜଣାଇ କେନ୍ଦୁଝର କାଳୀ ପଡିଆ ଠାରେ ରାଷ୍ଟ୍ରୀୟ ନବବର୍ଷ ସ୍ୱାଗତ ଉତ୍ସବ ଖୁବ୍ ଧୁମ୍ ଧାମ ରେ ପାଳିତ ।ହୋଇ ଯାଇଛି । ବରେଣ୍ୟ ଅତିଥି ମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ଓ ସଙ୍ଗୀତ ଶିକ୍ଷାନୁଷ୍ଠାନ ସ୍ୱରିଆ, ଇନ୍ଦ୍ରଧନୁ, ଦ ବେଷ୍ଟ ଓ ପ୍ରହଲ୍ଲାଦ ଗୁରୁଜୀ ଙ୍କ ବିଦ୍ୟାର୍ଥୀ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବାୟୁସେନା ଅବସର ପ୍ରାପ୍ତ ଅଧିକାରୀ ତଥା ରାଷ୍ଟ୍ରୀୟ ସ୍ୱୟଂ ସଂଘ ପୂର୍ବତନ ଜିଲ୍ଲା ସଂଘ ଚାଳକ କୈଳାଶ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଜିଲ୍ଲା ବାନାଞ୍ଚଳ ଅଧିକାରୀ ଧନରାଜ୍ ଏଚ. ଡି. ଏହି ସମୟରେ ପ୍ରକୃତି କିପରି ନବବର୍ଷ କୁ ସ୍ୱାଗତ କରିବା ପାଇଁ ସଜ୍ଜିତ ହୋଇଥାଏ ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ସ୍ୱାମୀ ରୁଦ୍ରବେଶାନନ୍ଦ ଗିରି ନବବର୍ଷର ମହତ୍ୱ ଓ ଆମ ସଂସ୍କୃତିକୁ ଆମେ ଭଲ ପାଇବା ସହିତ ଆମେ ସଂଗଠିତ ହୋଇ ରହିବା ବୋଲି ବକ୍ତବ୍ୟ ରଖିଥିଲେ । ହିନ୍ଦୁ ଜାଗୃତି ମଂଚ ପ୍ରାନ୍ତ ଉପଦେଷ୍ଟା ଦେବରାଜ ଆଚାର୍ଯ୍ୟ ଉପସ୍ଥିତ ଥିଲେ । ସହ ଜିଲ୍ଲା ସଂଯୋଜକ ନିରଞ୍ଜନ ପଲେଇ ଙ୍କ ଦ୍ୱାରା ବିବରଣୀ ପାଠ ହୋଇଥିଲା । ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ଓ ପୁରସ୍କାର ମଂଚାସୀନ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଓଡ଼ିଶା ଏବଂ ଓଡ଼ିଶା ବାହାରୁ ଆସିଥିବା ସୁନାମ ଧନ୍ୟ କଳାକାର ମାନଙ୍କ ସଙ୍ଗୀତରେ ହିନ୍ଦୁ ଯୁବକ ଓ ଯୁବତୀ ନାଚ ଗୀତରେ ନବବର୍ଷ କୁ ସ୍ୱାଗତ କରିଥିଲେ । ଅଭୀନାଶ ଦାସ ଧନ୍ୟବାଦ୍ ଅର୍ପଣ କରି ଥିଲେ । ଏହି କାର୍ଯ୍ୟକ୍ରମରେ ଈଶ୍ୱର ପ୍ରଧାନ ନେତୃତ୍ୱରେ ଦୁର୍ଯ୍ୟୋଧନ ମହାନ୍ତ, ପ୍ରଣବ ବେହେରା,ବରଦା ପ୍ରସାଦ ସାହୁ, ମିଳନ ନାଏକ,ରାମଚନ୍ଦ୍ର ବିଶ୍ୱାଳ,ଦେବାଶିଷ ଗିରି, ସୁଶିଲ ନାଏକ,ପ୍ରବୀଣ ବୈଦ୍,ନୂତନ ଘଣା, ସୁମନ୍ତ ସୋରେନ, ସୁଧାଂଶୁ କର, ସଞ୍ଜୟ , ଆପଟ,ପ୍ରମୋଦ ରାମ, ବବିତା ରାମ, ମମତା ଜେନା,ଅଂଶୁମାନ ପ୍ରଧାନ, ଲବ୍ୟଲେନ୍ଦୁ ମହାନ୍ତ,ପ୍ରଦୀପ ସାହୁ,ଅମର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ବାସନ୍ତୀକ ନବରାତ୍ର ପୂଜନୋତ୍ସବ ଅବସରରେ କଳସାଧିବାସ

ସମ୍ବଲପୁର: ସମ୍ବଲପୁର ସହର ଭୁତାପଡାସ୍ଥିତ ମା' ମଙ୍ଗଳାଙ୍କ ମନ୍ଦିରରେ ବାସନ୍ତୀକ ନବରାତ୍ର ପୂଜନୋତ୍ସବ ଅବସରରେ ଗୁରୁବାର ଚୈତ୍ର ମାସ ଅମାବାସ୍ୟା ତିଥିରେ କଳସାଧୀବାସ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆଜି ଅପରାହ୍ନ ୪ ଟା ସମୟରେ ଏହି କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ଓ ଏଥିରେ ସହରର ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ ଓ ସ୍ଥାନୀୟ ମହାନଦୀ ଘାଟରୁ ଜଳ ଆଣିବିଧି ମୁତାବକ ମଙ୍ଗଳାଙ୍କ ପୀଠେ ପୂଜନୋତ୍ସବ ଅନୁଷ୍ଠିତ ହୋଇଥିଲା ଓ କଳାସାଧିବାସ ପରେ ସନ୍ଧ୍ୟାରେ ମାଁ ଙ୍କ ପ୍ରତିପଦା ବିହିତ ପୂଜା, ଚଣ୍ଡୀପାଠ, ହୋମ, ଆଳତୀ, ପୁଷ୍ପାଞ୍ଜଳି ଅନୁଷ୍ଠିତ ହୋଇଥିଲା ।
ଭୁତାପଡା ମଙ୍ଗଳା ମନ୍ଦିରର ପୂଜକ ମହେଶ୍ୱର ପଣ୍ଡା ଓ ପଣ୍ଡିତ ଆଦିତ୍ୟ ମିଶ୍ର ପୂଜା କାର୍ଯ୍ୟ କରିଥିଲେ ଓ ମଙ୍ଗଳା ମନ୍ଦିର କମିଟିର ରବୀନ୍ଦ୍ର ଜେନା, ରସାନନ୍ଦ ବେହେରା, ସୁଧାଂଶୁ ଶେଖର ମହାରଣା, ଅସିତ ବିଶ୍ୱାଳ, ବିରଂଚି ବେହେରା, ନିହାର କୁମାର ମାହାନା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ଓ ସମ୍ବଲପୁର ଧୂଚୁରାପଡ଼ା ନିବାସୀ ସରୋଜ ସାହୁ ଓ ସାଗରୀକା ସାହୁ ସପନ୍ନୀକ କର୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି ।

# ରାମନବମୀ ପ୍ରସ୍ତୁତି ବୈଠକ

ଜୟପୁର: ଜୟପୁର ସହରରେ ଠାରେ ଶ୍ରୀରାମ ନବମୀ ପାଳନ ନିମନ୍ତେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳ ତୃପ୍ତି ବରାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି । ଉପଖଣ୍ଡ ଅରକ୍ଷୀ ଅଧିକ୍ଷକ ଅର୍ଚିତା ମିତଲ, ତହସିଲଦାର ଜୟପୁର ସବ୍ୟସାଚୀ ଜେନା, ଅତିରିକ୍ତ ଅରକ୍ଷୀ ଅଧିକ୍ଷକ ଅଭିଷେକ ପାଣିଗ୍ରାହୀ, ପ୍ରବେଶନାରୀ ସଦର ଥାନା ଅଧିକାରୀ ରମାସଦ କେ.ଭି. ପ୍ରମୁଖ ମଂଚାସୀନ ଥିଲେ ।
ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ମହା ଆଡମ୍ବରରେ ରାମ ନବମୀ ପାଳନ କରାଯିବ । ଜୟପୁର ସହରର ଜନସମାଗମକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ୫ ଗୋଟି ଡିଜେ ଲଗାଇବା ପାଇଁ ଅନୁମତି ମଗା ଯାଇଛି । ଯାନବାହନ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ନିମନ୍ତେ ଟାଉନ ଥାନା ପୋଲିସକୁ ଦାୟିତ୍ୱ ଦିଆଯାଇଛି। ଉକ୍ତ ଦିନ ଅପରାହ୍ନ ୪ଟା ଠାରୁ ରାତି ୮ଟା ମଧ୍ୟରେ ଚାରିଚକିଆ ଯାନକୁ ଟାଉନ ଭିତରକୁ ନ ଛାଡିବା ନିମନ୍ତେ ଟାଉନ ଥାନା ଅଧିକାରୀଙ୍କୁ ଅନୁରୋଧ କରାଯାଇଛି। ଏସ୍‌ଡିଓ ବିଦ୍ୟୁତ ବିଭାଗ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଇ ଦେବାକୁ ଅନୁରୋଧ କରାଯାଇଛି। ସେହିପରି ୨ ଗୋଟି ଅଗ୍ନିଶମ ଗାଡି ଯୋଗାଇ ଦେବା ପାଇଁ ଅଗ୍ନିଶମ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ଦିନ ଆଶୁ ଚିକିତ୍ସା ଓ ୨ ଗୋଟି ଆମ୍ବୁଲେନ୍ସ ଅପରାହ୍ନ ୪ଟା ଠାରୁ ଯୋଗାଇବା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗରକୁ ଅନୁରୋଧ କରାଗଲା । ୨ ଦିନ ପୂର୍ବରୁ ସମସ୍ତ ମଦ ଦୋକାନ, ସମସ୍ତ ସାହିରେ ରେଡ୍ କରିବା ନିମନ୍ତେ ଅବକାରୀ ବିଭାଗ ଓ ପୋଲିସ୍ ବିଭାଗ ଜୟପୁରଙ୍କ ମିଳିତ ଭାବରେ ଚଢଉ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ଦିନ ଅଗ୍ନିଶମ ଯାନ ଓ ଟିମ୍ ସମ୍ପୂର୍ଣ୍ଣ ଅଗ୍ନି ନିର୍ବାପକ ଯନ୍ତ୍ର ସହ ରାଲିର ପଛରେ ରହିବା ନିମନ୍ତେ କୁହାଗଲା । ଏବଂ ଅନ୍ୟାନ୍ୟ ବିଷୟ ମାନ ଅଲୋଚନା କରାଗଲା ଯେପରି ଏହି ବର୍ଷ ଖଣ୍ଡା ନାଚ ହେବ ଓ ମହାରାଷ୍ଟ୍ରରୁ ଢୋଲ ନୃତ୍ୟ ହେବ ।
ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଜୟପୁର, ସଦର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ, ଅଗ୍ନିଶମ ଅଧିକାରୀ ସୁରେଶ କୁମାର ବାରିକ, ଜୟପୁର, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗାଦବା, ସଭାପତି ହିନ୍ଦୁ ପରିଷଦ ଜୟପୁର ଓ ଅନ୍ୟାନ୍ୟ ଜୟପୁର ସହରର ବ୍ୟକ୍ତି ବିଶେଷ, ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଜୟପୁର ତହସିଲଦାର ସବ୍ୟସାଚୀ ଜେନା ଉପସ୍ଥିତ ଥିବା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା ବ୍ରାହ୍ମଣ ସମାଜ ପକ୍ଷରୁ ସାମୁହିକ ନିଶୁଳ୍କ ବ୍ରତୋପନୟନ

ବଲାଙ୍ଗିର,(ପିପିଏସ୍) : ଜିଲ୍ଲା ବ୍ରାହ୍ମଣ ମହାସଭା ପକ୍ଷରୁ ବ୍ରହ୍ମଣ ସନ୍ତାନମାନଙ୍କୁ ସାମୁହିକ ଶିଶୁଳ୍କ ବ୍ରତୋପନୟନ କାର୍ଯ୍ୟକ୍ରମ ସ୍ଥାନୀୟ ନୃସିଂହ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୪୦ ବର୍ଷ ହେବ ଜିଲ୍ଲା ବ୍ରାହ୍ମଣ ମହାସଭା ତରଫରୁ ଏହି ସାମୁହିକ ବ୍ରତୋପନୟନ କାର୍ଯ୍ୟକ୍ରମ ହୋଇଆସୁଅଛି । ବଲାଙ୍ଗିର ଜିଲ୍ଲା ବିଭିନ୍ନ ବ୍ଲକ ଓ ଅନ୍ୟାନ୍ୟ ଜିଲ୍ଲାରୁ ମଧ ବ୍ରାହ୍ମଣ ବାଳକମାନେ ବ୍ରତୋପନୟନ ପାଇଁ ଦରଖାସ୍ତ କରିଥାନ୍ତି ତାହା ଦୁଇ ଜଣ ବ୍ରାହ୍ମଣ ଦେବତା ଚିହ୍ନଟ କରି ସୁପାରିଶ କରିବା ପରେ ମହାସଭାର କାର୍ଯ୍ୟକାରୀ ପରିଷଦ ଦ୍ୱାରା ଚୂଡାନ୍ତ ନିଷ୍ପତ୍ତି ହୋଇଥାଏ । ଚଳିତ ବର୍ଷ ୧୪ ଜଣ ବ୍ରାହ୍ମଣ ବାଳକ (ବଟୁ) ବ୍ରତୋପନୟନ ହୋଇଛନ୍ତି । ମାର୍ଚ୍ଚ ୧୫ ତାରିଖ ରେ ଚାରି କର୍ମ ହୋଇଥିବା ବେଳେ ୧୬ ତାରିଖରେ ବ୍ରତୋପନୟ କରାଯାଇଥିଲା । ଏହି ଅବସରରେ ବଲାଙ୍ଗିର ପୌର ପରିଷଦର ଅଧକ୍ଷା ଲିକା ସାହୁ, ସମାଜସେବୀ ଗୋପାଳଜୀ ପାଣିଗ୍ରାହୀ ସମେତ ଅନ୍ୟାନ୍ୟ ବର୍ଗର କର୍ମକର୍ତ୍ତା ତଥା ବିଶିଷ୍ଟ ସ୍ୱତନ୍ତ୍ର ନିମନ୍ତ୍ରିତ ବ୍ୟକ୍ତି ଯୋଗ ଦେଇଥିଲେ । ସାମୁହିକ ବ୍ରତୋପନୟନ କାର୍ଯ୍ୟକ୍ରମକୁ ପଣ୍ଡିତ ସନ୍ତୋଷ ମିଶ୍ର, ଗୋକୁଳା ମିଶ୍ର, ମୁଖ୍ୟ ଆଚାର୍ଯ୍ୟ ଏବଂ ପଣ୍ଡିତ ଭୋଜରାଜ ଦାଶ, ରଘୁନାଥ ଶତପଥି, ଗୁରୁଜି ଆନନ୍ଦ ମିଶ୍ର, ସୋମନାଥ ମିଶ୍ର, ରଜନୀ ଦାଶ, ସୁରେଶ ଚନ୍ଦ୍ର ପଣ୍ଡା, କାର୍ତ୍ତିକ ପଣ୍ଡା, ନରେନ୍ଦ୍ର ମହାପାତ୍ର, ପ୍ରମୋଦ ପଣ୍ଡା, ଗୋବିନ୍ଦ ପାଣି, ସୌମ୍ୟ ମିଶ୍ର ଓ ଆନନ୍ଦ ମିଶ୍ର ସହଯୋଗୀ ଆଚାର୍ଯ୍ୟ ଦାୟିତ୍ୱ ତୁଲାଇଥିଲେ । ସମ୍ପୂର୍ଣ୍ଣ ବୈଦିକ ରୀତିନୀତି ଅନୁଯାୟୀ ଏହି ବ୍ରତୋପନୟନ କାର୍ଯ୍ୟକ୍ରମ ପାଳନ କରାଯିବା ସଙ୍ଗେ ସଙ୍ଗେ ସହର ତଥା ବିଭିନ୍ନ ଅଂଚଳରୁ ୪୦୦ ପାଖାପାଖି ବ୍ରାହ୍ମଣ ପରିବାର ଯୋଗଦାନ କରି ଉପରୋକ୍ତ କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳା ସହିତ ସାଫଲ୍ୟ ମଣ୍ଡିତ କରିଥିଲେ । ଅପରାହ୍ନ ୪ ଘଣ୍ଟା ସମୟରେ ସମସ୍ତ ବଟୁଧାରୀ ଙ୍କ ସହିତ ବ୍ରାହ୍ମଣ ମହାସଭାର ସମସ୍ତ ସଭ୍ୟ/ ସଭ୍ୟା ଏବଂ ନିମନ୍ତ୍ରିତ ପରିବାର ବର୍ଗମାନେ ମିଶି ରୋଷାଣି କାର୍ଯ୍ୟକ୍ରମ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲେ । ଏପରି ନିଶୁଳ୍କ ସାମୁହିକ ବ୍ରତୋପନୟନ ଓ ବ୍ରାହ୍ମଣ ସମାଜର ପବିତ୍ର ଓ ମହତ କାର୍ଯ୍ୟକ୍ରମକୁ ସହରର ଜନସାଧାରଣ ଭୁୟସି ପ୍ରଶଂସା କରିବା ସହିତ ଶୁଭେଚ୍ଛା ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ବ୍ରାହ୍ମଣ ମହାସଭାର ଉପଦେଷ୍ଟା ଜୟରାମ ମିଶ୍ର, ପର୍ଶୁରାମ ନାୟକ, ଶିବ ଶଙ୍କର ଖୁଆସ, ଲୋକନାଥ ନେପାକ, ବିଶେଷ କରି ସଭାପତି ପ୍ରାଣ ବଲ୍ଲଭ ତ୍ରିପାଠି, ସଂପାଦକ ନରେନ୍ଦ୍ର କୁମାର ଆଚାର୍ଯ୍ୟ, ଉପ-ସଭାପତି କିଶୋର ପୁରୋହିତ, ରାଜଶ୍ରୀ ତ୍ରିପାଠି, ସହ-ସଂପାଦକ ସଂକିର୍ତ୍ତନ ତ୍ରିପାଠି, କୋଷାଧକ୍ଷ ରାଜେନ୍ଦ୍ର ମିଶ୍ର, ସଂଗଠନ ସଂପାଦକ ସୋମନାଥ ମିଶ୍ର, ସହରାଂଚଳ ସଭାପତି ରାକେଶ ପଣ୍ଡା, ସଦସ୍ୟ ଶିବ ନାରାୟଣ ରଥ, ସନ୍ତୋଷ ତ୍ରିପାଠି, ଜଗଦିଶ ନାଥ, ସୁରେଶ ମିଶ୍ର, ସୁବ୍ରତ ରଂଜନ ମିଶ୍ର, ସୁବାଷ ଶତପଥି, ଗିରିଶ ପଣ୍ଡା, ନିହାରିକା ମିଶ୍ର ସମେତ ସମାଜର ଅନ୍ୟାନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ ।

# ବିଧାନସଭାରେ ଲୋୟରସୁକତେଲ ପ୍ରକଳ୍ପ ବିସ୍ଥାପନ ସମସ୍ୟା ଓ ଖଣିଖନନ ବିଷୟରେ ଆଲୋଚନା

## ପ୍ରଶ୍ନ ଉଠାଇଲେ ବଲାଙ୍ଗିର ବିଧାୟକ କଳିକେଶ

ବଲାଙ୍ଗିର(ପିପିଏସ): ବଲାଙ୍ଗୀର ଜିଲ୍ଲାର ଦୁଇପ୍ରମୁଖ ପ୍ରସଙ୍ଗ ଯଥା ଲୋୟରସୁକତେଲ ଜଳସେଚନପ୍ରକଳ୍ପରେ ଜଳସେଚନ ଓ ବିସ୍ଥାପନସମସ୍ୟା ଏବଂ ଖଣିଖନନ ବିଷୟରେ ଓଡିଶା ବିଧାନସଭାରେ ଆଲୋଚନା ହୋଇଛି । ବଲାଙ୍ଗୀର ବିଧାୟକ କଳିକେଶନାରାୟଣ ସିଂଦେଓ ଜଳସେଚନବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଓ ଖଣି ଓ ଇସ୍ପାତମନ୍ତ୍ରୀ ବିଭୁତିଭୁଷଣ ଜେନାଙ୍କ ପ୍ରଶ୍ନ କରିଛନ୍ତି । ବିଧାୟକ ଶ୍ରୀ ସିଂଦେଓ ପ୍ରଶ୍ନକରିଥିଲେ ଯେ,ଲୋୟରସୁକତେଲ ଜଳସଚେନ ପ୍ରକଳ୍ପରେ ବ୍ୟୟଅଟକଳ କେତେ ବଢିଛି ଓ କେତେ ଜମିକୁ ଜଳସେଚନ ବ୍ୟବସ୍ଥା କରାଯାଇଛି । ଏହା ସହିତ କେତେ ବିସ୍ଥାପିତ ପରିବାରକୁ କ୍ଷତିପୂରଣ ଦେଇ ଥଇଥାନ କରାଯାଇଛି ଓ ଆଉ କେତେ ବାକି ଲୋକଙ୍କୁ ଥଇଥାନ କରିବାର ଅଛି । ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ ତଥା ଜଳସେଚନ ବିଭାଗ ଦାୟିତ୍ୱରେ ଥିବା ମୋହନଚରଣ ମାଝୀ ଉତ୍ତର ରଖିଛନ୍ତି ଯେ,ଲୋୟରସୁକତେଲ ପ୍ରକଳ୍ପର ମୂଳଅଟକଳ ୨୧୭ କୋଟିରେ ଥିଲା । ତୃତୀୟଥର ପାଇଁ ଏହାର ଅଟକଳ ବଢି ଏବେ ୫୨୬୦ କୋଟି ଟଙ୍କାରେ ପହଞ୍ଚିଛି । ପ୍ରକଳ୍ପକାମ ୯୮% ସରିଛି ଓ ଆସନ୍ତା ୨୦୨୬ ଖରିଫରେ ଜିଲ୍ଲାର ୩୦,୯୬୫ ହେକ୍ଟର ଜମିକୁ ଜଳସେଚିତ କରିବାକୁ ପ୍ରସ୍ତୁତି ହୋଇଛି । ଏହି ପ୍ରକଳ୍ପରେ ମୋଟ ୧୩,୬୦୭ ଏକର ଜମି ଅଧିଗ୍ରହଣ କରାଯାଇଛି । ସେଥିରେ ୧୫ଟି ଗ୍ରାମର ୫,୪୪୯ ଏକର ଜମିକୁ ୧୮୯୪ ଜମିଅଧିଗ୍ରହଣ ଆଇନରେ ଓ ୧୪ ଗ୍ରାମର ୪,୪୪୫ ଏକର ଜମିକୁ ୨୦୧୩ ଜମିଅଧିଗ୍ରହଣ ଆଇନ ଅନୁଯାୟୀ ଅଧିଗ୍ରହଣ କରାଯାଇଛି । ମୋଟ ୨୯ ଖଣ୍ଡ ଗ୍ରାମର ୧୧,୦୨୧ ପରିବାରକୁ ବିସ୍ଥାପିତ କରାଯାଇଛି । ବାକି କୁମିଆଁପାଲି ଗ୍ରାମର ୧୧୮ଟି ଆଦିବାସୀ ପରିବାରକୁ କ୍ଷତିପୂରଣ ଦେଇ ଥଇଥାନ କରାଯିବାକୁ କାର୍ଯ୍ୟଚାଲିଛି ବୋଲି ମୁଖ୍ୟମନ୍ତ୍ରୀ ଉତ୍ତର ରଖିଛନ୍ତି । ସେହିପରି ବଲାଙ୍ଗୀର ଜିଲ୍ଲାରେ ଜଳସେଚନହାର ବଢାଇବାକୁ ୧୬ଟି ବୃହତଉଠାଜଳସେଚନ ପ୍ରକଳ୍ପ ଯାହାକି ୧୭,୯୨୮ ହେକ୍ଟର ଜମିକୁ ଜଳସେଚିତ କରିବ କାମ ଚାଲିଛି । ୧୨୫ଟି କ୍ଷୁଦ୍ରଜଳସେଚନ ପ୍ରକଳ୍ପର ଉନ୍ନୟନକାମ ସହିତ ୫୪୫ ଚେକଡ୍ୟାମ ନିର୍ମାଣ ହୋଇଥିବା ବେଳେ ଆଉ ୬ଟି ଏମଆଇପି ଓ ୬୬ ଚେକଡ୍ୟାମ ନିର୍ମାଣ ଚାଲିଛି । ଏହା ଫଳରେ ମୋଟ ୨୪ ହଜାର ହେକ୍ଟରଜମିକୁ ଜଳସେଚନ କରାଯିବ । ବଲାଙ୍ଗୀର ଜିଲ୍ଲାର ବେଲପଡାରେ ଲୋୟରଲାନ୍ତ ଡେମ ନିର୍ମାଣକାମ ଆରମ୍ଭ ହୋଇଛି ଯାହାକି ଆଗକୁ ୩୯୯୦ ହେକ୍ଟର ଜମିକୁ ଜଳସେଚିତ କରିବ ବୋଲି ଉତ୍ତର ମିଳିଛି । ଠିକ ସେହିପରି ଖଣିଖନନ ପ୍ରସଙ୍ଗରେ କଳିକେଶ ପଚାରିଥିବା ପ୍ରଶ୍ନର ଉତ୍ତରରେ ଖଣି ଓ ଇସ୍ପାତମନ୍ତ୍ରୀ ବିଭୁତିଭୂଷଣ ଜେନା କହିଛନ୍ତି ଯେ,ବଲାଙ୍ଗୀର ଜିଲ୍ଲାରେ ଏପର୍ଯ୍ୟନ୍ତ କେନ୍ଦ୍ରସରକାର ସାଲେପାଲି ଗ୍ରାଫାଇଟ ବ୍ଲକ,ଭରତବାହାଲ ଗ୍ରାଫାଇଟ ଓ ମାଙ୍ଗାନିଜ ବ୍ଲକ,ଲରମ୍ଭା ଗ୍ରାଫାଇଟ ଓ ମାଙ୍ଗାନିଜବ୍ଲକ,କନାଇଟାଲ ଗ୍ରାଫାଇଟ ଓ ମାଙ୍ଗାନିଜ ବ୍ଲକ ଏବଂ ରାଜ୍ୟସରକାର ତେଲିପଦର ପିପଲମୁଣ୍ଡା ଲୁକାପଡା ଚୁନପଥର ଖଣିକୁ ନିଲାମ କରିଛନ୍ତି ବୋଲି ଉତ୍ତର ରଖିଛନ୍ତି । ଏପର୍ଯ୍ୟନ୍ତ ରାଜ୍ୟରେ କେନ୍ଦ୍ର ଓ ରାଜ୍ୟସରକାର ମିଶି ୧୨ଟି ଖଣି ନିଲାମ କରିସାରିଥିବା ବେଳେ ଆଉ ୧୨ଟି ଲଘୁଖଣି ନିଲାମ ପାଇଁ ଗତ ୪.୧୨.୨୦୨୫ରେ ନୋଟିସ ବାହାର କରିଛନ୍ତି । ଠିକ ସେହିପରି ୨୦୨୫-୨୬ରେ ଆଉ ୧୧ଟି ବଡ ଖଣି ନିଲାମ ପାଇଁ ଉଦ୍ୟମ ଚାଲିଛି ବୋଲି ଉତ୍ତର ରଖିଛନ୍ତି । ଲଘୁଖଣିଜ ସମ୍ପଦ ଚୋରୀ ରୋକିବାକୁ ବଲାଙ୍ଗୀର ଜିଲ୍ଲାରେ ୫୫ଟି ପଥରକ୍ୱାରୀ ଓ ସୋନପୁର ଜିଲ୍ଲାର ୪ଟି ପଥରକ୍ୱାରୀରେ ଚଢାଉ କରାଯାଇ ନୋଟିସ କରିବା ସହିତ ଫାଇନ ମଧ ଅଦାୟ କରାଯାଇଛି । ଠିକ ସେହିପରି ଗତ ୨୦୨୪-୨୫ରେ ବଲାଙ୍ଗୀର ସର୍କଲ ପକ୍ଷରୁ ବିଭିନ୍ନ କ୍ରସର ଉପରେ ମଧ ଚଢାଉ କରାଯାଇଛି ବୋଲି ଉତ୍ତର ଦିଆଯାଇଛି ।

# ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୂକ୍ତିକରଣ ତଥା ସାଇବର ସଚେତନତା ଶିବିର



ଭଦ୍ରକ, (ପିପିଏସ୍); ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୂକ୍ତିକରଣ ଶିବିର ତଥା ସାଇବର ସଚେତନତା ବିଷୟରେ ତିହିଡ଼ି ଡିଗ୍ରୀ କଲେଜ, ତିହିଡ଼ିରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଅତିଥି ଭାବରେ ତିହିଡ଼ି ଡିଗ୍ରୀ କଲଜର ଅଧକ୍ଷ ରମେଶ ଚନ୍ଦ୍ର, ଭଦ୍ରକ ଡାକ ବିଭାଗର ବିଜନେସ ଏକ୍ଜିକ୍ୟୁଟିଭ ଶୋଭନ ମହାନ୍ତି, ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ ମୋନାଲିସା ପଣ୍ଡା, ସାଇବର ସେଲ ଅଧକ୍ଷ ଦୟାନିଧି ଦାସ, ଭଦ୍ରକ ଲିଡ୍ ବ୍ୟାଙ୍କ ମ୍ୟାନେଜର୍ ରାଜୀବ କୁମାର ରଞ୍ଜନ, ଲିଡ୍ ବ୍ୟାଙ୍କ୍ ସି ଏଫ୍ ଏଲ୍, ଇଣ୍ଡିଆ ପୋଷ୍ଟ ପେମେଂଟ ବ୍ୟାଙ୍କ ଅଧିକାରୀ ମନୋଜ୍ କୁମାର ଦାସ, ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପଦ୍ମନ କୁମାର ରାୟ ମହୋଦୟା ଯୋଗ ଦେଇଥିଲେ । ଏହି ସଭାରେ ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ ସଭା ପରିଚାଳିତ କରିଥିଲେ ଓ ପିଲାମାନଙ୍କୁ ସଂଚୟର ମହତ୍ୱ ଜଣାଇବା ସହ ଆର୍ଥିକ ସକ୍ଷାର ସମାଜ ଗଢ଼ିବା ପାଇଁ ଅନୁପ୍ରାଣିତ କରିଥିଲେ । ସାଇବର ସେଲ ଅଧକ୍ଷା ପିଲାମାନଙ୍କୁ ସାଇବର ଅପରାଧୀ ମାନଙ୍କ ଶିକାରରୁ ବଂଚିବାର ଉପାୟମାନ ବୁଝାଇଥିଲେ । ଲିଡ୍ ବ୍ୟାଙ୍କ ମ୍ୟାନେଜର ଓ ଇଣ୍ଡିଆ ପୋଷ୍ଟ ପେମେଂଟ ବ୍ୟାଙ୍କ୍ ମ୍ୟାନେଜର୍ ବ୍ୟାଙ୍କ୍ ରେ ଉପଲବ୍ଧ ଥିବା ସମସ୍ତ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । ଜିଲ୍ଲା ଡାକ ବିଭାଗର ବିଜନେସ ଏକ୍ଜିକ୍ୟୁଟିଭ୍ ଡାକଘରେ ଉପଲବ୍ଧ ସମସ୍ତ ସଂଚୟ ଯୋଜନା ଗୁଡିକ ସମ୍ବଧରେ ଜଣାଇଥିଲେ । ପଦ୍ମନ କୁମାର ରାୟ ଓ ତିହିଡ଼ି ଡିଗ୍ରୀ କଲେଜର ଅଧକ୍ଷ ପିଲାମାନଙ୍କୁ ସଂଚୟ ପାଇଁ ଅନୁପ୍ରାଣିତ କରିଥିଲେ ଓ ଚିଟ୍ ଫଣ୍ଡ ଠକେଇ ଶିକାର ନହେବାକୁ ପରାମର୍ଶ ଦେଇଥିଲେ । ଏହି ସଭାରେ ତିହିଡ଼ି ଡିଗ୍ରୀ କଲେଜର ମୋଟ ୨୦୦ ଜଣ ଛାତ୍ର ଛାତ୍ରୀ ଯୋଗଦେଇଥିଲେ । ଏହି ସଭାର ଥିମ ଥିଲା 'ଆଜିର ଏକ ସଚେତନ ଛାତ୍ର, କାଲିର ଦାୟିତ୍ୱବାନ ନାଗରିକ' । ଏହି ଥିମ ରେ ଅନୁପ୍ରାଣିତ ହେବା ପାଇଁ ଅଥିତି ପିଲାମାନଙ୍କୁ ଅନୁରୋଧ କରିଥିଲେ ଓ ମହାବିଦ୍ୟାଳୟ ପରିସରରେ ଓ ନିଜ ସାଙ୍ଗ ସାଥୀ ମାନଙ୍କ ମଧ୍ୟରେ ସଂଚୟ ଯୋଜନା, ଆର୍ଥିକ ସାକ୍ଷରତା ଓ ସାଇବର ସଚେତନତା ସମ୍ପର୍କରେ ସଚେତନ କରାଇବା ସହ ଜିଲ୍ଲା ପ୍ରଶାସନ ତରଫ ରୁ ଆୟୋଜିତ ଅନେକ ସାକ୍ଷରତା ଶିବିର ଗୁଡିକରେ ଯୋଗଦାନ ଦେଇ ସମାଜକୁ ସୁରକ୍ଷିତ ଓ ଆର୍ଥିକ ସାକ୍ଷର କରିବାରେ ସହାୟକ ହେବ । ଏହି ସଭାଟିକୁ ସଫଳ କରିବାରେ ତିହିଡ଼ି ଡିଗ୍ରୀ କଲେଜର ସମସ୍ତ କାର୍ଯ୍ୟ କର୍ତା, ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ବିଭାଗ ର କର୍ମକର୍ତା ଓ ଡାକ ଏଜେଂଟ ମାନେ ସହାୟକ ହୋଇଛନ୍ତି ।

# ପୁନର୍ବାସ ପକ୍ଷରୁ ଇଣ୍ଟର୍ଣ୍ଣସିପ୍ ପ୍ରଶିକ୍ଷଣ




କେନ୍ଦ୍ରାପଡା (ପିପିଏସ୍): କେନ୍ଦ୍ରାପଡ଼ା ଜିଲ୍ଲାରେ ଦୀର୍ଘ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱକାଳ ଭିନ୍ନକ୍ଷମଙ୍କ ଥେରାପି ଚିକିତ୍ସା, ଅଧିକାର ସଚେତନତା ଓ ସଶକ୍ତିକରଣ ନିମନ୍ତେ କାର୍ଯ୍ୟରତ ପୁନର୍ବାସ ଅନୁଷ୍ଠାନ ପକ୍ଷରୁ କେନ୍ଦ୍ରାପଡ଼ା ତୁଳସୀ ମହିଳା ମହାବିଦ୍ୟାଳୟର +୩ ଦ୍ୱିତୀୟ ବର୍ଷର ଛାତ୍ରୀଙ୍କୁ ଇଣ୍ଟର୍ଣ୍ଣସିପ୍ ପ୍ରଶିକ୍ଷଣ ପ୍ରଦାନ ଆରମ୍ଭ କରାଯାଇଛି । ଜାତୀୟ ଶିକ୍ଷାନୀତି-୨୦୨୦ ଅନ୍ତର୍ଗତ ପାଠ୍ୟସୂଚୀ ଅନୁଯାୟୀ ମହାବିଦ୍ୟାଳୟର +୩ ଚତୁର୍ଥ ସେମିଷ୍ଟାରଠାରୁ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ନିମନ୍ତେ ୧୨୦ ଘଣ୍ଟାର ଏକ ଇଣ୍ଟର୍ଣ୍ଣସିପ୍ ପ୍ରଶିକ୍ଷଣର ପ୍ରାବଧାନ କରାଯାଇଛି । ଏହାର ଉଦ୍ଦେଶ୍ୟ ମହାବିଦ୍ୟାଳୟ ସ୍ତରରୁ ଛାତ୍ରଛାତ୍ରୀମାନେ ବିଭିନ୍ନ ଶିକ୍ଷ ଓ ସାମାଜିକ ପ୍ରତିଷ୍ଠାନମାନଙ୍କୁ ଯାଇ ଏକ ବାସ୍ତବାମୁଖୀ ପ୍ରଶିକ୍ଷଣ ଗ୍ରହଣ କରିବେ, ଯାହା ସେମାନଙ୍କୁ ପ୍ରତ୍ୟକ୍ଷ ଅନୁଭୂତି ପ୍ରଦାନ କରିବା ସହ କୁଶଳୀ କରାଇବ । ଏହି ପ୍ରଶିକ୍ଷଣ ପର୍ଯ୍ୟାୟରେ +୩ ଦ୍ୱିତୀୟ ବର୍ଷ ପଦାର୍ଥ ବିଜ୍ଞାନ ବିଭାଗ ଓ ଇଂରାଜୀ ବିଭାଗର ଯଥାକ୍ରମେ ୨୧ ଓ ୯ ଜଣ ଛାତ୍ରୀ ଏହି ଇଣ୍ଟର୍ଣ୍ଣସିପ୍ ପ୍ରୋଗ୍ରାମରେ ଯୋଗ ଦେଇଛନ୍ତି ବୋଲି ଅନୁଷ୍ଠାନର ସହ ସମ୍ପାଦକ ବଂଶୀଧର ମହାନ୍ତି ସୂଚନା ପ୍ରଦାନ କରିଛନ୍ତି । ସ୍ଥାନୀୟ ମାଧପୁରସ୍ଥିତ ପୁନର୍ବାସର ଶିଶୁ ଥେରାପି କେନ୍ଦ୍ରର ମିନି କର୍ନଫରେନ୍ସ ହଲରେ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଉଅଛି । ପ୍ରଥମ ଦିବସରେ ତୁଳସୀ ମହିଳା ମହାବିଦ୍ୟାଳୟର ଇଂରାଜୀ ବିଭାଗୀୟ ମୁଖ୍ୟ ତପନ କୁମାର ବଳ ଓ ପଦାର୍ଥ ବିଜ୍ଞାନ ବିଭାଗୀୟ ମୁଖ୍ୟ ବ୍ରହ୍ମାନନ୍ଦ ସେଠୀଙ୍କ ଉପସ୍ଥିତିରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ ପ୍ରମୁଖ ଉପସ୍ଥିତ ରହି ଏହାକୁ ଶୁଭାରମ୍ଭ କରିଥିଲେ । ଏହି ସଂକ୍ଷିପ୍ତ ଅବଧିକାଳରେ ଛାତ୍ରୀମାନଙ୍କୁ "ଭିନ୍ନକ୍ଷମତା ଓ ଏହାର ସଂକ୍ଷିପ୍ତ ବହୁ ଆୟାମୀ ଅବବୋଧ" ସମ୍ପର୍କିତ ଏକ ସଚେତନତାମୂଳକ ବିଷୟ ସମ୍ପର୍କିତ ଶିକ୍ଷଣ ପ୍ରଦାନ କରାଯିବ ବୋଲି ବୈଷୟିକ ଅଧିକାରୀ କେଦାରନାଥ ବାରିକ ପ୍ରକାଶ କରିଛନ୍ତି ।

# ରେଢୁଆ କୃଷି ସମବାୟ ସମିତି ସମ୍ମୁଖରେ ଚାଷୀଙ୍କ ଧାରଣା



ରଘୁନାଥପୁର (ପିପିଏସ୍): ମାର୍ଚ୍ଚ ମାସ ଶେଷ ହେବାକୁ ମାତ୍ର ୧୦ ଦିନ ବାକି ଥିବାବେଳେ ମଣ୍ଡିରୁ ଉଠୁନି ଧାନ । ଯାହାଫଳରେ ରଘୁନାଥପୁର ବ୍ଲକ ରେଢୁଆ କୃଷି ସମବାୟ ସମିତି ଅଧିନରେ ଥିବା ୧୨୮ ପଞ୍ଜିକୃତ ଚାଷୀ ଧାନ ବିକ୍ରି କରିବା ନେଇ ଆଶଙ୍କାରେ ରହିଛନ୍ତି । ଏହି ପରିପ୍ରେକ୍ଷୀରେ ଚାଷୀମାନେ ପୂର୍ବାହ୍ନ ୧୧ ଟା ସମିତି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ସୂଚନାଯୋଗ୍ୟ କି ଚାଷୀମାନଙ୍କ ଟୋକନର ସମୟ ଅବଧି ଆସନ୍ତା ମାର୍ଚ୍ଚ ୨୪ ତାରିଖରେ ଶେଷ ହେବାକୁ ଯାଉଛି । ବର୍ତ୍ତମାନ ଏହି ସମିତିରେ ୭ଶହ କ୍ୱିଣ୍ଟାଲ ଧାନ କ୍ରୟ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ଥିବା ବେଳେ ଏହି ଧାନକୁ ଉଠାଇବାକୁ ଥିବା ଗଞ୍ଜାମ ଜିଲ୍ଲାର ଜନୈକ ମିଲର ଗାଡ଼ି ପଠାଉ ନଥିବାରୁ ଧାନ କ୍ରୟ ହୋଇ ପାରୁନାହିଁ । ସେହିଭଳି ଧାନ ବିକ୍ରି କରିବାକୁ ପଞ୍ଜିକରଣ କରି ୧୨୮ଜଣ ଚାଷୀଙ୍କ ଧାନ ବିକ୍ରି ପାଇଁ ୩୬ଶହ କ୍ୱିଣ୍ଟାଲ ଧାନ ଟାର୍ଗେଟ ରହିଛି । ଏ ବାବଦରେ ଜିଲ୍ଲା ଯୋଗାଣ ଅଧିକାରୀ ଜିତ୍ରୟ ଟୁଡୁଙ୍କ ସହିତ ଯୋଗାଯୋଗ କରିବାରୁ ଉକ୍ତ ମିଲରକୁ ବଦଳା ଯାଇ ନୂତନ ମିଲର ଟ୍ୟାକ କରିବା ସହିତ ସଂପୂର୍ଣ୍ଣ ଧାନ ଉଠାଯିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ସେ କହିଥିଲେ । ଅନ୍ୟପକ୍ଷେ ଧାନ କ୍ରୟ କରିବାର ସମୟ ଅବଧି ସରି ଆସୁଥିବାରୁ ଚାଷୀ ମାନେ ଅଧିକାରୀଙ୍କ ପ୍ରତିଶ୍ରୁତିକୁ ସହଜରେ ଗ୍ରହଣ କରିନପାରି ଧାରଣାରେ ବସିଛନ୍ତି । ସନ୍ଧ୍ୟାରେ ଧାରଣାରତ ଚାଷୀମାନଙ୍କୁ ବୁଝାସୁଝା କରିବା ପାଇଁ ରଘୁନାଥପୁର ତହସିଲଦାର ରାଜଲକ୍ଷ୍ମୀ ନାୟକ, ଡିଆରସିଏସ ଓ ଏଆରସିଏସ ଧାରଣା ସ୍ଥଳକୁ ଆସୁଥିବାର ଖବର ପ୍ରାପ୍ତ ହୋଇଛି । ଏହି ଧାରଣାରେ ସଂଜୟ ସ୍ୱାଇଁ, ବିପିନ ସ୍ୱାଇଁ, ସ୍ନେହାଂଶୁ ଜେନା, କୃତିବାସ ଜେନା, ଅଶୋକ କୁମାର ବେହେରା,ଅଜୟ ସ୍ୱାଇଁ, ଆକୁଳାନନ୍ଦ ସ୍ୱାଇଁଙ୍କ ସମେତ ଧାନ ବିକ୍ରି ପାଇଁ ଥିବା ସମସ୍ତ ଚାଷୀ ମାନେ ସାମିଲ ରହିଥିଲେ ।

# ଜାତୀୟସ୍ତରୀୟ ପୂର୍ବାଂଚଳ ୧୧ ବର୍ଷରୁ କମ୍ ରୋଲ୍‌ବଲ ପ୍ରତିଯୋଗିତାରେ ଭଦ୍ରକରୁ ସାରାଂଶ ମନୋନୀତ



ଭଦ୍ରକ, (ପିପିଏସ୍): ଓଡିଶାର ଭୁବନେଶ୍ୱର ଠାରେ ଆରମ୍ଭ ହେବାକୁ ଯାଉଥିବା ଜାତୀୟ ସ୍ତରୀୟ ପୁର୍ବାଂଚଳ (୧୧ ବର୍ଷରୁ କମ) ରୋଲବଲ ପ୍ରତିଯୋଗିତା ଟି ୨୧ ମାର୍ଚ୍ଚ ରୁ ଆରମ୍ଭ ହୋଇ ୨୨ ମାର୍ଚ୍ଚ ୨୦୨୬ ରେ ସମାପ୍ତ ହେବ । ଏହି ପ୍ରତିଯୋଗିତା ନିମନ୍ତେ ଓଡିଶା ତାର ୧୨ ଜଣ ବାଳକ ଖେଳାଳୀ ଙ୍କ ନାମ ଘୋଷଣା କରିଛି । ଏହି ବାଳକ ଦଳରେ ଭଦ୍ରକ ଜିଲ୍ଲାରୁ ସାରାଂଶ ପଣ୍ଡା ସ୍ଥାନ ପାଇଛନ୍ତି । ସାରାଂଶ ବର୍ତମାନ ଏସ୍ ବି ଡି ଇଂଟରନେସନାଲ୍ ସ୍କୁଲ ର ଚତୁର୍ଥ ଶ୍ରେଣୀ ରେ ଅଧୟନ କରୁଥିବା ବେଳେ ତାଙ୍କ ପିତା ଙ୍କ ନାମ ଡ଼ାକ୍ତର ଧନଞ୍ଜୟ ପଣ୍ଡା ଓ ମାତାଙ୍କ ନାମ ଡ଼ାକ୍ତର ଭାଗ୍ୟଶ୍ରୀ ପଣ୍ଡା, ଘର କୁଆଁସ ଗ୍ରାମରେ । ତାଙ୍କର ଏହି ସଫଳତା ପଛରେ ପିତା, ମାତା , ଜେଜେ, ଅଜା ଓ ବିଦ୍ୟାଳୟ ର କ୍ରିଡା ଶିକ୍ଷକଙ୍କ ସହଯୋଗ ଥିବାବେଳେ, ଭଦ୍ରକ ଜିଲ୍ଲା ରୋଲବଲ ସଂଘର ସଂପାଦକ ମନୋଜ କୁମାର ସାହୁ , ସଭାପତି ଗୌରହରି ମଣ୍ଡଳ, ଉପ ସଭାପତି ଶିବାଶିଷ୍ ଦିକ୍ଷୀତ୍, କୋଷାଧ୍ୟକ୍ଷ ପବିତ୍ର ମୋହନ ଖିଲାର୍, ସହ ସଂପାଦକ ବି ପିତାମ୍ବର ରେଡି, ଏସବିଡି ଇଂଟରନେସନାଲ୍ ସ୍କୁଲର ଅଧକ୍ଷ ଯୁଧିଷ୍ଠିର ଦେବତା, ଓ ଚେୟାର୍ ମେନ୍ ଦେବାଶିଷ୍ ଦିକ୍ଷୀତ୍ ଶୁଭେଚ୍ଛା ଜଣାଇବା ସହିତ ସେ କିପରି ଜାତୀୟ ସ୍ତରରେ ଉଲ ଖେଳ ପ୍ରଦର୍ଶନ କରନ୍ତୁ ତାଙ୍କର ଶୁଭକାମନା ମନାସିଛନ୍ତି ।

# ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର କମିଶନର କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତ



କେନ୍ଦ୍ରାପଡା, (ପିପିଏସ୍): ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର କମିଶନର- ତଥା ଶାସନ ସଚିବ ରଶ୍ମିତା ପଣ୍ଡା ଆଜି କେନ୍ଦ୍ରାପଡା ଜିଲ୍ଲା ଗସ୍ତ ଅବସରରେ ବିଭିନ୍ନ ବ୍ଲକ୍‌ରେ ଚାଲୁଥିବା ସରକାରୀ ଯୋଜନା ଓ ବିକାଶମୂଳକ ପ୍ରକଳ୍ପଗୁଡ଼ିକର ସ୍ଥଳ ପରିଦର୍ଶନ କରିଥିଲେ । ଗସ୍ତ ଅବସରରେ ସେ ଡେରାବିଶ ଓ କେନ୍ଦ୍ରାପଡା ବ୍ଲକ୍‌ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା, ବସୁଧା ପାନୀୟ ଜଳ ଯୋଜନା, ଓଡ଼ିଶା ଜୀବିକା ମିଶନ, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ସକ୍ଷମ ଅଙ୍ଗନବାଡ଼ି କେନ୍ଦ୍ର, ମିଶନ ଶକ୍ତି, ବିକଶିତ ଗାଁ ବିକଶିତ ଓଡ଼ିଶା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅନ୍ତର୍ଗତ କାର୍ଯ୍ୟକଳାପର ଅଗ୍ରଗତି ସମୀକ୍ଷା କରିଥିଲେ । ସେହିପରି ନିକିରାଇ ଗ୍ରାମପ□ାୟତରେ ମୁଗ ଡେମୋନଷ୍ଟ୍ରେସନ, ଜୁଟ୍ ଟ୍ରେନିଂ ସେଣ୍ଟର ବୁଲି ଦେଖିଛନ୍ତି । ଅପରାହ୍ନରେ ପଟ୍ଟାମୁଣ୍ଡାଇ ବ୍ଲକ୍ ଗସ୍ତ କରି ବିଭିନ୍ନ ଯୋଜନା ଓ ଚାଲିଥିବା ବିକାଶ ମୂଳକ କାର୍ଯ୍ୟ ବୁଲି ଦେଖିଥିଲେ । ଗସ୍ତ ସମୟରେ ଜିଲ୍ଲାପାଳ ରଘୁରାମ ଆର ଆୟର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନାଙ୍କ ସମେତ ସମ୍ପର୍କିତ ବିଭାଗୀୟ ଅଧିକାରୀ ଓ ବ୍ଲକ୍ ସ୍ତରୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । କମିଶନର କ୍ଷେତ୍ରସ୍ତରରେ ଯୋଜନାମାନଙ୍କର କାର୍ଯ୍ୟାନ୍ୱୟନ ଉପରେ ସନ୍ତୋଷ ବ୍ୟକ୍ତ କରିବା ସହିତ ଗୁଣାତ୍ମକ ଓ ସମୟୋପଯୁକ୍ତ କାର୍ଯ୍ୟ ସୁନିଶ୍ଚିତ କରିବାକୁ ସମ୍ପର୍କିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

# ଅଗ୍ନିବୀର ଯୋଜନା ଉପରେ ସଚେତନତା



କେନ୍ଦ୍ରାପଡା, (ପିପିଏସ୍): ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ, କେନ୍ଦ୍ରାପଡା ଓ ଜିଲ୍ଲା ପ୍ରଶାସନର ସହଯୋଗରେ ଭାରତୀୟ ସେନାର ଅଗ୍ନିବୀର ଯୋଜନା ସମ୍ପର୍କରେ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି । ମେଜର ଅଶ୍ୱିନୀ ଓ ଅନ୍ୟାନ୍ୟ ସେନା ଅଧିକାରୀମାନେ ଯୋଗଦେଇ ଅଗ୍ନିବୀର ଯୋଜନାର ଯୋଗ୍ୟତା, ନିଯୁକ୍ତି ପ୍ରକ୍ରିୟା, ସୁବିଧା ଓ କ୍ୟାରିୟର ସୁଯୋଗ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମ ଓଲାଭର ଡିଗ୍ରୀ କଲେଜ, ଶୈଳେନ୍ଦ୍ର ନାରାୟଣ ଡିଗ୍ରୀ କଲେଜ, ସରକାରୀ ଆଇଟିଆଇ ରାଜକନିକା, ଏସଆଇପିଟି ସରକାରୀ ଆଇଟିଆଇ ପଟ୍ଟାମୁଣ୍ଡାଇ ଏବଂ ସରକାରୀ ପଲିଟେକ୍ନିକ ଛତାରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମର ନିଯୁକ୍ତି ଅଧିକାରୀ କୃଷ୍ଣ ଚନ୍ଦ୍ର ସାହୁ ଏବଂ ସିଏମଏସଡିଏଫ୍ ଶ୍ରଦ୍ଧାଞ୍ଜଳି ପ୍ରଧାନ ସକ୍ରିୟ ସହଯୋଗ କରିଥିଲେ ।

# ବିଶ୍ୱ ଖାଉଟି ଅଧିକାର ଦିବସ ପାଳିତ

ଭଦ୍ରକ, (ପିପିଏସ୍): ଭଦ୍ରକ ଉପ ନିୟନ୍ତ୍ରକ ବୈଧ ମାପ ବିଜ୍ଞାନ କାର୍ଯ୍ୟାଳୟ ଓ ସ୍ୱେଚ୍ଛାସେବୀ ସଂଗଠନ କଳିଙ୍ଗ ବିକାଶ ପରିଷଦର ମିଳିତ ସହଯୋଗରେ ବିଶ୍ୱ ଖାଉଟି ଅଧିକାର ଦିବସ ଚରମ୍ପାସ୍ଥିତ ଅବନ୍ତିକା ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ ଭଦ୍ରକ ଜିଲ୍ଲାର ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରିତିସ୍ୱିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ସେ ତାଙ୍କ ଅଭିଭାଷଣରେ ଖାଉଟିମାନଙ୍କର ଅଧିକାର ସମ୍ବନ୍ଧରେ ସଚେତନତା ବୃଦ୍ଧିର ଆବଶ୍ୟକତା ଉପରେ ଜୋର ଦେଇ ଠକାମିରୁ ବଂଚିବା ପାଇଁ ସମସ୍ତଙ୍କୁ ସଚେତନ ଓ ସଜାଗ ରହିବାକୁ ଆହ୍ୱାନ କରିଥିଲେ । ଉପନିୟନ୍ତ୍ରକ ବୈଧ ମାପ ବିଜ୍ଞାନ ତାଙ୍କ ବକ୍ତବ୍ୟରେ ବିଜ୍ଞାପନର ପ୍ରଭାବରେ ଖାଉଟିମାନେ କିପରି ଭୁଲ ନିଷ୍ପତି ନେଇ ଠକାମିର ସମ୍ମୁଖୀନ ହେଉଛନ୍ତି, ତାହା ଉଲ୍ଲେଖ କରିଥିଲେ । ସେ ୨୦୧୯ ଖାଉଟି ସୁରକ୍ଷା ଆଇନର ବିଭିନ୍ନ ପ୍ରାବଧାନ ଓ ଆଭାସୀ ମାଧ୍ୟମରେ କୋର୍ଟ ଶୁଣାଣିର ସୁବିଧା ବିଷୟରେ ମଧ୍ୟ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ଅବନ୍ତିକା ମହାବିଦ୍ୟାଳୟର ସଭାପତି ଅମିତ କୁମାର ମଲ୍ଲିକ ଅନଲାଇନ୍ କ୍ରୟବିକ୍ରୟ ସମୟରେ ଲୋଭରେ ପଡ଼ି ଲୋକମାନେ କିପରି ଠକାମିର ସିକାର ହେଉଛନ୍ତି, ସେଥିପାଇଁ ସଚେତନ ରହିବାକୁ କହିଥିଲେ । ସହକାରୀ ନିୟନ୍ତ୍ରକ ଶ୍ରୀ ସୁଦର୍ଶନ ଝୁଡୁ ବିଭିନ୍ନ ଓଜନ କଂଟାର ପ୍ରଦର୍ଶନୀ ମାଧ୍ୟମରେ ମାପଜୋଗର ସଠିକତା ବିଷୟରେ ଅଲୋକପାତ କରିଥିଲେ । କଳିଙ୍ଗ ବିକାଶ ପରିଷଦର ବରିଷ୍ଠ ଆଇନଜୀବୀ ଦେବେନ୍ଦ୍ର କୁମାର ପଣ୍ଡା ଆଲୋଚନାରେ ଭାଗ ନେଇ କହିଥିଲେ ଯେ ସଚେତନତା ଅଭାବରୁ ଖାଉଟିମାନେ ବିଭିନ୍ନ କ୍ଷେତ୍ରରେ ଶୋଷିତ ହେଉଛନ୍ତି ଓ ଗ୍ରାମାଂଚଳରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଅତ୍ୟାବଶ୍ୟକ । ଶେଷରେ ସେ ଧନ୍ୟବାଦ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମରେ କଳିଙ୍ଗ ବିକାଶ ପରିଷଦର ସଂପାଦକ ବ୍ରଜଗୋପାଳ ଦାସ ସହ ଶୁଭେନ୍ଦୁ ବିଶ୍ୱାଳ, ମନିଷା ଦାଶ, ପୂଜାରାଣୀ ଦାସ ଓ ଗିରିଶ ଦାସ ଆଦି ସହଯୋଗ କରିଥିଲେ ।

# ବିନା ଫାୟାର ସେଫ୍‌ଟିରେ ଜିଲ୍ଲା ମହୋତ୍ସବ ଯଯାତି ଆରମ୍ଭ

ଯାଜପୁର (ପିପିଏସ): ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ କୁସୁମା ନିକଟବର୍ତ୍ତୀ ପ୍ରଶାସନିକ ଭବନ ପଡିଆରେ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଅନୁଷ୍ଠିତ ହେବ ଚଳିତ ବର୍ଷର ଜିଲ୍ଲା ମହୋତ୍ସବ । ଯେଉଁଥିରେ ପ୍ରାୟ ୧୮୦ ରୁ ଉର୍ଦ୍ଧ୍ୱ ଛୋଟ ବଡ ଷ୍ଟଲ ସ୍ଥାନ ପାଉଛନ୍ତି । ପଡିଆ ମଝିରେ ପ୍ରସ୍ତୁତ ହେଉଛି ବିଶାଳକାୟ ସାଂସ୍କୃତିକ ମଞ୍ଚ । ଯେଉଁଥିରେ ବଲିଉଡ ଏବଂ ଓଲିଉଡର କଳାକାରମାନେ କଳା ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି । ଯେଉଁ ମହୋତ୍ସବ ପଡିଆରେ ଏହାକୁ ଉପଭୋଗ କରିବା ପାଇଁ ପ୍ରତିଦିନ ହଜାର ହଜାର ଦର୍ଶକଙ୍କ ଭିଡ଼ ମଧ୍ୟ ଜମିବ । ମାତ୍ର ଏଥିପାଇଁ ସମସ୍ତ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏବେ ସାଧାରଣ ଦର୍ଶକଙ୍କ ସୁରକ୍ଷା ଏକ ପ୍ରକାର ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏଯାଏ କୌଣସି ଷ୍ଟଲ କିମ୍ବା ଇଭେଣ୍ଟ ମ୍ୟାନେଜମେଣ୍ଟ ପକ୍ଷରୁ ଫାୟାର ସେଫ୍ଟୀ ଉପରେ ଗୁରୁତ୍ୱ ଦିଆଯାଇନାହିଁ । ସରକାରୀ ନିୟମ ଅନୁସାରେ ଅଗ୍ନିଶମ ପ୍ରତିକାର ବ୍ୟବସ୍ଥାକୁ ପ୍ରାଥମିକତା ଦେବା ଜରୁରୀ ହୋଇଥିବା ବେଳେ ଏଠାରେ ଏହାକୁ ଖୋଲାଖୋଲି ଉଲଂଘନ କରାଯାଇଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ଅଗ୍ନିଶମ ଅଧିକାରୀ ମଧ୍ୟ ଶେଷ ମୁହୂର୍ତ୍ତରେ ନିଜର ଅକ୍ଷମତା ପ୍ରକାଶ କରି ପ୍ରଶାସନକୁ ଚିଠି ଲେଖିଛନ୍ତି । ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କର, ନଚେତ୍ ମହୋତ୍ସବ ବନ୍ଦ କର । ବିଭିନ୍ନ ସ୍ଥାନରେ ଇଲେକ୍ଟ୍ରିକ ତାର ସଂଯୋଗ ସ୍ଥଳୀ ମୁକୁଳା ପଡିଛି । ଅଗ୍ନି ନିର୍ବାପକ ଯନ୍ତ୍ର ବା ଅନ୍ୟାନ୍ୟ ଆନୁସାଙ୍ଗିକ ପଦକ୍ଷେପ ଗ୍ରହଣ କରାଯାଇନଥିବା ଖୋଦ୍ ଅଗ୍ନିଶମ ଅଧିକାରୀ ପ୍ରତିକ୍ରିୟା ଦେଇ କହିଛନ୍ତି । ଇଭେଣ୍ଟ ମ୍ୟାନେଜମେଣ୍ଟ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନଥିବା ବେଳେ ଜିଲ୍ଲା ପ୍ରଶାସନର ଦାୟିତ୍ୱହୀନତାକୁ ସାଧାରଣରେ ଦାୟୀ କରାଯାଇଛି । ତେବେ ସର୍ଟ ସର୍କିଟ କିମ୍ବା ଅନ୍ୟ କୌଣସି କାରଣରୁ ଯଦି କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜେ ସେଥିପାଇଁ କିଏ ହେବ ଦାୟୀ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେପଟେ ପ୍ରଶାସନିକ ଅଧିକାରୀ କହିଲେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିଥି, କଳାକାର ଓ ଦର୍ଶକଙ୍କ ସୁରକ୍ଷା ପାଇଁ ସବୁ ପଦକ୍ଷେପ ନିଆଯାଇଛି । ମାତ୍ର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଇଭେଣ୍ଟ ମ୍ୟାନେଜମେଣ୍ଟର ଦାୟିତ୍ୱ ହୋଇଥିବା ବେଳେ ଏହା ସଠିକ୍ ଭାବେ କାର୍ଯ୍ୟକାରୀ ହୋଇଛି କି ନାହିଁ ଆମେ ତାହା ତଦନ୍ତ କରିବୁ ।

# ଶନିବାରରେ ହେବ ଇଦ୍-ଉଲ୍-ଫିତର ନମାଜ



ଭଦ୍ରକ, (ପିପିଏସ୍): ଭଦ୍ରକ ମୁସଲିମ ଜମାତ ହଲାଲ କମିଟିର ଏକ ବୈଠକ ଗୁରୁବାର ସନ୍ଧ୍ୟା ୭ ଘଟିକା ରେ ପୁରୁଣା ବଜ଼ାର ସ୍ଥିତ ମଦିନା ମଇଦାନ ପ୍ରାଣଙ୍ଗରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ଇଦ -ଉଲ -ଫିତର ଚନ୍ଦ୍ରର ସାହାଦାତ (ଚନ୍ଦ୍ର ଦେଖିଥିବା ଲୋକ) ପାଇଁ ବସିଥିଲା । ତେଣୁ କୌଣସି ଜାଗାରେ ଚନ୍ଦ୍ର ଦୃଶ୍ୟ ହୋଇ ନ ଥିବାରୁ ପବିତ୍ର ରମଜାନ ମାସର ୩୦ ରୋଜା (ଉପବାସ) ରଖିବେ, ୩୦ ତରାଓ୍ୱୀ ନମାଜ ମଧ୍ୟ ପଢିବେ ଏବଂ ଇଦ-ଉଲ-ଫିତର ର ନମାଜ ୨୧ ତାରିଖ ଶନିବାର ରେ ଭଦ୍ରକ ଭାଇଚାରା ସହର ସହିତ ସମଗ୍ର ଭାରତ ବର୍ଷରେ ପାଳିତ ହେବ । ଭଦ୍ରକ ଜାମା ମସଜିଦରେ ସକାଳ ୯.୧୫ ଘଟିକା ସମୟରେ ଏବଂ ଇଦଘା ରେ ସକାଳ ୯. ୩୦ ରେ ନମାଜ ପାଠ ହେବ ବୋଲି ହଲାଲ କମିଟି ଘୋଷଣା କରିଥିଲା । ଏହି ବୈଠକ ରେ ମୁସଲିମ ଜମାତ ର ଉପ ସଭାପତି ଶେଖ ମହମ୍ମଦ ଜକାଉଲ୍ଲା, ସାଧାରଣ ସମ୍ପାଦକ ହାଜୀ ଇନାମ ମହମ୍ମଦ, ସମ୍ପାଦକ ହାଜୀ ଅବଦୁଲ ମୁକିତ ଖାନ, ହାଜୀ କୈୟୁମ ସାହା, ଇଂ ହବିବୁଲ୍ଲା ଖାନ , ଅସରଫ ଅଲି ଖାନ, ଅଖତର ଅଲି ଖାନ , ମିର୍ଜା ଏକ୍ରାମ ବେଗ, ମୁସ୍ତାକ ଗୌହର, ମିଡ଼ିଆ ସେଲ ସଂଯୋଜକ ଶେଖ ଅନଓ୍ୱର (ବାବୁ), ଶେଖ ଇମତିଆଜ ଏବଂ ସମସ୍ତ ମସଜିଦ ର ମୌଲାନା ମାନେ ଉପସ୍ଥିତ ରହିଥିଲେ ।

# ବିଶିଷ୍ଟ ସମାଜସେବୀ ଦେବାଶିଷଙ୍କୁ ଶ୍ରଦ୍ଧାଞ୍ଜଳି

ଭଦ୍ରକ, (ପିପିଏସ୍) : ଭଦ୍ରକ ପୌରାଂଚଳ ୱାର୍ଡ଼ ନମ୍ବର ୧୫ କୁଆଁଶ ଗ୍ରାମ ନିବାସୀ, ପୂର୍ବତନ ପାରିଷଦ ତଥା ସମାଜସେବାରେ ନିଜ ଜୀବନକୁ ସମର୍ପିତ କରିଥିବା ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଦେବାଶିଷ ରାଉତ ଙ୍କ ଦେହାନ୍ତ ଖବର ଅତ୍ୟନ୍ତ ଦୁଃଖଦ । ଏହି ଦୁଃଖଦ ମୁହୂର୍ତରେ ତାଙ୍କ ବାସଭବନରେ ପହଂଚି ସ୍ୱର୍ଗତ ଆତ୍ମାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣେ ତାଙ୍କ ଅମର ଆତ୍ମାର ଶାଶ୍ୱତ ଶାନ୍ତି ନିମନ୍ତେ ପ୍ରାର୍ଥନା କରିଛନ୍ତି ବିଜୁ ଜନତା ଦଳର ରାଜ୍ୟ ବରିଷ୍ଠ ଉପ-ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ । ଶ୍ରୀ ସାମଲଙ୍କ ସମେତ ପୌରାଧକ୍ଷା ଗୁଲମୁଖି ହବିବି ଦଲଓ୍ୱାଜି, ସମାଜସେବୀ କିଶୋର ମହାପାତ୍ରଙ୍କ ସହ ଅନ୍ୟାନ୍ୟ ମାନ୍ୟଗଣ୍ୟ ବରିଷ୍ଠ ଓ ଯୁବ ନେତୃମଣ୍ଡଳୀ ଉପସ୍ଥିତ ରହି ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଜଣାଇଥିଲେ ।

## ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଷଷ୍ଠ ସନ୍ଧ୍ୟା

# ମଞ୍ଚରେ ଜୀବନ୍ତ ହେଲା 'ସମୁଦ୍ର': ସମ୍ବଲପୁରୀ ନାଟକରେ ଦେଖିବାକୁ ମିଳିଲା ସଭ୍ୟତା ଓ ସଂଘର୍ଷର ଅପୂର୍ବ ସମନ୍ୱୟ



ନୟାଗଡ଼, (ପିପିଏସ୍): ନାଟ୍ୟଧାରା ପକ୍ଷରୁ ଚାଲିଥିବା ଷଷ୍ଠ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ୬ଷ୍ଠ ଦିବସରେ 'ସୂର, ସମ୍ବଲପୁର' ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତ ସମ୍ବଲପୁରୀ ନାଟକ 'ସମୁଦ୍ର' ସଫଳତାର ସହ ପଠାଣି ସାମନ୍ତ ପ୍ରେକ୍ଷାଳୟରେ ମଞ୍ଚସ୍ଥ ହୋଇଯାଇଛି । ଡକ୍ଟର ପ୍ରସନ୍ନ କୁମାର ସାହୁଙ୍କ ଲିଖିତ ଏହି ନାଟକଟି ନିଜର ନିଆରା କଥାବସ୍ତୁ ଓ ଜୀବନ୍ତ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ମନ ଜିଣିବାରେ ସଫଳ ହୋଇଛି ।

ନାଟକର କାହାଣୀ ଜଣେ ଜଙ୍ଗଲୀ ଯୁବକ 'କମ୍ବୁ' ଓ ଜାହାଜ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା 'କ୍ୟାପଟେନ କିଶନ'ଙ୍କ ସଂଘର୍ଷମୟ ଜୀବନକୁ ନେଇ ଗତିଶୀଳ ହୋଇଥିଲା । ଏକ ନିଛାଟିଆ ଦ୍ୱୀପରେ ପ୍ରକୃତିର ନିର୍ମମତା ଏବଂ ମାନବିକତାର ପରୀକ୍ଷାକୁ ମଞ୍ଚରେ ଅତି ସୁନ୍ଦର ଭାବେ ଚିତ୍ରଣ କରାଯାଇଥିଲା । ବିଶେଷ କରି ମହାଭାରତର ପ୍ରସଙ୍ଗ ମାଧ୍ୟମରେ ନୈତିକତାର ବାର୍ତ୍ତା ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା । ନାଟ୍ୟଶ୍ରୀ ମାନସ ରଞ୍ଜନ ମିଶ୍ର ନାଟକର ପରିକଳ୍ପନା ଓ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବା ସହ 'କମ୍ବୁ' ଭୂମିକାରେ ଏକ ଦମଦାର ଅଭିନୟ ପ୍ରଦର୍ଶନ କରିଥିଲେ । ଅନ୍ୟ ପ୍ରମୁଖ କଳାକାରଙ୍କ ମଧ୍ୟରେ ସପନୀ ଭୂମିକାରେ ଦିବ୍ୟାନି ଚଇନିଙ୍କ ଭାବପୂର୍ଣ୍ଣ ଅଭିନୟ ତଥା କ୍ୟାପଟେନ କିଶନ ଭାବେ ସତ୍ୟନାରାୟଣ ସାହୁଙ୍କ ପରିପକ୍ୱ ଅଭିନୟ ଦର୍ଶକ ମାନଙ୍କୁ ବେଶ ବିମୋହିତ କରିଥିବା ବେଳେ କେତନ ଭୂମିକାରେ ସତୀନ୍ଦ୍ର ନାୟକଙ୍କ ଅଭିନୟ ଅତ୍ୟନ୍ତ ଉଚ୍ଚକୋଟୀର ହୋଇଥିଲା ।

ନାଟକଟିକୁ ସଫଳ କରିବାରେ ବୃନ୍ଦାବନ ମିଶ୍ରଙ୍କ ଚମତ୍କାର ଆଲୋକ ସମ୍ପାଦନା ଓ ଶିବସାୟୀ ମିଶ୍ରଙ୍କ ହୃଦୟସ୍ପର୍ଶୀ ସଙ୍ଗୀତ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ପୁଷ୍ପାଞ୍ଜଳି ଦାଶ, ଜନାର୍ଦ୍ଦନ ପ୍ରଧାନ ଓ ବିକାଶ ଧ୍ରୁବଙ୍କ ଦ୍ୱାରା ପ୍ରସ୍ତୁତ ମଞ୍ଚ ସଜ୍ଜା ଦର୍ଶକଙ୍କୁ ପ୍ରକୃତ ଦ୍ୱୀପର ଅନୁଭୂତି ପ୍ରଦାନ କରିଥିଲା । 'ସମୁଦ୍ର କେବଳ ଦୁଇଟି କୂଳକୁ ପୃଥକ କରେନାହିଁ, ବରଂ ସଂଘର୍ଷ ଓ ସହନଶୀଳତା ମାଧ୍ୟମରେ ମଣିଷକୁ ଯୋଡ଼ିଥାଏ । ଏହି ବାର୍ତ୍ତା ସହ ନାଟକଟି ଶେଷ ହୋଇଥିଲା । ଆଜିର ନାଟକକୁ ଉଦଘାଟକ ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ମଧୁମିତା ରଥ,ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଲଗ୍ନଜିତ ରାଉତ ଏବଂ ଯୁବ ଶିଳ୍ପଦ୍ୟୋଗୀ ତାପସ କୁମାର ପାଢ଼ୀ ଉପସ୍ଥିତ ଥିଲେ ।ଏହି ଅବସରରେ ନାଟକର ନିର୍ଦ୍ଦେଶକ ମାନସ ରଞ୍ଜନ ମିଶ୍ରଙ୍କୁ ନାଟ୍ୟଧାରା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ନାଟ୍ୟଧାରା ପକ୍ଷରୁ ସଭାପତି ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର ଏବଂ ନିର୍ଦ୍ଦେଶକ ଡ. ବିଜୟ କୁମାର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଦର୍ଶନ ଶେଷରେ ଉପସ୍ଥିତ ଅତିଥି ଓ ନାଟ୍ୟ ପ୍ରେମୀମାନେ କଳାକାରଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବା ସହ ସମ୍ବଲପୁରୀ ନାଟକ କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ବୋଲି ମତ ପ୍ରକାଶ କରିଛନ୍ତି ।






## ପଶ୍ଚିମ ଏସିଆ ସଙ୍କଟ: ୫ ବିଶ୍ୱନେତାଙ୍କ ସହ କଥା ହେଲେ ମୋଦୀ

ନୂଆଦିଲ୍ଲୀ: ଯୁଦ୍ଧ ଯୋଗୁ ଅଶାନ୍ତ ପଶ୍ଚିମ ଏସିଆ । ଇରାନ-ଇସ୍ରାଏ ଏବଂ ଆମେରିକା ସଂଘର୍ଷ ପାଇଁ ବିଶ୍ୱ ଅର୍ଥନୀତି ଧୀରେ ଧୀରେ ପ୍ରଭାବିତ ହେଉଛି । ସାରା ବିଶ୍ୱରେ ତୈଳ ସଂକଟ ଦେଖା ଦେଇଛି । ଏହାରି ଭିତରେ ଭାରତ ସରକାର ନିଜ ବୈଦେଶିକ କୂଟନୀତିକୁ ଯଥାଯଥ ରଖିବାକୁ ଉଦ୍ୟମ ଜାରି ରଖିଛନ୍ତି । ଏହି କ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୨୪ ଘଣ୍ଟାରେ ୫ଟି ଦେଶ ଯଥା ମାଲେସିଆ, ଓମାନ, କୁଏତ, ଫ୍ରାନ୍ସ ଓ ଜୋର୍ଡାନର ନେତାଙ୍କ ସହ କଥା ହୋଇଛନ୍ତି । ପ୍ରଧାନମନ୍ତ୍ରୀ ଗୁରୁବାର ମାଲେସିଆ ପ୍ରଧାନମନ୍ତ୍ରୀ ଅନଓ୍ୱର ଇବ୍ରାହିମଙ୍କ ସହ ଫୋନରେ କଥା ହୋଇଛନ୍ତି । ଏହାପରେ 'ଏକ୍ସ'ରେ ମୋଦି ଲେଖିଛନ୍ତି, ବନ୍ଧୁ ଅନଓ୍ୱର ଇବ୍ରାହିମଙ୍କ ସହ କଥା ହୋଇଛି । ପଶ୍ଚିମ ଏସିଆରେ ଜାରି ରହିଥିବା ସଙ୍କଟ ନେଇ ତାଙ୍କ ସହ ଆଲୋଚନା କରିଛି । ଆଲୋଚନା ଓ କୂଟନୀତି ଜରିଆରେ ଆଗୁଆ ଶାନ୍ତି ଓ ସ୍ଥିରତା ଆସିବା ନେଇ ଆମେ ଏକମତ ହୋଇଛୁ । ପ୍ରଧାନମନ୍ତ୍ରୀ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍‌ଙ୍କୁ ଫୋନ କରି ମଧ୍ୟପ୍ରାଚ୍ୟ ସ୍ଥିତି ସଂକ୍ରାନ୍ତରେ ଚର୍ଚ୍ଚା କରିଛନ୍ତି । ଗୁରୁବାର ସେ ଏହି ସୂଚନା 'ଏକ୍ସ'ରେ ଦେଇଛନ୍ତି । ମୋଦି କହିଛନ୍ତି, ପରିସ୍ଥିତିକୁ ଶାନ୍ତ କରିବା ଏବଂ ଆଲୋଚନା ଓ କୂଟନୀତି ରାସ୍ତାକୁ ଆପଣାଇବା ଉଚିତ୍ । ଏହାଛଡ଼ା ମୋଦି ଓମାନର ସୁଲ୍‌ତାନ ହାଇଥମ୍ ବିନ୍ ତାରିକଙ୍କ ସହ ମଧ୍ୟ କଥା ହୋଇଛନ୍ତି । ବୁଧବାର ମୋଦି କୁଏତର କ୍ରାଉନ ପ୍ରିନ୍ସ ଶେଖ ସବାହ ଅଲ-ଖାଲିଦ୍ ଅଲ-ହମଦ୍ ଅଲ-ମୁବାରକ ଅଲ୍-ସବାହଙ୍କ ସହ ଫୋନ୍‌ରେ କଥା ହୋଇଥିଲେ । ଏହି ସମୟରେ ସେ କ୍ରାଉନ ପ୍ରିନ୍ସଙ୍କୁ ଇଦ୍ର ଆଗୁଆ ଶୁଭକାମନା ଜଣାଇଥିଲେ । ଉଭୟ ନେତା ଇସ୍ରାଏଲ୍‌ଇରାନ ଯୁଦ୍ଧ ମଧ୍ୟରେ ପଶ୍ଚିମ ଏସିଆର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଚର୍ଚ୍ଚା କରିଥିଲେ । ମୋଦି ଜୋର୍ଡାନ ରାଜା ଅବଦୁଲ୍ଲା ଦ୍ୱିତୀୟଙ୍କ ସହ ଫୋନରେ କଥା ହୋଇ ପଶ୍ଚିମ ଏସିଆ ସଂକଟ ନେଇ ଚର୍ଚ୍ଚା କରିଛନ୍ତି । ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ପାଇଁ ଆଲୋଚନା ଓ କୂଟନୀତିକୁ ଫୋକସ ଲାଗି ଉଭୟ ଜୋର ଦେଇଛନ୍ତି ।

## ଟ୍ରମ୍ପଙ୍କ ମନ୍ତବ୍ୟରେ ଅସହଜ ବୋଧ କଲେ ଜାପାନ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ଫେବ୍ରୁଆରି ୨୮ରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣ ଯୋଗୁଁ ପଶ୍ଚିମ ଏସିଆ ଅଶାନ୍ତ ହୋଇପଡ଼ିଥିବାବେଳେ ସେଠାରେ ଥିବା ୨ ଲକ୍ଷ ୮୦ ହଜାର ଭାରତୀୟ ଏପର୍ଯ୍ୟନ୍ତ ସ୍ୱଦେଶ ଫେରିଛନ୍ତି । ଯୁଦ୍ଧ ଯୋଗୁଁ ବିମାନ ଚଳାଚଳରେ ସମସ୍ୟା ଥିବା ସତ୍ତ୍ୱେ ପାଖାପାଖି ୩ ଲକ୍ଷ ଭାରତୀୟଙ୍କୁ ଫେରାଇ ଅଣାଯାଇଛି ବୋଲି ଗୁରୁବାର ବିଦେଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।ପଶ୍ଚିମ ଏସିଆ ଓ ଭାରତ ମଧ୍ୟରେ ସୀମିତ ବିମାନ ଚଳାଚଳ କରୁଛି । ତେବେ ମାର୍ଚ୍ଚ ୧୮ରେ ଭାରତ ଓ ୟୁଏଇ ମଧ୍ୟରେ ୭୫ଟି ବିମାନ ଚଳାଚଳ କରିଥିଲା । ଆଜି ୯୦ଟି ବିମାନ ଚଳାଚଳ କରିବାର ସମ୍ଭାବନା ରହିଛି । ବିବାଦ ସତ୍ତ୍ୱେ ଅଧିକ ବିମାନ ଚଳାଚଳ କରିବାକୁ ପ୍ରୟାସ କରାଯାଉଛି । ଓମାନ ଓ ସାଉଦି ଆରବରୁ ଭାରତକୁ ବିମାନ ଚଳାଚଳ ଜାରି ରହିଛି ।କତର ଆକାଶମାର୍ଗ ଆଂଶିକ ଖୋଲା ରହିଛି । କତର ଏୟାରଓ୍ୱେଜ୍ ଭାରତକୁ ବ୍ୟବସାୟିକ ବିମାନ ଚଳାଚଳ ଜାରି ରଖିଛି ବୋଲି ଆନ୍ତଃ ମନ୍ତ୍ରିସ୍ତରୀୟ ବୈଠକ ପରେ ମହାଜନ ଏହି ସୂଚନା ଦେଇଛନ୍ତି । ତେବେ କୁଏତ ଆକାଶ ମାର୍ଗ ଯୁଦ୍ଧ ଆରମ୍ଭ ପରଠାରୁ ବନ୍ଦ ରହିଛି ।

## ନ୍ୟାୟପାଳିକା ସମ୍ପର୍କିତ ଏନ୍‌ସିଇଆର୍‌ଟିର ସଂଶୋଧିତ ଅଧ୍ୟାୟ ସମୀକ୍ଷା ପାଇଁ ବିଶେଷଜ୍ଞଙ୍କ ପାନେଲ ଗଠନ

ନୂଆଦିଲ୍ଲୀ: ନ୍ୟାୟପାଳିକା ସମ୍ପର୍କିତ ଏନ୍‌ସିଇଆର୍ଟି ପୁସ୍ତକର ସଂଶୋଧିତ ଅଧ୍ୟାୟ ଉପରେ ସମୀକ୍ଷା ପାଇଁ ବିଶେଷଜ୍ଞଙ୍କ ପାନେଲ ଗଠନ କରାଯାଇଥିବା ନେଇ ସୁପ୍ରିମକୋର୍ଟଙ୍କୁ ଶୁକ୍ରବାର କେନ୍ଦ୍ର ସରକାର ଅବଗତ କରିଛନ୍ତି । ଏହି କମିଟିରେ ଦୁଇ ଜଣ ପୂର୍ବତନ ବିଚାରପତି ମଧ୍ୟ ଅଛନ୍ତି । ଏନସିଇଆରଟିର ୮ ମ ଶ୍ରେଣୀ ବହିରେ ନ୍ୟାୟପାଳିକାରେ ଦୁର୍ନୀତି ଅଧ୍ୟାୟକୁ ନେଇ ବିବାଦ ପରେ ବିଶେଷଜ୍ଞଙ୍କ କମିଟି ଗଠନ କରାଯାଇଛି । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ସୁପ୍ରିମକୋର୍ଟ ଖଣ୍ଡପୀଠକୁ ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ, ପାନେଲରେ ବରିଷ୍ଠ ଓକିଲ ତଥା ପୂର୍ବତନ ଆଟର୍ଣ୍ଣି ଜେନେରାଲ କେକେ ବେଣୁଗୋପାଳ, ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଇନ୍ଦୁ ମଲହୋତ୍ରା, ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ତଥା ବର୍ତ୍ତମାନ ଜୁଡିସିଆଲ ଏକାଡେମୀର ନିର୍ଦ୍ଦେଶକ ଥିବା ଅନିରୁଦ୍ଧ ବୋଷ ଓ ଜଣେ କୁଳପତି ଅଛନ୍ତି । କୋର୍ଟଙ୍କ ଦ୍ୱାରା ନିର୍ଦ୍ଦେଶିତ ନ୍ୟାୟିକ, ଶିକ୍ଷାଗତ ଏବଂ ବୃତ୍ତିଗତ ବିଶେଷଜ୍ଞତାକୁ ନେଇ ପ୍ୟାନେଲ ଗଠନ ହୋଇଛି ବୋଲି କେନ୍ଦ୍ର ସରକାର କହିଥିଲେ।।

## ଆମେରିକାର ୧୬ ଲଢୁଆ ବିମାନ ଓ ୧୦ ରିପର ଡ୍ରୋନ୍ ନଷ୍ଟକଲାଣି ଇରାନ

ତେହେରାନ: ମଧ୍ୟପ୍ରାଚ୍ୟରେ ଚାଲିଥିବା ଭୀଷଣ ସଂଘର୍ଷରେ ଆମେରିକାକୁ ବିପୁଳ କ୍ଷତି ହେବାରେ ଲାଗିଛି । ଆମେରିକା ଇରାନକୁ ହରାଇବା ଯେତେ ସହଜ ବୋଲି ଭାବିଥିଲା ତାହା ହୋଇପାରୁନାହିଁ । ଆମେରିକା ପ୍ରତିରକ୍ଷା ଅଧିକାରୀଙ୍କଠାରୁ ମିଳିଥିବା ତଥ୍ୟ ଅନୁଯାୟୀ, ଇରାନ ବିରୋଧୀ ଅଭିଯାନରେ ଆମେରିକା ବାୟୁସେନାକୁ ନା କେବଳ ଶତ୍ରୁପକ୍ଷର ଆକ୍ରମଣରୁ ବରଂ ବୈଷୟିକ ତ୍ରୁଟି ଓ ପରସ୍ପର ମଧ୍ୟରେ ତାଳମେଳର ଅଭାବ ଯୋଗୁ ବିପୁଳ କ୍ଷତି ସହିବାକୁ ପଡ଼ୁଛି । ବ୍ଲୁମବର୍ଗ ଓ ସିଏନ୍‌ଏନ୍ ରିପୋର୍ଟ ଅନୁଯାୟୀ, ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏପର୍ଯ୍ୟନ୍ତ ଆମେରିକାର ୧୬ଟି ଲଢୁଆ ବିମାନ ନଷ୍ଟ ହେଲାଣି, ଯେଉଁଥିରେ ଖୁବ୍ ମହଙ୍ଗା ଡ୍ରୋନ୍ ଓ ରିଫିଉଲିଂ ଟ୍ୟାଙ୍କର ମଧ୍ୟ ରହିଛି । ୨୮ ଫେବ୍ରୁଆରିରୁ ଏପର୍ଯ୍ୟନ୍ତ ଆମେରିକାର ୧୦ଟି ଏମ୍‌କ୍ୟୁ-୯ ରିପର ଡ୍ରୋନ୍ ନଷ୍ଟ ହୋଇସାରିଲାଣି । ଏଥିରୁ ୯ଟିକୁ ଇରାନ ଏୟାର ଡିଫେନ୍ସ ସିଷ୍ଟମ ଉଡ଼ାଣ ସମୟରେ ଖସେଇ ଦେଇଛି । ଆଉ ଏକ ଡ୍ରୋନ୍ ଜୋର୍ଡାନର ଏୟାରଫିଲ୍ଡରେ ଇରାନର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଆକ୍ରମଣ ଦ୍ୱାରା ନଷ୍ଟ ହୋଇଥିଲା । ଅନ୍ୟ ଦୁଇଟି ଡ୍ରୋନ୍ ବୈଷୟିକ ତ୍ରୁଟି ଯୋଗୁ ନଷ୍ଟ ହୋଇଥିଲା । ଏହିସବୁ ଡ୍ରୋନ୍ ମାନବ ବିହୀନ ଓ ନଷ୍ଟ ହେବାର ସମ୍ଭାବନା କମ୍ ଥିବାରୁ ବିପଜ୍ଜନକ ଯୁଦ୍ଧ କ୍ଷେତ୍ରରେ ମୁତୟନ ହୋଇଥାଏ । କେସି-୧୩୫ ରିଫିଉଲିଂ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ ହେବା ସହିତ ୬ ଜଣ ସଦସ୍ୟଙ୍କର ମୃତ୍ୟୁ ହୋଇଥିଲା । କୁଏତ୍ରେ କୁଏତ ସେନାର ଭୁଲ ଯୋଗୁ ତିନିଟି ଏଫ୍ -୧୫ ଲଢୁଆ ବିମାନ ଖସେଇ ଦେଇଥିଲେ । ଏହା ଯୁଦ୍ଧରେ ତାଳମେଳ ଅଭାବକୁ ଦର୍ଶାଉଛି । ସାଉଦି ଆରବ ସ୍ଥିତ ଏକ ସାମରିକ ଘାଟିରେ ଅନ୍ୟ ୫ଟି କେସି-୧୩୫ ବିମାନ କ୍ଷତିଗ୍ରସ୍ତ ହୋଇଥିଲା । ନିକଟରେ ଅତ୍ୟାଧୁନିକ ଏଫ୍ ୩୫ ଲଢୁଆ ବିମାନ ଇରାନ ଦ୍ୱାରା ନଷ୍ଟ ହୋଇଛି ।

**ନିର୍ବାଚନ କମିଶନର ନିଯୁକ୍ତି ମାମଲା**

# ଶୁଣାଣିରୁ ଓହରିଗଲେ ପ୍ରଧାନବିଚାରପତି

ନୂଆଦିଲ୍ଲୀ : ଦେଶର ମୁଖ୍ୟ ନିର୍ବାଚନ କମିଶନ ଓ ବାକି ନିର୍ବାଚନ କମିଶନଙ୍କ ନିଯୁକ୍ତି ବିରୋଧରେ ହୋଇଥିବା ଆବେଦନର ଶୁଣାଣିରୁ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ଓହରି ଯାଇଛନ୍ତି । ୨୦୨୩ ଆଇନରେ ଥିବା ନିଯୁକ୍ତ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରାଯାଇଥିବା ବେଳେ ଏହାର ଶୁଣାଣି ଦ୍ୱୈତ ସ୍ୱାର୍ଥର ଆଶଙ୍କା ସୃଷ୍ଟି କରିପାରେ ବୋଲି ଜଷ୍ଟିସ ସୂର୍ଯ୍ୟ କାନ୍ତ କହିଛନ୍ତି ।୨୦୨୩ ମାର୍ଚ୍ଚ ମାସରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ ଦେଶର ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ କମିଶନରଙ୍କ ନିଯୁକ୍ତିକୁ ଗୋଟିଏ ପ୍ୟାନେଲ ଅନୁମୋଦନ ଦେବ । ଏହି ପ୍ୟାନେଲରେ ପ୍ରଧାନମନ୍ତ୍ରୀ, ଲୋକସଭାର ବିରୋଧୀ ଦଳ ନେତା ଓ ପ୍ରଧାନ ବିଚାରପତି ରହିବେ । କିନ୍ତୁ କେନ୍ଦ୍ର ସରକାର ଏହାକୁ ବାଇପାସ କରିବା ପାଇଁ ଗୋଟିଏ ଆଇନ ଆଣିଥିଲେ । ନୂଆ ଆଇନ ଜରିଆରେ ନିଯୁକ୍ତି ପ୍ୟାନେଲରୁ ପ୍ରଧାନ ବିଚାରପତିଙ୍କୁ ହଟାଇ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା



ମନୋନୀତ ଜଣେ କେନ୍ଦ୍ରମନ୍ତ୍ରୀଙ୍କୁ ସାମିଲ କରିବାର ବ୍ୟବସ୍ଥା କରିଥିଲେ ।
କେନ୍ଦ୍ର ସରକାରଙ୍କ ଏପରି ଆଇନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି । ଏହାର ଶୁଣାଣି ଶୁକ୍ରବାର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ଓ ଜଷ୍ଟିସ ବିପୁଲ ଏମ ପାଞ୍ଚୋଲି କରିବାର ଥିଲା । ଆଜି ଶୁଣାଣି ସମୟରେ ପ୍ରଧାନ ବିଚାରପତି କହିଥିଲେ ଯେ "କ'ଣ ମୋତେ ଏହି ପ୍ରସଙ୍ଗର ଶୁଣାଣି କରିବା ଉଚିତ ? ସମ୍ଭବତଃ କେହି କେହି ମୋତେ ଦ୍ୱୈତ ସ୍ୱାର୍ଥ କହି ଅଭିଯୁକ୍ତ କରିପାରନ୍ତି ।" ଆବେଦନକାରୀଙ୍କ ପକ୍ଷରୁ ଉପସ୍ଥିତ ଥିବା ପ୍ରଶାନ୍ତ ଭୂଷଣ କହିଥିଲେ ଯେ କେହି ବି ଏପରି ଅଭିଯୋଗ କରିବେ ନାହିଁ । କିନ୍ତୁ ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ଯଦି ଏହାର ଶୁଣାଣି ନ କରିବେ, ତା'ହେଲେ ଭଲ ହେବ ବୋଲି ସେ ପ୍ରସ୍ତାବ ଦେଇଥିଲେ । ଏହାପରେ ପ୍ରଧାନ ବିଚାରପତି ଶୁଣାଣିରୁ ଓହରି ଯାଇଥିଲେ । ଏଥିସହ ମାମଲାକୁ ଏମିତି ଏକ ବେଞ୍ଚ ନିକଟରେ ତାଲିକା ଭୁକ୍ତ କରାଯିବ, ଯେଉଁଠାରେ କୌଣସି ବିଚାରପତି ପ୍ରଧାନ ବିଚାରପତି ହେବା ଦୌଡ଼ରେ ନଥିବେ । ଭୂଷଣ ପ୍ରଧାନ ବିଚାରପତିଙ୍କ କଥାରେ ଏକମତ ହୋଇ କହିଛନ୍ତି ଯେ "ମୋ ମୁଣ୍ଡରେ ମଧ୍ୟ ସେଇଆ ଚାଲିଥିଲା ।" ଏପ୍ରିଲ ୭ରେ ନୂଆ ବେଞ୍ଚରେ ମାମଲାର ଶୁଣାଣି ହେବ ।

## ବକଖାଲି-ଦାନ୍ତନରୁ ଦୁଇଟି ବିଶାଳ ଡ୍ରୋନ୍ ଜବତ

କୋଲକାତା : ପଶ୍ଚିମବଙ୍ଗର ଦୁଇଟି ପୃଥକ ସ୍ଥାନରେ ଡ୍ରୋନ ଜବତ କରାଯାଇଛି । ଏହି ଦୁଇଟି ବିମାନ ଆକୃତିର ଡ୍ରୋନ ଉଦ୍ଧାର ହେବା ପରେ ଚାଞ୍ଚଲ୍ୟ ଖେଳିଯାଇଛି । ଦକ୍ଷିଣ ୨୪ ପ୍ରଗଣାର ବକଖାଲିର ଫ୍ରେଜରଗଞ୍ଜ ବେଳାଭୂମିରେ ଗୋଟିଏ ଡ୍ରୋନ୍ ମିଳିଥିଲା । ଅନ୍ୟଟି ପଶ୍ଚିମ ମେଦିନୀପୁରର ଏକ ଧାନ କ୍ଷେତରୁ ଜବତ କରାଯାଇଥିଲା । ଏହି ଦୁଇଟି ଡ୍ରୋନ କେଉଁଠାରୁ ଆସିଥିଲା ସେ ବିଷୟରେ ପୁଲିସ ତଦନ୍ତ କରୁଛି । ବୁଧବାର ଅପରାହ୍ନରେ, ପଶ୍ଚିମ ଅମରାବତୀ ଗ୍ରାମର କାରଗିଲ ସମୁଦ୍ର ବେଳାଭୂମିରେ ଏକ ଡ୍ରୋନ୍ ପଡ଼ିଥିଲା । ମତ୍ସ୍ୟଜୀବୀମାନେ ଡ୍ରୋନ୍ ଉଦ୍ଧାର କରିଥିଲେ, ଯାହା ଲାଲ ଏବଂ ହଳଦିଆ ଚିହ୍ନ ସହିତ ଏକ ଛୋଟ ବିମାନ ସଦୃଶ ଥିଲା । ପରେ ଫ୍ରେଜରଗଞ୍ଜ କୋଷ୍ଟାଲ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ । ଡ୍ରୋନର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଛି । ଡ୍ରୋନର ଡେଣାରେ 'ଶିକ୍ରା ଡ୍ରୋନ୍' ଶବ୍ଦ ଲେଖାଯାଇଥିଲା । ଏହି ଡ୍ରୋନ୍ ଭାରତୀୟ ନୌସେନା ଏବଂ ବାୟୁସେନା ଅଭ୍ୟାସ ସମୟରେ ଏବଂ ପ୍ରତିରକ୍ଷା ତାଲିମ ପାଇଁ



ବ୍ୟବହାର କରନ୍ତି । ଏହି ଡ୍ରୋନଗୁଡ଼ିକୁ ବିଭିନ୍ନ ପାର୍ବତ୍ୟ ଏବଂ ସାମୁଦ୍ରିକ ଅଞ୍ଚଳରେ ମିଶନ ପାଇଁ ମଧ୍ୟ ନିୟୋଜିତ କରାଯାଏ । ସାଗର ଏସ୍‌ଡିପିଓ ସୁମନ କାନ୍ତି ଘୋଷ କହିଛନ୍ତି ଯେ ଏହି ଡ୍ରୋନ୍ ହେଉଛି ଭାରତୀୟ ସେନାର ଏକ ତାଲିମ ଡ୍ରୋନ୍ । ସେନାକୁ ଏ ବିଷୟରେ ବିଧିବଦ୍ଧ ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ, ପଶ୍ଚିମ ମେଦିନୀପୁରର ଦାନ୍ତନ ୧ ନମ୍ବର ବ୍ଲକରେ ଏକ ଡ୍ରୋନ ମଧ୍ୟ ଉଦ୍ଧାର କରାଯାଇଛି । ବୁଧବାର ସକାଳେ ଶରଶଙ୍କା ନିକଟ ବକୁଳତାଲାର କାଜୁଚକ ଅଞ୍ଚଳର ଏକ ଧାନ କ୍ଷେତରେ ଏହା ପଡ଼ିଥିବା ଦେଖାଯାଇଥିଲା । ଏହି ଡିଭାଇସଟି ଏକ ବିମାନ ଅନୁରୂପ ଥିଲା । ପୁଲିସ ଡ୍ରୋନକୁ ଉଦ୍ଧାର କରି ଏହାକୁ ହେପାଜତକୁ ନେଇଛି । ପରେ ପୁଲିସ ସୂତ୍ରରୁ ଜଣାପଡିଛି ଯେ ଡ୍ରୋନଟି ଇଣ୍ଡିଆନ ଅଏଲର ଥିଲା । କମ୍ପାନୀ ଏହାର ପାଇପଲାଇନରେ କାମ କରୁଥିଲା ଏବଂ ଅପରେସନ ସମୟରେ ଡ୍ରୋନକୁ ସ୍ୱତନ୍ତ୍ର ଭାବରେ ନିରୀକ୍ଷଣ ପାଇଁ ନିୟୋଜିତ କରାଯାଇଥିଲା ।

## ଅତ୍ୟନ୍ତ ଦୁର୍ବଳ ସ୍ଥିତିରେ ଭାରତୀୟ ମୁଦ୍ରା

ନୂଆଦିଲ୍ଲୀ : ଅତ୍ୟନ୍ତ ଦୁର୍ବଳ ସ୍ଥିତିରେ ପହଞ୍ଚିଛି ଭାରତୀୟ ମୁଦ୍ରା । ଡଲାର ତୁଳନାରେ ରେକର୍ଡ ତଳକୁ ଖସି ଯାଇଛି ଟଙ୍କାର ମୂଲ୍ୟ । ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ ଓ ଅଶୋଧିତ ତୈଳ ଦର ବୃଦ୍ଧି ବିଶ୍ୱ ଆର୍ଥିକ



ବଜାରକୁ ଅସ୍ଥିର କରିଥିବା ବେଳେ ଭାରତୀୟ ଟଙ୍କା ପୂର୍ବାପେକ୍ଷା ଆହୁରି ଦୁର୍ବଳ ହୋଇଯାଇଛି । ଭାରତ ଇତିହାସଲରେ ପ୍ରଥମଥର ପାଇଁ ଗୋଟିଏ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୯୩ ମାର୍କ ଅତିକ୍ରମ କରିଛି । ପୂର୍ବରୁ କେବେ ବି ଏପରି ସ୍ଥିତି ଦେଖାଯାଇଥିଲା । ହୋଲି ସମୟରେ ଗୋଟିଏ ଡଲାରର ମୂଲ୍ୟ ୯୨.୨୪ ଟଙ୍କା ରହିଥିଲା । ଏବେ ଏହା ୯୩ ମାର୍କ ଛୁଇଁଛି । ଇସ୍ରାଏଲ-ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ବିବାଦ ଯୋଗୁ ନିବେଶକମାନେ ସୁରକ୍ଷିତ ସମ୍ପତ୍ତି ମୁହାଁ ହୋଇଛନ୍ତି । ତେଣୁ ଟଙ୍କାର ମୂଲ୍ୟ ଦୁର୍ବଳ ହେବାରେ ଲାଗିଛି । ତେଣୁ ଟଙ୍କାର ମୂଲ୍ୟ ୯୩.୧୫ ମାର୍କରେ ପହଞ୍ଚି ଯାଇଛି । ଅନ୍ୟପକ୍ଷରେ ଭାରତୀୟ ଶେୟାର ବଜାରରେ ମଧ୍ୟ ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ ଦେଖିବାକୁ ମିଳିଛି । ଗୁରୁବାର ନିବେଶକମାନେ ପ୍ରାୟ ୧୪ ଲକ୍ଷ କୋଟି ଟଙ୍କାର କ୍ଷତି ସହିଥିଲେ । ବିଶେଷଜ୍ଞଙ୍କ କହିବା କଥା ଡଲାର(ଟଝ ଉକ୍ଟକ୍ଷକ୍ଷବକ୍ସ) ତୁଳନାରେ ଟଙ୍କା ଦ୍ରୁତଗତିରେ ହ୍ରାସ ପାଇବାର ଅର୍ଥ ବିଶ୍ୱ ମାର୍କେଟକୁ ନେଇ ଏବେ ସମସ୍ତେ ଦ୍ୱନ୍ଦ୍ୱରେ ରହିଛନ୍ତି ।

## ଆମେରିକାକୁ ଆଖି ଦେଖାଇଲା ଶ୍ରୀଲଙ୍କା

ନୂଆଦିଲ୍ଲୀ : ଇରାନ, ବର୍ତ୍ତମାନ ମୁସଲିମ ବିଶ୍ୱରେ ବିଚ୍ଛିନ୍ନ ହୋଇଯାଇଥିବା ବେଳେ, ଶ୍ରୀଲଙ୍କାରୁ ଗୁରୁତ୍ୱପୂର୍ଣ୍ଣ ସମର୍ଥନ ପାଇଛି । ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେ ସଂସଦକୁ ସୂଚନା ଦେଇଛନ୍ତି ଯେ ତାଙ୍କ ପ୍ରଶାସନ ଦୁଇଟି ଆମେରିକୀୟ ଲଢୁଆ ବିମାନକୁ ତାଙ୍କ ଅଞ୍ଚଳରେ ଅବତରଣ କରିବାକୁ ଅନୁମତି ମନା କରିଛି । ଆମେରିକା ବାରମ୍ବାର ଏହି ଅନୁମତି ପାଇଁ ଅନୁରୋଧ କରିଥିଲା, କିନ୍ତୁ ଶ୍ରୀଲଙ୍କା ଦୃଢ଼ ଭାବରେ ପ୍ରତ୍ୟାଖ୍ୟାନ କରିଛି । ଯଦି ଏହି ଦୁଇଟି ଲଢୁଆ ବିମାନ ଶ୍ରୀଲଙ୍କାରେ ଏକ ଘାଟି ସୁରକ୍ଷିତ କରିଥାନ୍ତା, ତେବେ ଏହା ଇରାନ ବିରୁଦ୍ଧରେ ଏକ ବଡ଼ ଆମେରିକୀୟ ସାମରିକ ଆକ୍ରମଣ ପାଇଁ ପଥ ପ୍ରଶସ୍ତ କରିପାରିଥାନ୍ତା । ସଂସଦରେ ଭାଷଣ ଦେଇ ଦିସାନାୟକେ କହିଥିଲେ, "ଆମେ ଯୁଦ୍ଧର ସମର୍ଥକ ନୁହଁନ୍ତି । କିମ୍ବା ଆମେ ଶ୍ରୀଲଙ୍କାକୁ ଏହି ସଂଘର୍ଷରେ ଟାଣି ହେବାକୁ ଦେବୁ ନାହିଁ । ଆମ ପାଇଁ, ଆମେରିକା ଏବଂ ଇରାନ ଉଭୟ ସମାନ । ଯଦି ଆମେ ଏହି ଯୁଦ୍ଧରେ ଇରାନକୁ କୌଣସି ସହାୟତା



ପ୍ରଦାନ କରୁନାହୁଁ, ତେବେ ଆମେ କାହିଁକି ଆମେରିକାକୁ ସହାୟତା କରିବୁ ?" ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, କିଛି ଦିନ ପୂର୍ବରୁ ଆମେରିକା ଦକ୍ଷିଣ-ପୂର୍ବ ଶ୍ରୀଲଙ୍କାରେ ଅବସ୍ଥିତ ମାଟାଲା ଅନ୍ତର୍ଜାତୀୟ ବିମାନବନ୍ଦରରେ ଦୁଇଟି ଯୁଦ୍ଧ ବିମାନ ଅବତରଣ କରିବାକୁ ଅନୁମତି ଅନୁରୋଧ କରିଥିଲା । ଏକ ଅନୁରୋଧ ଯାହାକୁ ଦିସାନାୟକେ ପ୍ରଶାସନ ପରବର୍ତ୍ତୀ ସମୟରେ ପ୍ରତ୍ୟାଖ୍ୟାନ କରିଥିଲା । ଏହି ଘଟଣା ପୂର୍ବରୁ, ତୁର୍କୀ ଏବଂ ସ୍ପେନ ଉଭୟ ମଧ୍ୟ ଆମେରିକାକୁ ସେମାନଙ୍କର ସାମରିକ ଘାଟି ବ୍ୟବହାର କରିବାକୁ ଅନୁମତି ଦେବାକୁ ମନା କରିଦେଇଥିଲେ । ଯେତେବେଳେ ଆମେରିକା ସମ୍ପ୍ରତି ଇରାନୀ ଯୁଦ୍ଧଜାହାଜ ଡେନା ବୁଡ଼ାଇ ଦେଇଥିଲା, ଶ୍ରୀଲଙ୍କା ଯଥେଷ୍ଟ ସହାୟତା ପ୍ରଦାନ କରିଥିଲା । ଶ୍ରୀଲଙ୍କା ପ୍ରଥମେ ଏକ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା; ପରବର୍ତ୍ତୀ ସମୟରେ, ଏହା ଯୁଦ୍ଧଜାହାଜରେ ମୃତ୍ୟୁବରଣ କରିଥିବା ଲୋକଙ୍କ ମୃତଦେହକୁ ଇରାନକୁ ଫେରାଇ ଆଣିବାକୁ ସହଜ କରିଥିଲା । ଏହା ବ୍ୟତୀତ, ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯାଇଥିଲା ଏବଂ ସୁରକ୍ଷିତ ସ୍ଥାନକୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରାଯାଇଥିଲା ।

## ପଶ୍ଚିମ ଏସିଆ ଅଭିମୁଖେ ବିଶାଳ ସାମରିକ ବାହିନୀ ପଠାଉଛି ଆମେରିକା

ଓ୍ୱାଶିଂଟନ: ଇରାନ ସହିତ ଜାରି ରହିଥିବା ପ୍ରବଳ ଉତ୍ତେଜନା ଓ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ନିକଟରେ ହେଉଥିବା ଲଗାତାର ସାମରିକ ଆକ୍ରମଣ ମଧ୍ୟରେ ଆମେରିକା ପଶ୍ଚିମ ଏସିଆ ଅଭିମୁଖେ ଏକ ବିଶାଳ ସାମରିକ ବାହିନୀ ପଠାଉଛି । ଆମେରିକାର ଅତ୍ୟାଧୁନିକ ଆମ୍ଫିବିୟସ୍



ଆସଲ୍ଟ ସିପ୍ ''ୟୁଏସଏସ୍ ତ୍ରିପୋଲି'' ନେତୃତ୍ୱରେ ଏକ ଶକ୍ତିଶାଳୀ ଆମ୍ଫିବିୟସ୍ ରେଡି ଗ୍ରୁପ୍ (ଏଆରଜି) ପ୍ରାୟ ୨,୦୦୦ ରୁ ଅଧିକ ଦୁର୍ଦ୍ଦଷ ମାରିନ ସୈନ୍ୟଙ୍କୁ ଧରି ଏହି ଅଞ୍ଚଳକୁ ଅଗ୍ରସର ହେଉଛି । ସାଟେଲାଇଟ୍ ଚିତ୍ର ଅନୁଯାୟୀ, ଗତ ମାର୍ଚ୍ଚ ୧୫ ତାରିଖରେ ଏହି ବିଶାଳ ଯୁଦ୍ଧ ଜାହାଜଟି ଦକ୍ଷିଣ ଚୀନ୍ ସାଗର ଦେଇ ଦକ୍ଷିଣ-ପଶ୍ଚିମ ଦିଗରେ ଯାତ୍ରା କରୁଥିବାର ଦେଖାଯାଇଥିବା ବେଳେ ଏହାର ପରଦିନ ଏହା ସିଙ୍ଗାପୁର ନିକଟରେ ପହଞ୍ଚିଥିଲା । ଏହି ବୃହତ ସାମରିକ ମୁତୟନ ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧକୁ ଏକ ଭୟଙ୍କର ମୋଡ଼ ଦେଇପାରେ ବୋଲି ସାମରିକ ବିଶେଷଜ୍ଞମାନେ ଆଶଙ୍କା ପ୍ରକଟ କରିଛନ୍ତି । ରିପୋର୍ଟ ଅନୁଯାୟୀ, ''ୟୁଏସଏସ୍ ତ୍ରିପୋଲି''ରେ ପ୍ରାୟ ୨,୨୦୦ ଜଣ ଅତି ଦକ୍ଷ ସୈନ୍ୟ ଓ ନୌସେନା କର୍ମଚାରୀ ରହିଛନ୍ତି, ଯେଉଁମାନଙ୍କ ପାଖରେ ଉଭୟ ସ୍ଥଳ ଓ ଆକାଶ ମାର୍ଗରୁ ଯୁଦ୍ଧ କରିବାର ଅସାଧାରଣ କ୍ଷମତା ରହିଛି । ପେଣ୍ଟାଗନ ଏହି ଷ୍ଟ୍ରାଇକ୍ ଗ୍ରୁପ୍ କୁ ଏକ ଗୁପ୍ତ ତଥା ବିଶେଷ ରଣନୀତି ଅଧୀନରେ ନିୟୋଜିତ କରିଥିବା ଜଣାପଡ଼ିଛି । ବର୍ତ୍ତମାନ ପଶ୍ଚିମ ଏସିଆରେ ଆମେରିକାର ପ୍ରାୟ ୫୦,୦୦୦ ରୁ ଅଧିକ ସୈନ୍ୟ ପୂର୍ବରୁ କାର୍ଯ୍ୟରତ ଥିବା ବେଳେ, ଏହି ନୂତନ ବାହିନୀର ଆଗମନ ଆମେରିକାର ସାମରିକ ଉପସ୍ଥିତିକୁ ଅଧିକ ପ୍ରଭାବଶାଳୀ କରିବ ।

# ଆଫଗାନିସ୍ତାନକୁ ଯୁଦ୍ଧରେ ସାହାଯ୍ୟ କରୁଛି ଭାରତ: ପାକିସ୍ତାନ

ନୂଆଦିଲ୍ଲୀ : ଆଫଗାନିସ୍ତାନରେ ତାଲିବାନର ସର୍ବୋଚ୍ଚ ନେତା ହିବାତୁଆଲ୍ଲାହ ଆଖୁନ୍ଦଜାଦା ପାକିସ୍ତାନ ସମ୍ପର୍କରେ ଏକ ଅତ୍ୟନ୍ତ କଠୋର ଏବଂ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି । ଇଦ-ଉଲ-ଫିତର ଅବସରରେ କାନ୍ଦାହାରର ଇଦଗାହରେ ହଜାର ହଜାର ଲୋକଙ୍କୁ ସମ୍ବୋଧିତ କରି ସେ ସ୍ପଷ୍ଟ ଭାବରେ କହିଥିଲେ ଯେ ତାଲିବାନ କୌଣସି ପ୍ରକାରର ସାମରିକ ଧମକ କିମ୍ବା ଆକ୍ରମଣ ଦ୍ୱାରା ଭୟଭୀତ ନୁହେଁ । ତାଙ୍କ ଭାଷଣରେ, ଆଖୁନ୍ଦଜାଦା ପାକିସ୍ତାନକୁ ଟାର୍ଗେଟ କରିଥିଲେ । ସ୍ପଷ୍ଟ ଭାବରେ ନାମ ନ ନେଇ କହିଥିଲେ ଯେ ବିମାନ ଆକ୍ରମଣ, ଗୁଳିବର୍ଷା କିମ୍ବା ବଳପ୍ରୟୋଗର ରଣନୀତି ଦ୍ୱାରା ସେମାନଙ୍କର ସ୍ଥିତି ପରିବର୍ତ୍ତନ ହେବ ନାହିଁ । ସେ ଜୋର ଦେଇ କହିଥିଲେ ଯେ ଯଦି ତାଲିବାନ ଭୟଭୀତ ହୋଇଥାନ୍ତା, ତେବେ ସେମାନେ କେବେବି ନାଟୋ ଏବଂ ପଶ୍ଚିମ ରାଷ୍ଟ୍ରଗୁଡ଼ିକ ବିରୋଧରେ ଦୀର୍ଘ ଯୁଦ୍ଧ ସହ୍ୟ କରିପାରି ନଥାନ୍ତେ । ଏହି ବିବୃତ୍ତି ଏକ ସିଧାସଳଖ ସୂଚକ ଭାବରେ କାର୍ଯ୍ୟ କରେ ଯେ ତାଲିବାନ ଏବେ ନିଜକୁ



ପୂର୍ବ ଅପେକ୍ଷା ଅଧିକ ଶକ୍ତିଶାଳୀ ଏବଂ ଅଧିକ ଆତ୍ମନିର୍ଭରଶୀଳ ମନେ କରୁଛି । ଏହି ସମୟରେ, ଭାରତ ବିରୁଦ୍ଧରେ ଏକ ସମୟରେ ଅଭିଯୋଗ ନ କରି ପାକିସ୍ତାନ ପାଇଁ କାହା ସହିତ ସଂଘର୍ଷରେ ଫସି ରହିବା ପ୍ରାୟତଃ ଅକଳ୍ପନୀୟ; ପ୍ରକୃତରେ, ପାକିସ୍ତାନ ଏବେ ଏକ ଅଜବ ଦାବି କରିଛି । ପାକିସ୍ତାନୀ ସେନା ଅଭିଯୋଗ କରିଛି ଯେ ତାଲିବାନ ଦ୍ୱାରା କରାଯାଇଥିବା ଆକ୍ରମଣରେ ଭାରତୀୟ ଡ୍ରୋନ ବ୍ୟବହାର କରାଯାଇଥିଲା । ଆଖୁନ୍ଦଜାଦାଙ୍କ ବୟାନ ଏପରି ସମୟରେ ଆସିଛି ଯେତେବେଳେ ପାକିସ୍ତାନ ଏବଂ ଆଫଗାନ ତାଲିବାନ ମଧ୍ୟରେ ସୀମାପାର ଉତ୍ତେଜନା କ୍ରମାଗତ ଭାବରେ ବୃଦ୍ଧି ପାଉଛି । ସମ୍ପ୍ରତି, ପାକିସ୍ତାନ 'ଅପରେସନ ଗାଜି ଲିଲ-ହକ' କୋଡ୍‌ନାମରେ ସାମରିକ ଅଭିଯାନ ଚଳାଇଛି, ଯାହାକୁ ଇଦ ପାଳନ ପାଇଁ ଅସ୍ଥାୟୀ ଭାବରେ ସ୍ଥଗିତ ରଖାଯାଇଛି । ତଥାପି, ପାକିସ୍ତାନ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ଏହି ସ୍ଥଗିତୀକରଣ ଅସ୍ଥାୟୀ ଏବଂ ଭବିଷ୍ୟତରେ ଯେକୌଣସି ଆକ୍ରମଣର "କଠୋର ଜବାବ" ଦିଆଯିବ । ପାକିସ୍ତାନ ଏପରି ସମୟରେ ଶତ୍ରୁତା ବନ୍ଦ କରିବାକୁ ସମର୍ଥନ କରୁଛି ଯେତେବେଳେ, ଏହି ସପ୍ତାହରେ, ଏକ ହସ୍ପିଟାଲ ଉପରେ ଆକ୍ରମଣରେ ୪୦୦ ଜଣଙ୍କୁ ହତ୍ୟା କରାଯାଇଥିଲା । ଶତ୍ରୁତା ବନ୍ଦ ଘୋଷଣା ସତ୍ତ୍ୱେ, ଯୁଦ୍ଧବିରତି ଉଲ୍ଲଂଘନର ରିପୋର୍ଟ ସାମ୍ନାକୁ ଆସିଛି ।

cmyk cmyk cmyk

# ଗୋପାଳପୁର ବନ୍ଦରରେ ୫୫ତମ ରାଷ୍ଟ୍ରୀୟ ସୁରକ୍ଷା ସପ୍ତାହ



ବ୍ରହ୍ମପୁର, (ପିପିଏସ୍): 'ସୁରକ୍ଷା ଅଭିଯାନରେ ଲୋକମାନଙ୍କୁ ଯୋଡିବା ଏବଂ ସଚେତନ ସହ ସଶକ୍ତ କରିବା' ବିଷୟକୁ ନେଇ ୫୫ତମ ରାଷ୍ଟ୍ରୀୟ ସୁରକ୍ଷା ସପ୍ତାହ ଗୋପାଳପୁର ବନ୍ଦର ପରିସରରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ମାର୍ଚ୍ଚ ୫ତାରିଖରେ ଗୋପାଳପୁର ବନ୍ଦରର ବହୁ ଅଧିକାରୀ ଓ ଶତାଧିକ ଶ୍ରମିକଙ୍କୁ ନେଇ ସୁରକ୍ଷା ପତାକା ଉତ୍ତୋଳନ କରାଯାଇ ସପ୍ତାହବ୍ୟାପୀ ଆୟୋଜିତ ହେବାକୁ ଥିବା ବିଭିନ୍ନ ସୁରକ୍ଷା ସମ୍ବନ୍ଧୀୟ କାର୍ଯକ୍ରମକୁ ବିଦ୍ଧିବଦ୍ଧ ଭାବେ ଆରମ୍ଭ କରାଯାଇ ମାର୍ଚ୍ଚ ୧୧ରେ ସମାପନ କରାଯାଇଥିଲା। ସୁରକ୍ଷା ମାସ ପାଳନ ଅବସରରେ ବନ୍ଦରର କର୍ମଚାରୀମାନଙ୍କ ସହିତ ସେମାନଙ୍କ ପରିବାରର ସଦସ୍ୟମାନେ ବିଭିନ୍ନ ଆକର୍ଷଣୀୟ ଏବଂ ସୂଚନାପ୍ରଦ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ମଧ୍ୟରୁ ସୁରକ୍ଷା ସମ୍ପର୍କିତ କୁଇଜ ପ୍ରତିଯୋଗିତା, ପୋଷ୍ଟର ତିଆରି ପ୍ରତିଯୋଗିତା ଏବଂ ପଥପ୍ରାନ୍ତ ନାଟକ ଅନ୍ତର୍ଭୁକ୍ତ ଥିଲା। ଯାହାର ଲକ୍ଷ୍ୟ ଥିଲା ନିରାପଦ କାର୍ଯ୍ୟ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ସହ କର୍ମକ୍ଷେତ୍ରରେ ସୁରକ୍ଷା ପ୍ରତି ସାମୂହିକ ଦାୟିତ୍ୱକୁ ସର୍ବୋପରି ମଣିବା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ସମାପନ ଉତ୍ସବରେ ପୁରସ୍କାର ପ୍ରଦାନ କରାଯାଇଥିଲା। ସମାପନ ଉତ୍ସବରେ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମାବେଶକୁ ସମ୍ବୋଧିତ କରି କହିଥିଲେ ଯେ, ଶିଳ୍ପ କ୍ଷେତ୍ରରେ ସୁରକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ। ମୁଁ ଆଶା କରୁଛି ଗୋପାଳପୁର ବନ୍ଦର ପରିସରରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ସୁରକ୍ଷା ନିୟମାବଳୀ ଓ ସୁରକ୍ଷାମୂଳକ ପଦକ୍ଷେପଗୁଡିକୁ ଦାୟୀତ୍ୱର ସହ ପାଳନ କରିବା ସହ ସୁରକ୍ଷା ସମ୍ପର୍କିତ ପ୍ରଯୁକ୍ତି ବିଦ୍ୟାକୁ ବହୁଳ ଭାବେ ବ୍ୟବହାର କରିବା ଉଚିତ। ଗୋପାଳପୁର ବନ୍ଦର ସର୍ବଦା ସୁରକ୍ଷାକୁ ଏକ ପ୍ରମୁଖ ବିଷୟ ଭାବରେ ପ୍ରାଥମିକତା ଦେଇଆସୁଛି ଏବଂ ସମସ୍ତ କର୍ମଚାରୀମାନଙ୍କ ପାଇଁ ଏକ ନିରାପଦ କାର୍ଯ୍ୟ ପରିବେଶ ବଜାୟ ରଖିବା ଏହାର ମୂଳ ଲକ୍ଷ୍ୟ ଅଟେ ବୋଲି ଗୋପାଳପୁର ବନ୍ଦର ବିଜନେଶ ମୁଖ୍ୟ ପ୍ରଶାନ୍ତ ପାତ୍ର କହିଥିଲେ। ଏହି ଅବସରରେ ଗୋପାଳପୁର ବନ୍ଦରର ବିଭିନ୍ନ ବିଭାଗର ଅଧିକାରୀମାନେ ସୁରକ୍ଷା ସହ ଶୃଙ୍ଖଳାଗତ କାର୍ଯ୍ୟନିର୍ବାହ ଉପରେ ବିଶେଷ ଧ୍ୟାନ ଦେଇଥିଲେ। କାର୍ଯ୍ୟ କ୍ଷେତ୍ରରେ ସର୍ବୋଚ୍ଚ ସୁରକ୍ଷା ମାନଦଣ୍ଡ କିପରି ବଜାୟ ରଖିବା ଉପସ୍ଥିତ ସମସ୍ତ ଶ୍ରମିକମାନଙ୍କୁ ପୁନଃ ଅବଗତ କରାଇଥିଲେ। ଗୋପାଳପୁର ବନ୍ଦର ସୁରକ୍ଷା ବିଭାଗର ଅଧିକାରୀମାନଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରାଯାଇଥିଲା।

# ଆରଏସ୍ଏସ୍ ଶିବାଜୀ ଶାଖାର ବର୍ଷ ପ୍ରତିପଦା ଉତ୍ସବ

କଳିଙ୍ଗନଗର, (ପିପିଏସ) : ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଛତ୍ରପତି ଶିବାଜୀ ଶାଖା ତରଫରୁ ବର୍ଷ ପ୍ରତିପଦା ଉତ୍ସବ ଓ ରାଷ୍ଟ୍ରୀୟ ନବବର୍ଷ ପାଳନ ହୋଇ ଯାଇଛି। ଚୈତ୍ର ଶୁକ୍ଳ ପ୍ରତିପଦା ହିଁ ସୃଷ୍ଟି ପ୍ରାରମ୍ଭ ଦିବସ। ସୃଷ୍ଟିର ବର୍ତ୍ତମାନ ଅବଧି ଏକ ବୃନ୍ଦ ଛୟାନବେ କୋଟି ଆଠ ଲକ୍ଷ ତେପନ ହଜାର ଏକ ଶତ ଉଣେଇଶ ବର୍ଷ ପୂର୍ତ୍ତି ହୋଇ କୋଡିଏ ବର୍ଷ ହେବ। ଆଧୁନିକ ବୈଜ୍ଞାନିକଗଣ ମଧ୍ୟ ଏହାକୁ ସ୍ୱୀକାର କରନ୍ତି। ଏଥିପାଇଁ ଭାରତର ସଂସ୍କୃତି ବିଶ୍ୱବରଣୀୟ ବୋଲି ମୁଖ୍ୟବକ୍ତା ଭାବେ ଯୋଗଦେଇ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓଡିଶା ପ୍ରଦେଶର ସାଧାରଣ ସମ୍ପାଦକ ଡଃ ସନ୍ତୋଷ କୁମାର ମହାପାତ୍ର ଏହା କହିଛନ୍ତି। ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବରୁ ହିନ୍ଦୁ ସମାଜ ନିଜ ଦେଶ, ଇତିହାସ ଓ ସଂସ୍କୃତି ବିଷୟରେ କିଛି ଜାଣିବାର ଆଗ୍ରହ ରଖୁନାହିଁ ବୋଲି ଶ୍ରୀ ମହାପାତ୍ର ଉଦବେଗ ପ୍ରକାଶ କରିଥିଲେ। ପ୍ରଫେସର ଶିବ ଚରଣ ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତୀୟ ପରମ୍ପରାର ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂଘ ପ୍ରତିଷ୍ଠାତା ଡା କେଶବ ବଳୀରାମ ହେଡଗେୱାରଙ୍କୁ ଆଦ୍ୟ ସରସଂଘ ଚାଳକ ପ୍ରଣାମ ଦିଆଯାଇ ଥିଲା। ବୀରକିଶୋର ସାହୁ ଅତିଥି ପରିଚୟ, ଶୁଭକାନ୍ତ ବେହେରା ଅମୃତ ବଚନ ଓ ବିପ୍ଳବ ସ୍ୱାଇଁ ବ୍ୟକ୍ତିଗତ ଗୀତ ଗାନ କରିଥିଲେ।

ବରିଷ୍ଠ କାର୍ଯ୍ୟକର୍ତ୍ତା ଦିଲ୍ଲିପ କୁମାର ଜେନା, ଜ୍ଞାନରଞ୍ଜନ ରାଉତ, ବିଜୟ କୁମାର ପଣ୍ଡା, ପ୍ରିୟଙ୍କର ପରିଡା, ସୁଧାଂଶୁ ମଲ୍ଲ, ଅମିତ ମହାନ୍ତି, ସୁଶୀଲ ଧର, ତପନ ସାହୁ, ତ୍ରିଲୋଚନ ପ୍ରଧାନ, ପ୍ରଫୁଲ୍ଲ ନାୟକ, ପରିକ୍ଷିତ ଜେନା, ହେମନ୍ତ ସାହୁ, ସବ୍ରତ ସାମଲ, ଆଶିଷ ମଲ୍ଲ, ପ୍ରମୋଦ ରାଉତ, ବିଭୁତି ସାହୁ, ଶୁଭାଶିଷ ସାହୁ ଓ ପବିତ୍ର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ କରିଥିଲେ। ଆଡଭୋକେଟ୍ ଚନ୍ଦ୍ରଶେଖର ପଣ୍ଡା, ରଜତ ରାଉତ, ସୁବାଷ ନନ୍ଦ, ଅନନ୍ତ କର, ମହାମାୟା ପ୍ରତାପ ସ୍ୱାଇଁ, ଦାମୋଦର ପରିଡା, ସଞ୍ଜିବ ନାୟକ, ସୁବ୍ରତ ବେହେରା, ସୁଶୀଲ ମଲ୍ଲିକ, ନରେଶ ମସକରା, ସତ୍ୟବ୍ରତ ମହାପାତ୍ର, ଅଧ୍ୟାପକଙ୍କ ଜାତୀୟ ଅଲେଖ ସାମଲ, ବିବେକାନନ୍ଦ ଜେନା, ବସନ୍ତ ପାତ୍ର, ଇଂ ଦିଗନ୍ତ ରାଉତ, ଚନ୍ଦ୍ରମଣି ସାମଲ, ମାନବ ଅଭିନବ ରାଉତ, ଦାମୋଦର ପଣ୍ଡା, ଅଶୋକ ପତି, ହେମନ୍ତ ଧୀର, ଡଃ ଦୁଷ୍ମନ୍ତ ନାୟକ, ସୌରମୟ ଦାଶ, ଦେବପ୍ରଶନ୍ନ ମହାନ୍ତି, ଡଃ ଅକ୍ଷୟ କୁମାର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଅଶୋକ ବୋଷ, ଦିଲ୍ଲିପ ଓଝା, ନିର୍ମଳ ରାଉତ, ମଧୁସୂଦନ ମହାପାତ୍ର , ସୁଶାନ୍ତ ଜେନା, ବନମାଳୀ ଦାସ ପ୍ରମୁଖ ଶତାଧିକ ସ୍ୱୟଂସେବକ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# ନିମାପଡ଼ା ପ୍ରେସ୍ କ୍ଲବ୍ ପକ୍ଷରୁ ପଖାଳ ଦିବସ



ଚାରିଛକ, (ପିପିଏସ): ନିମାପଡ଼ା ପ୍ରେସ କ୍ଲବ୍ ଓ ସ୍ୱେଚ୍ଛାସେବୀ ସଂଗଠନ ସେଲ୍ଫ ଏମ୍ପାୱାରମେଣ୍ଟ ଗ୍ରୁପ୍ ର ମିଳିତ ସହଯୋଗରେ ସ୍ଥାନୀୟ ସାଇଲୋଟସ ମଣ୍ଡପ ଠାରେ ଆଜି ପଖାଳ ଦିବସ ପାଳିତ ହୋଇଯାଇଛି। ଆମର ଆରାଧ୍ୟ ଦେବତା ପ୍ରଭୁ ଜଗନ୍ନାଥଙ୍କର ପ୍ରିୟ ଖାଦ୍ୟ ହେଉଛି ପଖାଳ। ଶ୍ରୀ ଜଗନ୍ନାଥଙ୍କ ବଡ଼ସିଂହାରରେ ଦହି ପଖାଳ ଭୋଗ ଲାଗି କରାଯାଇ ଥାଏ। ଏହି ସୁସ୍ୱାଦୁ ପଖାଳ ପାଇଁ ଓଡ଼ିଆ ଜାତି ଗର୍ବିତ। ନିମାପଡା ପ୍ରେସ୍ କ୍ଲବ୍ ଦ୍ୱାରା ଆୟୋଜିତ ପଖାଳ ଦିବସରେ ଦହି ପଖାଳ ସାଙ୍ଗକୁ ପାରମ୍ପରିକ ଓଡ଼ିଆ ଘରର ଖାଦ୍ୟ ବଡି ଚୁରା, ଆଳୁ ଚଟଣି, ଶାଗ ଭଜା, ବାଇଗଣ ପୋଡା, ଶୁଖୁଆ ଚଟଣି, ସଜନା ଛୁଇଁ ଭଜା, ଇତ୍ୟାଦି ଗାଁ ଗହଳିର ଖାଦ୍ୟସବୁ ପ୍ରସ୍ତୁତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡଃ .ଦିଲ୍ଲୀପ କୁମାର ପଟ୍ଟନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନିମାପଡ଼ା ତହସିଲଦାର ମନୋଜ କୁମାର ପ୍ରଧାନ, ଶିକ୍ଷାବିତ ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର ଓ ବସନ୍ତ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରାକ୍ତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଏନ୍ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ, ନିମାପଡ଼ା ଏସଡିପିଓ ଜନାର୍ଦ୍ଦନ ପାଢ଼ୀ, ଥାନା ଆଇସିସି ସମରେନ୍ଦ୍ର ପାଇକରାୟ, ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଶକ୍ତି ପ୍ରସାଦ ଦାଶଙ୍କ ସମେତ ବହୁ ପଦସ୍ଥ ଅଧିକାରୀ ଓ ବୁଦ୍ଧିଜୀବୀ, ପ୍ରେସ କ୍ଲବର ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସମ୍ପାଦକ ରମାକାନ୍ତ ବେହେରା, ସାମ୍ବାଦିକ ପ୍ରଫୁଲ୍ଲ କର, ଶରତ ସେନାପତି,ମାନସ ଦାସ, ପ୍ରଦ୍ୟୁମ୍ନ ବେହେରା, ସଞ୍ଜୟ ପତି, ବିଶ୍ୱଜିତ ମିଶ୍ର, ସନ୍ତୋଷ ବରାଳ ଓ ମୋହନ ପାତ୍ର ପ୍ରମୁଖ ଯୋଗଦେଇ ପଖାଳ ଖାଇଥିଲେ। ୱାଟକୋର ଧର୍ମେନ୍ଦ୍ର ପଟ୍ଟନାୟକ, ଫାର୍ମାସିଷ୍ଟ ଆଇ. ତ୍ରିନାଥ ପାତ୍ର, ପ୍ରମୁଖ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ପଖାଳର ମଜା ନେବା ସହ ବିଶ୍ୱ ଦରବାରରେ ଓଡ଼ିଆ ଖାଦ୍ୟ ପଖାଳ ଆଗାମୀ ଦିନରେ ଅଧିକରୁ ଅଧିକ ଆଦୃତ ହେବ ବୋଲି ମତପ୍ରକାଶ କରିଥିଲେ। ପ୍ରେସ୍ କ୍ଲବ୍ ସଭାପତି ଅକ୍ଷୟ କୁମାର ବେହେରା ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ରାୟ ରାମାନନ୍ଦ ସ୍ମୃତି ପରିଷଦର ସଭାପତି ଶ୍ରୀଜଗନ୍ନାଥ ପ୍ରତିଷ୍ଠାନର ଭାରତ ସଭାପତି ତଥା ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଡ଼ଃ. ଦିଲ୍ଲୀପ କୁମାର ପଟ୍ଟନାୟକଙ୍କୁ ପ୍ରେସ କ୍ଲବ୍ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା।

# ଲୁଚାଛପାରେ ବିଶ୍ୱ ପଖାଳ ଦିବସକୁ ପାଳନ କଲା ଜିଲ୍ଲା ପର୍ଯ୍ୟଟନ ବିଭାଗ

ନୟାଗଡ, (ପିପିଏସ୍): ଆଜି ବିଶ୍ୱ ପଖାଳ ଦ୍ୱିସ ବଡ ଧୁମ୍ଧାମରେ ଜିଲ୍ଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ପାଳନ କରାଯାଇଚି ବୋଲି ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରି ସତ୍ୟଭାମା ବେହେରା ଦାବି କରୁଥିବା ବେଳେ ଲୁଚା ଛପାରେ ପଖାଳ



ଦିବସ ପାଳନ ହୋଇଛି ବୋଲି ସାଧାରଣ ରେ ଚର୍ଚ୍ଚା କିଛି ହାତଗଣତି ଲୋକ ଓ ସାମ୍ବାଦିକଙ୍କୁ ଡାକି କାମ ଚଳେଇ ଦେଇଛି ପର୍ଯ୍ୟଟନ ବିଭାଗ ଆଜିର ଏହି ପଖାଳ ଦିବସକୁ ସର୍ବଦଳୀୟ କରିତକର୍ମା ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇ. ଦେବାଶିଷ ପଟ୍ଟନାୟକ ଓ ଜିଲ୍ଲାପାଳ ମଧୁମିତା ରଥ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ, ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ବିଜୟାନନ୍ଦ ନାୟକ, ଜିଲ୍ଲା ଉନ୍ନୟନ ଅଧିକାରୀ ଲଗ୍ନାଜିତ ରାଉତ, ଉପ ଜିଲ୍ଲାପାଳ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା ବନଖଣ୍ଡ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା ସୁଚନା ଓ ଲୋକ ସଂପର୍କ ଅଧିକାରୀ, ଜିଲ୍ଲା କ୍ରୀଡା ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ପରିବହନ ଅଧିକାରୀ, ଜିଲ୍ଲାର ସମସ୍ତ ଡେପୁଟୀ କଲେକ୍ଟର, ସହ କଲେକ୍ଟର ସହିତ ଜିଲ୍ଲାର ଅନେକ ଅଧିକାରୀ ଯୋଗଦେଇ ଥିଲେ ଏବଂ ଜାତୀୟ ପୁରସ୍କାର ପ୍ରାପ୍ତ ଚଳଚିତ୍ର ଅଭିନେତା ତଥା ସମାଜ ବିଜ୍ଞାନୀ ଡଃ ରୁଷି ପଟ୍ଟନାୟକ ମଧ ଉପସ୍ଥିତ ରହିଥିଲେ।

# ବାଲ୍ୟବିବାହ ଓ ଶିଶୁ ନିର୍ଯାତନା ସମ୍ପର୍କିତ କର୍ମଶାଳା



ଅସ୍ତରଙ୍ଗ, (ପିପିଏସ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନିକଟସ୍ଥ ଜାଗୁଲାଇ ପଡିଆରେ ବାଲ୍ୟବିବାହ ଏବଂ ଶିଶୁ ନିର୍ଯାତନା ନିରୋଧ ଆଇନ ସମ୍ପର୍କିତ ଏକ ସଚେତନତା ମୂଳକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଓଡିଶା ମହିଳା କମିଶନ ସଦସ୍ୟା ଶ୍ରୀ ମତୀ ଉର୍ମିଳା ମହାପାତ୍ର, ମୁଖ୍ୟ ବକ୍ତା ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଆରତୀ ନାଏକ, ସଂମ୍ମାନିତ ଅତିଥି ଅସ୍ତରଙ୍ଗ ସିଡିପିଓ ଲୋଚନା ସେଠୀ, ଜିଲ୍ଲା ପୋଗ୍ରାମ ଅଧିକାରିଣୀ ସୁହାଗି ହେମ୍ବ୍ରମ, ସୁପରଭାଇଜର ଲକ୍ଷ୍ମୀପ୍ରିୟା ନାୟକ ସମେତ ଅନ୍ୟ ଅତିଥି ମାନେ ଉପସ୍ଥିତ ଥିଲେ। ଅତିଥିମାନେ କର୍ମଶାଳା ଆଭିମୁଖ୍ୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବାଲ୍ୟ ବିବାହ ଏବଂ ଶିଶୁ ନିର୍ଯାତନା ପରିଣାମ ବିଷୟରେ ବ୍ୟାପକ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ମତୀ ମହାପାତ୍ର ନିଜ ବକ୍ତବ୍ୟ ରେ କହିଥିଲେ ଆଜିର ସମାଜରେ ନାରୀମାନେ କିପରି ସଂମ୍ମାନ ସହିତ କିପରି ସୁରକ୍ଷିତ ଭାବେ ପରିବାରରେ ରହିବା ଦରକାର ମତବ୍ୟକ୍ତ କରିଥିଲେ। ବାଲ୍ୟ ବିବାହ ଶିଶୁ ମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ଓ ଭବିଷ୍ୟତକୁ ଗଭୀର ପ୍ରଭାବିତ କରେ। ଏହା ସହିତ ଶିଶୁ ନିର୍ଯାତନା ଏକ ଗୁରୁତର ଅପରାଧ ଓ ଏହା ପାଇଁ କଡା ଆଇନିଗତ ବ୍ୟବସ୍ଥା ରହିଛି ବୋଲି କହିଥିଲେ। ଶିଶୁମାନଙ୍କ ସୁରକ୍ଷା, ଅଧିକାର ଓ ଆଇନିଗତ ସହାୟତା ବିଷୟରେ ସମସ୍ତ ସରପଞ୍ଚ, ଆଇସିଡ଼ିଏସ ସୁପରଭାଇଜର ଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ସନ୍ତୋଷ କୁମାର ସାହୁ ମହିଳା ସୁରକ୍ଷିତ ଆଇନି ବିଷୟରେ ତାଲିମ୍ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ସ୍ଥାନୀୟ ଅଂଚଳର ଲୋକ ପ୍ରତିନିଧି, ଆଶା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନେ ଉପସ୍ଥିତ ଥିଲେ।

# ଡାକ ଟିକେଟ୍ ସଂଗ୍ରହ ଛାତ୍ର ମେଧାବୃତ୍ତି-୨୦୨୫ ସମ୍ବର୍ଦ୍ଧନା ସମାରୋହ



ବ୍ରହ୍ମପୁର, (ପିପିଏସ୍): କେନ୍ଦ୍ର ସଞ୍ଚାର ମନ୍ତ୍ରଣାଳୟ ଦ୍ୱାରା ପ୍ରଚଳିତ ତଥା ବ୍ରହ୍ମପୁର ଡାକ ମଣ୍ଡଳ ଆନୁକୂଲ୍ୟରେ ଡାକ ମଣ୍ଡଳ ଅଧିକ୍ଷକ ବସନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଡାକ ଟିକେଟ୍ ସଂଗ୍ରହ ମେଧାବୃତ୍ତି ସମ୍ବର୍ଦ୍ଧନା ସମାରୋହ ସ୍ଥାନୀୟ ମୁଖ୍ୟ ଡାକ ମଣ୍ଡଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଗତ ସେପ୍ଟେମ୍ବର ମାସରେ ବ୍ରହ୍ମପୁର ଡାକ ମଣ୍ଡଳ ଅଧିନରେ ୭୮୦ଜଣ ବିଦ୍ୟାର୍ଥୀ ପ୍ରଥମ ପର୍ଯ୍ୟାୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ । ତା'ମଧ୍ୟରୁ ୨୩ଜଣ ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନୀତ ହୋଇ ଶେଷରେ ଚୂଡାନ୍ତ ପର୍ଯ୍ୟାୟରେ କେବଳ ୪ଜଣ ଛାତ୍ରଛାତ୍ରୀ ଦିନଦୟାଲ ଡାକ ଟିକେଟ୍ ଛାତ୍ର ମେଧାବୃତ୍ତି ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ବିବେଚିତ ହୋଇଥିବା ବିଦ୍ୟାର୍ଥୀମାନେ ହେଲେ ଡିଏଭି ପବ୍ଲିକ୍ ସ୍କୁଲର ସ୍ମୃତି ସୁବୁଦ୍ଧି, ଗୋଳନ୍ଥରା ବାଣିଶ୍ରୀ ବିଦ୍ୟା ମନ୍ଦିରର ପ୍ରୀତମ ବେହେରା, ହୁମ୍ମା ଶତ୍ରୁସୋଲ ଆଦର୍ଶ ବିଦ୍ୟାଳୟର ଅମ୍ଳାନ ପ୍ରିୟଦର୍ଶୀ ଜେନା ଓ କେ.ସି ପବ୍ଲିକ୍ ସ୍କୁଲର ଦେବସ୍ମିତା ଚୌଧୁରୀ । ଉକ୍ତ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଭି.କୀର୍ତ୍ତିଭାସନ, ବ୍ରହ୍ମପୁର ଆଞ୍ଚଳିକ ଅଧିକାରୀ କର୍ଣ୍ଣଲ ବିନୋଦ କୁମାରଙ୍କ ସମେତ ନିଗମ କମିଶନର ଏ.ସସ୍ୟା ରେଡ୍ଡି, ଉପଜିଲ୍ଲାପାଳ ଅବିନାଶ କୁମାର ଉପସ୍ଥିତରହି ସମସ୍ତ କୃତି ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରିବା ସହ ଅଭିନନ୍ଦନ ଜଣାଇଥିଲେ । ଡାକ ମଣ୍ଡଳର ଅନ୍ୟ ଅଧିକାରୀମାନେ ଉପସ୍ଥିତରହି ଡାକ ବିଭାଗର ପ୍ରଚଳିତ ଅତ୍ୟାଧୁନିକ ସେବା, ନାଗରିକ କେନ୍ଦ୍ରୀକ ସେବା ଯଥା ଆଧାରସେବା, ପାସ୍‌ପୋର୍ଟ ସେବା କିପରି ଯୋଗାଇ ଦିଆଯାଉଛି ସେନେଇ ଅତିଥିଙ୍କୁ ଅବଗତ କରାଇଥିଲେ । କାର୍ଯ୍ୟକ୍ରମକୁ ଡାକ ମଣ୍ଡଳର ଜନସମ୍ପର୍କ ଅଧିକାରୀ ରବିନ୍ଦ୍ରନାଥ ଦାସ ସଂଯୋଜନା କରିଥିବା ବେଳେ ବ୍ୟବସାୟୀକ ସମ୍ପ୍ରସାରଣ ଅଧିକାରୀ ପ୍ରତାପ ଚନ୍ଦ୍ର ସ୍ୱାଇଁ ପରିଚାଳନା କରିଥିଲେ। ସୁଜିତ୍ କୁମାର ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମାତୃ ଓ ଶିଶୁମୃତ୍ୟୁ ସମୀକ୍ଷା ବୈଠକ



ବ୍ରହ୍ମପୁର, (ପିପିଏସ୍) : ମାତୃ ମୃତ୍ୟୁ ସମୀକ୍ଷା (ଏମ୍ଡିଆର) ଏବଂ ଶିଶୁ ମୃତ୍ୟୁ ସମୀକ୍ଷା (ସିଡିଆର) ବୈଠକ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆଇଇସି ହଲରେ ହୋଇଯାଇଛି। ଜିଲ୍ଲାପାଳ ଭି. କୀର୍ତି ଭାସନ୍, ବିଏମ୍ ?ସି କମିଶନର ଏ.ଶଶ୍ୟା ରେଡ୍ଡୀ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ସେମାନଙ୍କ ଉପସ୍ଥିତି ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ ଫଳାଫଳରେ ଉନ୍ନତି ଆଣିବା ପାଇଁ ଜିଲ୍ଲା ପ୍ରଶାସନର ଦୃଢ଼ ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଥିଲା । ସମୀକ୍ଷା ବୈଠକରେ ଅତିରିକ୍ତ ନିର୍ଦ୍ଦେଶକ ଡା. ମୁରଲୀଧର ପାଢ଼ୀ ସମେତ ବରିଷ୍ଠ ରାଜ୍ୟ ଅଧିକାରୀମାନେ ମାତୃ ଓ ଶିଶୁ ମୃତ୍ୟୁ ହାର ଶୂନ କରିବା ଦିଗରେ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ ପାଇଁ ପରାମର୍ଶ ଦେଇଥିଲେ। ଏହି ବୈଠକର ସିଡିଏମ୍ଓ ଡା. ଭବାନୀ ଶଙ୍କର ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ଏଡିପିଏଚ୍ଓ (ଏଫ୍ଡବ୍ଲୁ) ଡା. କାମେଶ୍ୱର ରାଓ, ଏଡିପିଏଚ୍ଓ (ଭିବିଡି) ଡା. ଦେବାଶିଷ ପଟ୍ଟନାୟକ ଏବଂ ଡିପିଏମ୍ ବୁଲୁ ନାଥ ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ମାତୃ ଏବଂ ଶିଶୁ ମୃତ୍ୟୁ ମାମଲାଗୁଡ଼ିକର ବିସ୍ତୃତ ସମୀକ୍ଷା କରାଯାଇଥିଲା। ଯେଉଁଥିରେ ସେବା ପ୍ରଦାନରେ ଥିବା ତ୍ରୁଟି, ଯନ୍ତ୍ରରେ ବିଳମ୍ବ ଏବଂ କମ୍ୟୁନିଟି ସ୍ତରୀୟ ଚ୍ୟାଲେଞ୍ଜଗୁଡ଼ିକୁ ଚିହ୍ନଟ କରିବା ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା। ପ୍ରସବ ପୂର୍ବ ଯତ୍ନକୁ ସୁଦୃଢ଼ କରିବା, ସମୟୋଚିତ ରେଫରାଲ ସେବା ସୁନିଶ୍ଚିତ କରିବା, ସଂସ୍ଥାଗତ ପ୍ରସବ ହାରରେ ଉନ୍ନତି ଆଣିବା ଏବଂ ପ୍ରସବ ପରବର୍ତ୍ତୀ ଯତ୍ନ ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଭିଏଚ୍ଏନ୍ଡି ଅଧିବେଶନର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ, ଗୋଷ୍ଠୀ ସଚେତନତା, ଉଚ୍ଚ ବିପଦପୂର୍ଣ୍ଣ ମାମଲାଗୁଡ଼ିକର ତୁରନ୍ତ ଅନୁସରଣ, ସ୍ୱାସ୍ଥ୍ୟକର୍ମୀ ଏବଂ ଅଂଶୀଦାରମାନଙ୍କ ମଧ୍ୟରେ ସମନ୍ୱିତ ପ୍ରୟାସର ଗୁରୁତ୍ୱ ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା। ତଥ୍ୟ ସମ୍ବଳିତ ପଦକ୍ଷେପ, ମଜବୁତ ମନିଟରିଂ ଏବଂ ଗୋଷ୍ଠୀସମୂହ ଅଂଶଗ୍ରହଣ ମାଧ୍ୟମରେ ଗଞ୍ଜାମରେ ମାତୃ ଏବଂ ଶିଶୁ ମୃତ୍ୟୁହାର ହ୍ରାସ କରିବା ପାଇଁ ଅଧିକାରୀମାନେ ସେମାନଙ୍କର ପ୍ରତିବଦ୍ଧତାକୁ ପ୍ରକାଶ କରିଥିଲେ।

# ନିୟମିତ ଭତ୍ତା ପାଇବାରୁ ବଞ୍ଚିତ ହୋଇ ଧାରଣା ଦେଲେ ଦମ୍ପତି



ଚାରିଛକ, (ପିପିଏସ): ନିମାପଡ଼ା ବ୍ଲକ ଅନ୍ତର୍ଗତ ତେରୁଣ୍ଡିଆ ପଞ୍ଚାୟତସ୍ଥିତ ତେରୁଣ୍ଡିଆ ଦଳିତ ସାହିର ବୃଦ୍ଧା ମହିଳା ନିୟମିତ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇ ଆଜି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପତି ଓ ପତ୍ନୀ ଦୁହେଁ ଧାରଣା ଦେଇଛନ୍ତି । ପ୍ରକାଶ ଯେ, ତେରୁଣ୍ଡିଆ ଦଳିତ ସାହିର ମଞ୍ଜୁଲତା ଭୋଇ ଦୀର୍ଘ ୨୨ ମାସ ହେବ ନିୟମିତ ଭାବେ ଭତ୍ତା ପାଇବାରୁ ବଞ୍ଚିତ ହୋଇ ଦୈନିକ ବ୍ଲକ କାର୍ଯ୍ୟାଳୟର ସାମାଜିକ ସୁରକ୍ଷା ବିଭାଗର ଅଧିକାରୀ ଓ ବିଡ଼ିଓଙ୍କ ନିକଟରେ ଗୁହାରି କରି ନିରାଶ ହେବାରୁ ଆଜି ପୂର୍ବାହ୍ନରୁ ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଆଜି ସଂପୃକ୍ତ ବିଭାଗର ଅଧିକାରୀ ଅନୁପସ୍ଥିତ ଥିବାରୁ କର୍ମଚାରୀଙ୍କୁ ଏ ସମ୍ପର୍କରେ ପଚାରିବାରେ କୁହନ୍ତି ଯେ , ଦୁଇମାସର ଭତ୍ତା ତାଙ୍କ ବ୍ୟାଙ୍କ ଖାତାକୁ ଯାଇଛି ଅଧିକାରୀ ଆସିଲେ ଅବଶିଷ୍ଟ ବକେୟା ଭତ୍ତା ତାଙ୍କୁ ପ୍ରଦାନ କରାଯିବ।

# ଚୌଦ୍ୱାର ଜେଲରେ ଚଢ଼ଉ, ମୋବାଇଲ ଜବତ

ଚୌଦ୍ୱାର,(ପିପିଏସ୍): ଚୌଦ୍ୱାର ସର୍କଲ ଜେଲରେ ପୋଲିସ୍ ତରଫରୁ ଗୁରୁବାର ଦିନ ଏକ ବଡ଼ଧରଣର ଚଢ଼ଉ କରାଯାଇଥିବା ଜଣାପଡ଼ିଛି ।ରାଉରକେଲା ପୋଲିସ୍‌ର ଏକ ସ୍ୱତନ୍ତ୍ର ଟିମ୍ ଏବଂ ଚୌଦ୍ୱାର ପୋଲିସ୍‌ର ମିଳିତ ଚଢ଼ଉ ବେଳେ ଜେଲ ପରିସରରୁ ମୋବାଇଲ ଫୋନ୍, ଟଙ୍କା, ମାଦକଦ୍ରବ୍ୟ ଓ ଗୋଟିଏ ଡାଏରୀ ଜବତ ହୋଇଥିବା ଏକ ଅସମର୍ଥିତ ସୂତ୍ରରୁ ସୂଚନା ମିଳିଛି। ଜେଲ ଭିତରୁ ଜନୈକ ପ୍ରତିଷ୍ଠିତ ବ୍ୟବସାୟୀଙ୍କୁ ଫୋନ୍ ମାଧ୍ୟମରେ ଦାଦାବଟି ମାଗିବା ଅଭିଯୋଗକୁ ନେଇ ଏହି ଚଢ଼ଉ କରାଯାଇଥିବା କୁହା ଯାଉଛି। ଏସମ୍ପର୍କରେ ଜେଲ କର୍ତ୍ତୃପକ୍ଷ ଓ ଚୌଦ୍ୱାର ଥାନାକୁ ଯୋଗାଯୋଗ କରାଯାଇଥିଲେହେଁ ସେମାନଙ୍କ ନିକଟରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ଜେଲ ଭିତରରେ ବିଭିନ୍ନ ସମୟରେ ଚଢ଼ଉ ବେଳେ ଏଭଳି ନିଷିଦ୍ଧ ସାମଗ୍ରୀ ସବୁ ଜବତ ହେଉଥିବାବେଳେ ଏଥିରେ ସମ୍ପୃକ୍ତଥିବା ଜେଲର କର୍ମଚାରୀ ଓ ବ୍ୟକ୍ତିମାନଙ୍କ ବିରୋଧରେ କାହିଁକି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ତାହା ନେଇ ସାଧାରଣରେ ପ୍ରଶ୍ନ ଉଠୁଛି।

# ୟୁସିପି ଇଞ୍ଜିନିୟରିଂ ସ୍କୁଲରେ ବାୟୋଟେକ୍ନୋଲୋଜି ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ବ୍ରହ୍ମପୁର, (ପିପିଏସ୍): ୟୁସିପି ଇଞ୍ଜିନିୟରିଂ ସ୍କୁଲର ବାୟୋଟେକ୍ନୋଲୋଜି ବିଭାଗ ଦ୍ୱାରା ମାର୍ଚ୍ଚ ୧୬ରୁ ୨୦ତାରିଖ ପର୍ଯ୍ୟନ୍ତ "ଡିକୋଡ୍ ଦ ସାଇନ୍ସ ଅଫ୍ ଲାଇଫ– ସେଲ୍, ବ୍ଲଡ୍ ଗ୍ରୁପ୍ ଓ ଡିଏନ୍ଏ ଅନୁସନ୍ଧାନ" ଶୀର୍ଷକରେ ୫ ଦିନିଆ ହ୍ୟାଣ୍ଡସ୍-ଅନ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମଟି ପ୍ରିନ୍ସିପାଲଙ୍କ ନିର୍ଦ୍ଦେଶନାୟ ଏବଂ ବାୟୋଟେକ୍ନୋଲୋଜି ବିଭାଗର ମୁଖ୍ୟଙ୍କ ସମନ୍ୱୟରେ ଆୟୋଜିତ ହୋଇଥିଲା । ଛାତ୍ରଛାତ୍ରୀମାନେ ମାଇକ୍ରୋସ୍କୋପି, ବ୍ଲଡ୍ ଗ୍ରୁପିଙ୍ଗ, ମାଇକ୍ରୋବାୟୋଲୋଜି ଟେକ୍ନିକ୍ସ ଓ ଡିଏନ୍ଏ ଏକ୍ସଟ୍ରାକ୍ସନ୍ ସମ୍ପର୍କିତ ପ୍ରାୟୋଗିକ ଜ୍ଞାନ ଅର୍ଜନ କରିଥିଲେ। କାର୍ଯ୍ୟକ୍ରମର ଶେଷରେ ପ୍ରମାଣପତ୍ର ବିତରଣ କରାଯାଇଥିଲା ଏବଂ ପ୍ରିନ୍ସିପାଲଙ୍କ ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। ଅଂଶଗ୍ରହଣକାରୀମାନେ ଏହାକୁ ଉପଯୋଗୀ ଓ ଜ୍ଞାନବର୍ଦ୍ଧକ ବୋଲି ମତ ପ୍ରକାଶ କରିଥିଲେ।

# ଧୂଷୁରୀ ଏନଏସିରେ ବିଜେପି ପକ୍ଷରୁ ବନ୍ଧୁମିଳନ



ଧୂଷୁରୀ (ପିଏନଏସ): ଓଡ଼ିଶାର ଅସ୍ମିତା ଓ ପରମ୍ପରାର ପ୍ରତୀକ 'ବିଶ୍ୱ ପଖାଳ ଦିବସ' ଅବସରରେ ଧୂଷୁରୀ ବିଜ୍ଞାପିତ ଅଞ୍ଚଳ ପରିଷଦ ବିଜେପି ପକ୍ଷରୁ ଏକ ଭବ୍ୟ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଧୂଷୁରୀ ଏନ୍.ଏ.ସି. ଅନ୍ତର୍ଗତ ୧ ନମ୍ବର ୱାର୍ଡ ଖୋପସାହିଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳୀୟ କର୍ମକର୍ତ୍ତା ଓ ସ୍ଥାନୀୟ ଜନସାଧାରଣ ଏକତ୍ରିତ ହୋଇ ଓଡ଼ିଶାର ଏହି ପାରମ୍ପରିକ ଖାଦ୍ୟର ମଜା ନେବା ସହ ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟ ବୃଦ୍ଧି କରିଛନ୍ତି।

ମନୋରଞ୍ଜନ ମଣ୍ଡଳଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଅନୁଷ୍ଠିତ ଏହି ଉତ୍ସବରେ ମାନ୍ୟବର ସାଂସଦଙ୍କ ପ୍ରତିନିଧି ମନୋଜ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଉପସଭାପତି ତଥା ଧୂଷୁରୀ ବିଜ୍ଞାପିତ ଅଞ୍ଚଳର ବରିଷ୍ଠ ନେତା ଚତୁର୍ଭୁଜ ନାୟକ, ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଏବଂ ଧୂଷୁରୀ ମଣ୍ଡଳ ବିଜେପି ଯୁବ ମୋର୍ଚ୍ଚା ସଭାପତି ହରିହର ସାହୁ ଉପସ୍ଥିତ ରହି ଓଡ଼ିଆ ସଂସ୍କୃତିରେ ପଖାଳର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ବିଦ୍ୟାଧର ରାଉତ, କାନ୍ହୁ ଚରଣ ପଣ୍ଡା, ରଞ୍ଜନ ମହାନ୍ତି, ହେମନ୍ତ ସୁତାର, ହରିହର ବେହେରା, ରାଜକିଶୋର ନାୟକ, ଫଣୀ ଭୂଷଣ ମଲ୍ଲିକ, ରବୀନ୍ଦ୍ର କୁମାର ବେହୁରିଆ, ଦେବାନନ୍ଦ ହୋତା, ଅଜୟ ବଳ, ପ୍ରଦୀପ ମାଝୀ, ବାଦଲ ବିଶ୍ୱାଳ ଓ ହିମାଦ୍ରୀ ନନ୍ଦନ ଦାସଙ୍କ ସମେତ ବହୁ ଦଳୀୟ କର୍ମୀ ସାମିଲ ହୋଇଥିଲେ। ପାରମ୍ପରିକ ରୀତିରେ ପ୍ରସ୍ତୁତ ପଖାଳ ସହିତ ବିଭିନ୍ନ ପ୍ରକାର ଓଡ଼ିଆ ବ୍ୟଞ୍ଜନର ଆସାଦନ କରିବା ସହ ଆଗାମୀ ଦିନରେ ଅଞ୍ଚଳର ବିକାଶ ଓ ସାଂଗଠନିକ ସ୍ଥିତି ସୁଦୃଢ଼ କରିବା ନେଇ ଏହି ଅବସରରେ ଆଲୋଚନା କରାଯାଇଥିଲା। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଅଞ୍ଚଳରେ ଏକ ଭାଇଚାରାର ବାତାବରଣ ସୃଷ୍ଟି କରିପାରିଛି।

# କଟକରେ ହିନ୍ଦୁ ନବବର୍ଷର ଭବ୍ୟ ଶୋଭାଯାତ୍ରା



କଟକ : ହିନ୍ଦୁ ନବବର୍ଷ ମହୋତ୍ସବ ସମିତି ଦ୍ୱାରା ଆୟୋଜିତ ଏକ ଭବ୍ୟ ଶୋଭାଯାତ୍ରା ଚୈତ୍ରଶୁକ୍ଳ ପ୍ରତିପଦ (ହିନ୍ଦୁ ନବବର୍ଷ) ଦିନଟିକୁ ପାଳନ ପୂର୍ବକ କଟକ ପିଠାପୁର ରାଧାକୃଷ୍ଣ ମନ୍ଦିର ନିକଟରୁ ସମିତିର ଅଧ୍ୟକ୍ଷ ବିଶ୍ୱଜିତ ସୂର୍ଯ୍ୟବଂଶୀଙ୍କ ନେତୃତ୍ୱରେ ବାହାରିଥିଲା ଓ ଉକ୍ତ ଶୋଭାଯାତ୍ରା ରେ କଟକର ବିଭିନ ହିନ୍ଦୁ ସମ୍ପ୍ରଦାୟର ମୁଖିଆ ତଥା କୀର୍ତ୍ତନ ଦଳ ସହିତ ପୁରାତନ ଅଖାଡା, ଲଉଡ଼ି ଖେଳ ଇତ୍ୟାଦି ପରିବେଷଣ କରି ଦୋଳମୁଣ୍ଡାଇ, ସାମନ୍ତସହି, ମାଳିସାହି, ରାଣୀହାଟ ଛକ, ମଙ୍ଗଳାବାଗ ଦେଇ ନୂଆପାଟଣା ସହିଦ ପାର୍କ ଠାରେ ପହଁଚିଥିଲା ଓ ଏହି ଶୋଭାଯାତ୍ରା ରେ କଟକର ହିନ୍ଦୁ ପ୍ରେମୀ ଜନସାଧାରଣ ଓ ଭାଗବତ ପ୍ରଚାର ସମିତି, ଗାୟତ୍ରୀ ସମାଜ, ମାରୱାଡ଼ି ଓ ଜୈନ ସମାଜ, ତେଲୁଗୁ ସମାଜ, ଓ ଚାରିବର୍ଣ୍ଣ ର ଓଡ଼ିଆ ସମାଜ, ବିଶ୍ୱହିନ୍ଦୁ ପରିଷଦ, ହିନ୍ଦୁସେନା ସହିତ କଟକର ବିଭିନ୍ନ ସାମାଜିକ ସଙ୍ଗଠନ ଓ ବିଶିଷ୍ଟ ବ୍ୟକ୍ତି ଓ ବୁଦ୍ଧିଜୀବୀ ମାନେ ଯୋଗ ଦେଇଥିଲେ।

ସନ୍ଧ୍ୟା ୬.୩୦ ମିନିଟ ସମୟରେ ସହିଦ ପାର୍କ ନିକଟ ପଡିଆରେ ଏକ ସାଂସ୍କୃତିକ ସଭା ହିନ୍ଦୁମହୋତ୍ସବ ସମିତିର ଆଭାହକ ଭାଗବତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ଓ ଏହି ସଭାରେ ଶ୍ରୀମଦ୍ ବାଇଆ ବାବା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ। ସର୍ବ ପ୍ରଥମେ ଅଧ୍ୟକ୍ଷ ବିଶ୍ୱଜିତ୍ ସୂର୍ଯ୍ୟବଂଶୀ ସଭାପତି କିଶୋର ମହାନ୍ତି ଓ ସଭ୍ୟ ମାନେ ଏସସିବି ହାସ୍ପାତାଳରେ ଘଟିଥିବା ଆଇସିଇଉ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ରୋଗୀମାନଙ୍କ ପାଇଁ ଦୀପ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ସହିଦ ପାର୍କରେ ଥିବା ସହିଦ ମାନଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ପରେ ଦେଶଭକ୍ତି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସମିତିର ଉପଦେଷ୍ଟାମାନେ ଓ ଉପାଧ୍ୟକ୍ଷ କିଷାନଲାଲ ମୋଦି, କାର୍ଯ୍ୟକାରୀ ସଭାପତି ଦେବାଶିଷ ରାଉତ, ମାଛୁଆ ବଜାର ପଞ୍ଚାୟତ କମିଟି ସଭାପତି କ୍ଷିରୋଦ କୁମାର ସାହୁ ଓ ସମ୍ପାଦକ ବାପୁ କାହାଳୀ, ପ୍ରସାଦ ନାଇଡୁ, ସୁଶାନ୍ତ ଦାଶ, ତେଲଗୁ ସମାଜର ଜି. ଏସ୍. ରାଓ, ବୈଶ୍ୟ ସମାଜର ବିଦ୍ୟୁଲତା ସାହୁ, ବିଶ୍ୱହିନ୍ଦୁ ପରିଷଦ, ଗାୟତ୍ରୀ ପରିବାର, ବଜରଙ୍ଗ ଦଳ, ହିନ୍ଦୁ ସେନା, ଯୋଗ ଶିକ୍ଷା ଆଶ୍ରମ, ପାତାଞ୍ଜଳୀ ସମିତି, ଆଖଡା ଗୁରୁ, କ୍ଷତ୍ରିୟ ମହାସଭା, ବିଶ୍ୱକର୍ମା ସମିତି, ମହାବୀର ସେବା ସଂଘ, ବିଭିନ୍ନ ସାମାଜିକ ଅନୁଷ୍ଠାନ ତଥା ମୁନିସିପାଲଟି ଚତୁର୍ଥ ଶ୍ରେଣୀ କର୍ମଚାରୀ ମହାସଂଘ ସହିତ ବିଭିନ ଜାତି ଓ ବର୍ଗ ସମ୍ପ୍ରଦାୟର ବ୍ୟକ୍ତି ଓ କଟକର ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ସଭାକୁ ସମିତିର ସମ୍ପାଦକ ପରୀକ୍ଷିତ ମହାରଣା କୋଷାଧକ୍ଷ ରଶ୍ମିରଂଜନ ନାୟକ କର୍ମକର୍ତା ମନୋଜ ନାୟକ, ମାନସ ପଣ୍ଡା, ନିତାଇ ନନ୍ଦ, ବାବୁ ସିଂ, ତିର୍ଥବାସୀ ବେହେରା, ସୁଜିତ ଦାଶ, ମହେଶ ରାୟ ପ୍ରମୁଖ ପରିଚାଳନା କରିଥିଲେ, ଶେଷରେ କ୍ଷିରୋଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ।



# ଇଂଲଣ୍ଡ ଗସ୍ତ ପୂର୍ବରୁ ଆୟର୍ଲାଣ୍ଡରେ ଟି-୨୦ ସିରିଜ୍ ଖେଳିବ ଭାରତ




ନୂଆଦିଲ୍ଲୀ, (ପିପିଏସ୍) : ବିଶ୍ୱ ଚାମ୍ପିୟନ ଭାରତ, ଇଂଲଣ୍ଡରେ ଧଳା ବଲ ସିରିଜ୍ ଖେଳିବା ପୂର୍ବରୁ ଆସନ୍ତା ଜୁନରେ ଆୟର୍ଲାଣ୍ଡ ବିପକ୍ଷରେ ଏକ ଟି୨୦ ସିରିଜ୍ ଖେଳିବ। ଆୟର୍ଲାଣ୍ଡର ଡାଇରେକ୍ଟର ଅଫ୍ ହାଇ ପରଫର୍ମାନ୍ସ ଗ୍ରାହାମ ୱେଷ୍ଟ ଏହା ସ୍ପଷ୍ଟ କରିଛନ୍ତି। ଏଥିସହିତ ପଲ ଷ୍ଟର୍ଲିଙ୍ଗ ଆୟର୍ଲାଣ୍ଡ ଟି୨୦ ଦଳର ଅଧିନାୟକ ପଦରୁ ଓହରି ଯାଇଥିବା ସେ ଘୋଷଣା କରିଛନ୍ତି। ଆଗାମୀ ଆଇପିଏଲ୍ ଶେଷ ହେବା ପରେ ଭାରତୀୟ ଦଳ ଆଫଗାନିସ୍ତାନ ବିପକ୍ଷରେ ଏକମାତ୍ର ଟେଷ୍ଟ ଓ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳିବ। ଏହି ସିରିଜ ଜୁନ୍ ୨୦ ତାରିଖରେ ଶେଷ ହେବ। ଏହାପରେ ଭାରତ ୫ ଟି୨୦ ଓ ୩ ଦିନିକିଆ ମ୍ୟାଚ୍ ଖେଳିବା ଲାଗି ଇଂଲଣ୍ଡ ଟୁର କରିବ। ଏହି ଟୁରରେ ଆୟର୍ଲାଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ମଧ୍ୟ ସାମିଲ ରହିଛି।

ଭାରତ ଗତ ୭ ବର୍ଷ ମଧ୍ୟରେ ୩ ଥର ପାଇଁ ୨୦୧୩, ୨୦୨୨ ଓ ୨୦୧୮ରେ ଆୟର୍ଲାଣ୍ଡ ଟୁର କରିବାକୁ ଯାଉଛି। ୨୦୨୮ରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ଲାଗି ଯୋଗ୍ୟତା ଉପରେ ଧ୍ୟାନ ଦିଆଯାଉଥିବା ବେଳେ ଷ୍ଟର୍ଲିଂ ଟି୨୦ ଅଧିନାୟକ ପଦରୁ ଓହରି ଯାଇଛନ୍ତି। ଏଥିଯୋଗୁ ଦଳକୁ ନୂଆ ଅଧିନାୟକ ଓ ନୂଆ ଷ୍ଟ୍ରାଟେଜୀ ଦରକାର। ନିକଟରେ ଶେଷ ହୋଇଥିବା ଟି୨୦ ବିଶ୍ୱକପ୍‌ରେ ଆୟର୍ଲାଣ୍ଡ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଲାଗି ଷ୍ଟର୍ଲିଂ ଦଳର ନେତୃତ୍ୱ ଛାଡ଼ିଛନ୍ତି। ହେଲେ ସେ ଦିନିକିଆ ଫର୍ମାଟରେ ଦଳର ନେତୃତ୍ୱ ନେବା ଜାରି ରଖିବେ।

# ତୃତୀୟ ଟ୍ୱେଣ୍ଟି-୨୦ : ଦକ୍ଷିଣ ଆଫ୍ରିକାକୁ ୮ ୱିକେଟ୍‌ରେ ହରାଇଲା ନ୍ୟୁଜିଲାଣ୍ଡ




ଅକ୍‌ଲାଣ୍ଡ : ଇଡେନ ପାର୍କଠାରେ ଶୁକ୍ରବାର ଖେଳାଯାଇଥିବା ତୃତୀୟ ଟ୍ୱେଣ୍ଟି-୨୦ରେ ଦକ୍ଷିଣ ଆଫ୍ରିକାକୁ ୮ ୱିକେଟ୍‌ରେ ପରାସ୍ତ କରିଛି ନ୍ୟୁଜିଲାଣ୍ଡ। ଏହା ସହିତ ଏହି ପାଞ୍ଚ ମ୍ୟାଚ୍ ଶୃଙ୍ଖଳାରେ ୨-୧ରେ ଆଗୁଆ ହୋଇଯାଇଛି ଘରୋଇ ଦଳ।
ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ନିଜର ଆଗଧାଡ଼ି ବ୍ୟାଟରଙ୍କ ଚରମ ବିଫଳତା ଯୋଗୁଁ ୨୦ ଓଭରରେ ୯ ୱିକେଟ୍ ହରାଇ ୧୩୬ ରନ୍ କରିଥିଲା। ନିଜର ବରିଷ୍ଠ ବ୍ୟାଟରମାନଙ୍କୁ ବିଶ୍ରାମ ଦେଇ କିଛି ନବାଗତ ଓ ଅନଭିଜ୍ଞ ବ୍ୟାଟରଙ୍କ ସହ ପଡ଼ିଆକୁ ଓହ୍ଲାଇଥିବା ଦକ୍ଷିଣ ଆଫ୍ରିକା ନ୍ୟୁଜିଲାଣ୍ଡର ଅଭିଜ୍ଞ ପେସ୍ ଆକ୍ରମଣ ଆଗରେ ତିଷ୍ଠି ପାରିନଥିଲା। ନିଜ କ୍ୟାରିୟରର ୩ୟ ଟ୍ୱେଣ୍ଟି-୨୦ ଖେଳୁଥିବା ଏନକୋବାନି ମୋକୋଏନା ସର୍ବାଧିକ ୨୬ ରନ୍ କରିଥିବାବେଳେ ଜର୍ଜ ଲିଣ୍ଡେ ୨୩ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ବେନ୍ ସିଅର୍ସ, କାଇଲ୍ ଜେମିସନ୍ ଓ ମିଚେଲ୍ ସାଣ୍ଟନର ୨ଟି ଲେଖାଏଁ ୱିକେଟ୍ ନେଇଥିଲେ।

୧୩୭ ରନ୍‌ର ଲକ୍ଷ୍ୟକୁ ନ୍ୟୁଜିଲାଣ୍ଡ ଟମ୍ ଲିଥାମ୍‌ଙ୍କ ଅର୍ଦ୍ଧଶତକ (୫୫ ବଲ୍‌ରୁ ୬୩ ରନ୍) ବଳରେ ୧୬.୨ ଓଭରରେ ୨ ୱିକେଟ୍ ହରାଇ ହାସଲ କରିନେଇଥିଲା। ଲିଥାମ୍ ନିଜର ସାଥୀ ଓପନର ଡେଭନ୍ କନୱେ (୨୬ ବଲ୍‌ରୁ ୩୯ ରନ୍)ଙ୍କ ମିଶି ପ୍ରଥମ ୱିକେଟ୍ ଯୋଡ଼ିରେ ୯୬ ରନ୍ କରିବା ସହ ଦଳୀୟ ବିଜୟ ପାଇଁ ପଥ ପ୍ରଶସ୍ତ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଲୁଥୋ ସିମ୍ପାଲା ଓ କେଶବ ମହାରାଜ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

# ୯୦୦ ଗୋଲ୍ ପାର୍ କରି ଏଲିଟ୍ ଗ୍ରୁପ୍‌ରେ ମେସି



ପୋର୍ଟଲାଉରଡେଲ: ଆର୍ଜେଣ୍ଟିନା ଫୁଟବଲ ତାରକା ଲିଓନେଲ ମେସି ବିଶ୍ୱର ଦ୍ୱିତୀୟ ପୁରୁଷ ଖେଳାଳି ଭାବେ ୯୦୦ ଗୋଲ୍ ମାଇଲଖୁଣ୍ଟ ଛୁଇଁଛନ୍ତି। କନ୍‌କାକାଫ୍ ଚମ୍ପିଆନ୍ସ କପ୍ ରାଉଣ୍ଡ-୧୬ରେ ମେସି ଏହି ସଫଳତା ପାଇଥିଲେ। ନାସଭିଲେ ଏସ୍ ବିପକ୍ଷ ଏହି ଦ୍ୱିତୀୟ ଲେଗ୍ ମ୍ୟାଚ୍‌ର ସପ୍ତମ ମିନିଟ୍‌ରେ ମିଆମିରୁ ଖେଳୁଥିବା ମେସି ଗୋଲ୍ ଦେଇଥିଲେ। ହେଲେ ତାଙ୍କର ଏହି ଗୋଲ୍ ମିଆମିକୁ ଆଗକୁ ନେବାରେ ଯଥେଷ୍ଟ ହୋଇ ନଥିଲା। ନାସ୍‌ଭିଲେ ଶେଷ ସମୟରେ ଗୋଲ୍ ଦେଇ ମ୍ୟାଚ୍ ଅମୀମାଂସିତ ରଖିବା ସହ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଥିଲା।

ପୂର୍ବରୁ ଏହି ୯୦୦ ଗୋଲ୍ ତାଲିକାରେ କେବଳ ପର୍ତ୍ତୁଗାଲର ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍‌ଡୋ ରହିଛନ୍ତି। ୪୧ ବର୍ଷୀୟ ରୋନାଲଡୋ ଏପର୍ଯ୍ୟନ୍ତ ୯୬୫ ଟି ଗୋଲ ଦେଇଛନ୍ତି। ମେଜର ଲିଗ୍ ସକ୍କରରେ ୨୦୨୩ରୁ ମିଆମି ପକ୍ଷରୁ ଖେଳୁଥିବା ମେସି ୮୧ ଗୋଲ୍ ଦେଇ ସାରିଛନ୍ତି। ମେସି ୨୦୦୫ରେ ବାର୍ସିଲୋନା ପକ୍ଷରୁ ପ୍ରଥମ ଗୋଲ୍ ଦେଇଥିଲେ। ୨୧ ବର୍ଷ ପରେ ମେସି ୯୦୦ ଗୋଲ୍‌ର ମାଇଲ୍‌ଖୁଣ୍ଟ ଛୁଇଁଛନ୍ତି। ମେସିଙ୍କ ଏହି ୯୦୦ ଗୋଲ୍‌ରେ ରହିଛି ବାର୍ସିଲୋନା ପକ୍ଷରୁ ୬୭୨, ପାରିସ୍ ସେଣ୍ଟ-ଜର୍ମାନ ପକ୍ଷରୁ ୩୨, ଇଣ୍ଟର ମିଆମି ପକ୍ଷରୁ ୮୧ ଓ ଆର୍ଜେଣ୍ଟିନା ପକ୍ଷରୁ ୧୧୫ ଗୋଲ। ମେସିଙ୍କ ଅଧିନାୟକତ୍ୱରେ ଆର୍ଜେଣ୍ଟିନା ୨୦୨୨ରେ ଫିଫା ଫୁଟବଲ ବିଶ୍ୱକପ ଜିତିଥିଲା। ୨୦୨୬ ଫିଫା ଫୁଟବଲ ବିଶ୍ୱକପରେ ମେସିଙ୍କ ଯାଦୁ ପୁଣି ଥରେ ଦେଖିବା ନେଇ ଫୁଟବଲପ୍ରେମୀ ଆଶା ରଖିଛନ୍ତି।

# ଆଇପିଏଲ୍ ପାଇଁ ଶ୍ରୀଲଙ୍କା ବୋଲର ମଥିସା ପଥିରାଣା ଫିଟ୍

କୋଲକାତା: ଆଇପିଏଲ ଆରମ୍ଭ ହେବାକୁ ଆଉ ଏକ ସପ୍ତାହ ଥିବାବେଳେ ବିଭିନ୍ନ ଦଳର ଆହତ ସମସ୍ୟା ଦେଖାଦେଇଛି। ବିଶେଷ କରି କୋଲକାତା ନାଇଟ୍‌ରାଇଡର୍ସ ଏହା ଦ୍ୱାରା ବିଶେଷଭାବେ ପ୍ରଭାବିତ ହୋଇଛି। କାରଣ ବାଂଲାଦେଶୀ ବୋଲର ମୁସ୍ତାଫିଜୁର ରେହମାନ ବାଦ୍ ପଡିବା ପରେ ହର୍ଷିତ ରାଣା ବି ଆହତ ଅଛନ୍ତି। ତେବେ ଦଳ ପାଇଁ ଏକ ଶୁଭ ସଂକେତ ହେଉଛି ଯେ ଶ୍ରୀଲଙ୍କା ବୋଲର ମଥିସା ପଥିରାଣା ଫିଟ୍ ହୋଇଯାଇଛନ୍ତି ଓ ଆଇପିଏଲ୍ ଖେଳିବାକୁ ଶ୍ରୀଲଙ୍କା ବୋର୍ଡ ତାଙ୍କୁ ଏନଓସି ପ୍ରଦାନ କରିଛି।

ମଥିସାଙ୍କ ଆହତ ସମସ୍ୟାର ଉପସମ ହୋଇଛି : ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡର ସଚିବ ବାନ୍ଦୁଲା ଦିଶାନାୟକେ କହିଛନ୍ତି ଯେ ମଥିସାଙ୍କ ଆହତ ସମସ୍ୟାର ଉପସମ ହୋଇଛି ଓ ସେ ଖେଳିବାକୁ ସଂପୂର୍ଣ୍ଣ ଫିଟ୍ ହୋଇଯାଇଛନ୍ତି। କେକେଆରକୁ ସେ ଫେରିବା ପରେ ଜିମ୍ବାୱେ ବୋଲର ବ୍ଲେସିଂ ମୁଜରବାନିଙ୍କ ସହ ଦଳର ପେସ୍ ଆକ୍ରମଣର ନେତୃତ୍ୱ ନେବେ। ଅନ୍ୟପକ୍ଷରେ ୨୦୨୬ ଋତୁ ପାଇଁ ସନରାଇଜର୍ସ ହାଇଦ୍ରାବାଦ ପକ୍ଷରୁ କିଣାଯାଇଥିବା ଅଷ୍ଟ୍ରେଲୀୟ ଅଲ୍‌ରାଉଣ୍ଡର ଜ୍ୟାକ୍ ଏଡୱାର୍ଡସ୍ ଆହତ ଜନିତ କାରଣରୁ ଆଇପିଏଲ୍‌ରୁ ବାଦ୍ ପଡ଼ିଛନ୍ତି।




# ଫିଫା ପ୍ରତିଯୋଗିତାରେ ମହିଳା ପ୍ରଶିକ୍ଷକ ରହିବା ବାଧ୍ୟତାମୂଳକ



ନ୍ୟୁୟର୍କ : ବିଶ୍ୱ ଫୁଟ୍‌ବଲ୍‌ର ସର୍ବୋଚ୍ଚ ସଂସ୍ଥା ଫିଫା ଏକ ନୂଆ ନିୟମ ଲାଗୁ କରିଛି। ଏଣିକି ମହିଳା ପ୍ରତିଯୋଗିତା ଖେଳୁଥିବା ଦଳଗୁଡ଼ିକରେ ଅତିକମରେ ଜଣେ ମୁଖ୍ୟ କିମ୍ବା ସହକାରୀ ମହିଳା ପ୍ରଶିକ୍ଷକ ରହିବେ। ଗୁରୁବାର ଫିଫା ପରିଷଦ ପକ୍ଷରୁ ଏହି ନୂଆ ନିୟମକୁ ମଂଜୁରୀ ଦିଆଯାଇଛି। ଏହା ଚଳିତ ବର୍ଷର ୧୭ ବର୍ଷରୁ କମ, ୨୦ ବର୍ଷରୁ କମ ମହିଳା ବିଶ୍ୱକପ୍‌ରେ ଲାଗୁ ହେବ। ସେହିପରି ଆସନ୍ତା ବର୍ଷ ବ୍ରାଜିଲ୍‌ରେ ହେବାକୁ ଥିବା ମହିଳା ବିଶ୍ୱକପ୍‌ରେ ବି ଏହି ନିୟମ ଲାଗୁ ହେବ।

ଅନ୍ତର୍ଜାତୀୟ ମହିଳା ଫୁଟବଲରେ ଯଥେଷ୍ଟ ମହିଳା ପ୍ରଶିକ୍ଷକ ନାହାନ୍ତି : ଫିଫାର ମୁଖ୍ୟ ଫୁଟବଲ୍ ଅଧିକାରୀ ଜିଲ୍ ଏଲିସ୍ କହିଛନ୍ତି ଯେ ଅନ୍ତର୍ଜାତୀୟ ମହିଳା ଫୁଟବଲରେ ଏବେ ଯଥେଷ୍ଟ ସଂଖ୍ୟକ ମହିଳା ପ୍ରଶିକ୍ଷକ ନାହାନ୍ତି। ଆମକୁ ମହିଳା ପ୍ରଶିକ୍ଷକଙ୍କ ଲାଗି ସୁଯୋଗକୁ ବଢାଇବାକୁ ପଡ଼ିବ। ୨୦୨୩ ମହିଳା ବିଶ୍ୱକପ୍‌ରେ ଯୋଗ ଦେଇଥିବା ୩୨ଟି ଦଳ ମଧ୍ୟରୁ ମାତ୍ର ୧୦ଟିରେ ମହିଳା ପ୍ରଶିକ୍ଷକ ଥିଲେ। ଏହାକୁ ଦୃଷ୍ଟିରେ ରଖି ଫିଫା ଏହି ନିୟମ ଆଣିଛି। ୟୁରୋପୀୟ ମହିଳା ଫୁଟବଲ୍ ପରି ଅନ୍ତର୍ଜାତୀୟ ମହିଳା ଫୁଟବଲକୁ ଅଧିକ ବିକଶିତ କରିବାକୁ ଫିଫା ଉଦ୍ୟମ କରୁଛି। ୟୁରୋପୀୟ ଚାମ୍ପିଅନସିପର ୧୬ ମଧ୍ୟରୁ ୭ଟିରେ ମହିଳା ମୁଖ୍ୟ ପ୍ରଶିକ୍ଷକ ଥିବାବେଳେ ଅନ୍ୟ ଦଳଗୁଡ଼ିକରେ ସହକାରୀ ପ୍ରଶିକ୍ଷକମାନେ ମହିଳା ଅଛନ୍ତି।

ସପ୍ତାହର ଶେଷରେ ସାପ୍ତାହିକୀ ହାତରେ
ପ୍ରଜାତନ୍ତ୍ର ସାପ୍ତାହିକୀ
୨୨-୨୮ ମାର୍ଚ୍ଚ - ୨୦୨୬
ବିଶ୍ୱକପ୍ ହିରୋ ସଞ୍ଜୁସାମସନ୍




**ଜାତୀୟ:** ଯୁଦ୍ଧ ଭିତରେ ରୁଷିଆକୁ ସାହାଯ୍ୟ
**ଅନ୍ତର୍ଜାତୀୟ:** ଦୋହଲିଗଲା ଖାର୍ଗ ଦ୍ୱୀପ !
**ବିଶେଷ ପ୍ରସଙ୍ଗ:** ଇରାନରେ ଯୁଦ୍ଧର କରାଳ ରୂପ
**କ୍ଷୁଦ୍ରଗଳ୍ପ :** ଚରିତ୍ରର ମାନିଚିତ୍ର
**ନାରୀ :** ମହିଳାମାନେ ପୁଣ୍ ଅସ୍ତ୍ର କରିବା
**ଚଳଚ୍ଚିତ୍ର :** ହଂସିକାଙ୍କ ଛାଡ଼ପତ୍ର
**ଖେଳ:** ବଢ଼ିଲା ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଡୁଆ
**ମୀନାବଜାର :** ପରିବର୍ତ୍ତନ, ଚର୍ଚ୍ଚାରେ : ମୋଜେକଙ୍କ ପ୍ରତିରକ୍ଷା ଶୈଳୀ, ସ୍ୱାସ୍ଥ୍ୟ : ଡାଏଟ୍‌ରେ ସୁଧାରିପାରିବେ ଚେହେରା, ନିଉଜ ମେକର : ଅଜବ ସହର, ଦିଲ୍ଲୀ ଡାଏରୀ : ଜେଲ୍‌ରୁ ବାହାରିବେ, ଜାଣିବା କଥା : କେଉଁ ରାଜ୍ୟରେ କେତୋଟି, ବାସ୍ତୁ: ଘର ପାଇଁ ଉପଯୁକ୍ତ ଜମି କେଉଁଟି ? ସାମ୍ପ୍ରତିକି: ଏମିତି ଗାଁ ଯେଉଁଠି ମୁହଁରୁ ବାହାରିଲେ, କବିତା : ମଉଳି ଗଲାଣି ଜହ୍ନ , ଜାଣନ୍ତି କି ? : ଭାରତର ପ୍ରଥମ ଆଇଏସ୍ ଭଳି ଆହୁରି ଅନେକ।
ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ

# ବୈଭବ ସୂର୍ଯ୍ୟବଂଶୀ ନୁହେଁ, ଆଇପିଏଲ୍-୨୦୨୬ରେ ଧମାଲ କରିବେ ଅଭିଷେକ ଶର୍ମା

## ଭବିଷ୍ୟବାଣୀ କଲେ ଆକାଶ ଚୋପ୍ରା



ନୂଆଦିଲ୍ଲୀ : ୨୦୨୬ ଇଣ୍ଡିଆନ ପ୍ରିମିୟର ଲିଗ ପାଇଁ କାଉଣ୍ଟଡାଉନ ଚାଲିଛି। ଲିଗର ୧୯ତମ ସିଜିନ ୨୮ ମାର୍ଚ୍ଚରେ ଆରମ୍ଭ ହେବାକୁ ଯାଉଛି। ଉଦ୍‌ଘାଟନୀ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ଭେଟିବ। ଏହି ମୁକାବିଲା ଚିନ୍ନାସ୍ୱାମୀ ଷ୍ଟାଡିୟମରେ ହେବ। ଏହି ମ୍ୟାଚ ପୂର୍ବରୁ ପୂର୍ବତନ ଭାରତୀୟ କ୍ରିକେଟର ଆକାଶ ଚୋପ୍ରା ଏକ ଆଶ୍ଚର୍ଯ୍ୟଜନକ ଭବିଷ୍ୟବାଣୀ କରିଛନ୍ତି। ୨୦୨୬ ଆଇପିଏଲରେ ଚମତ୍କାର ପ୍ରଦର୍ଶନ କରିବା ପାଇଁ ଆକାଶ ଚୋପ୍ରା ସନରାଇଜର୍ସ ହାଇଦ୍ରାବାଦ ଓପନର ଅଭିଷେକ ଶର୍ମାଙ୍କୁ ସମର୍ଥନ କରିଛନ୍ତି। ବର୍ତ୍ତମାନ ଟି୨୦ ଅନ୍ତର୍ଜାତୀୟ ରାଙ୍କିଂରେ ନମ୍ବର ୱାନ ସ୍ଥାନରେ ଥିବା ଅଭିଷେକ ଶର୍ମା ଏପର୍ଯ୍ୟନ୍ତ ଆଠଟି ସିଜିନ ଖେଳିଛନ୍ତି କିନ୍ତୁ ଏପର୍ଯ୍ୟନ୍ତ ୫୦୦ ରନ ଅତିକ୍ରମ କରିନାହାଁନ୍ତି। ୨୦୨୪ ଆଇପିଏଲରେ ହାଇଦ୍ରାବାଦକୁ ଫାଇନାଲ ପର୍ଯ୍ୟନ୍ତ ନେଇଯିବାରେ ଅଭିଷେକ ଶର୍ମା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ; ସେ ୩୨.୨୭ ହାରାହାରି ଏବଂ ୨୦୪.୨୨ ଷ୍ଟ୍ରାଇକ ରେଟ ସହିତ ୪୮୪ ରନ କରିଥିଲେ।

୨୦୨୬ ଆଇପିଏଲ ପାଇଁ, ଆକାଶ ଚୋପ୍ରା ଅଭିଷେକ ଶର୍ମାଙ୍କ ଉପରେ ବାଜି ଲଗାଇଛନ୍ତି। ଯାହା ତାଙ୍କୁ ପ୍ରଭସିମରନ ସିଂହ, ପ୍ରିୟାଂଶ ଆର୍ଯ୍ୟ, ଆୟୁଷ ମହାତ୍ରେ, ବୈଭବ ସୂର୍ଯ୍ୟବଂଶୀ, ଅଭିଷେକ ପୋରେଲ, ନେହଲ ୱାଧେରା ଏବଂ ତିଲକ ବର୍ମାଙ୍କ ଭଳି ଖେଳାଳିଙ୍କୁ ପଛରେ ପକାଇବ ବୋଲି ପରାମର୍ଶ ଦେଇଛି। ଷ୍ଟାର ସ୍ପୋର୍ଟସରେ କଥାବାର୍ତ୍ତା କରି ଆକାଶ ଚୋପ୍ରା କହିଛନ୍ତି, 'ତାଙ୍କର ପ୍ରଦର୍ଶନ ଏପର୍ଯ୍ୟନ୍ତ ପ୍ରକୃତରେ ଚମତ୍କାର ହୋଇନାହିଁ- ଯାହା ଦ୍ୱାରା ଆମେ ପ୍ରକୃତରେ 'ଚମତ୍କାର ପ୍ରଦର୍ଶନ' ବୋଲି କହୁଛୁ। ଏହା ତାଙ୍କର ବ୍ରେକଆଉଟ ସିଜିନ ହେବା ଉଚିତ।'

୨୦୨୬ ଟି୨୦ ବିଶ୍ୱକପରେ ଏକ ଦୁର୍ବଳ ପ୍ରଦର୍ଶନ ପରେ ଅଭିଷେକ ଶର୍ମା ଏକ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲେ। ସେ ପ୍ରଥମ ତିନୋଟି ମ୍ୟାଚରେ ନିଜର ଖାତା ଖୋଲିପାରି ନଥିଲେ; ତଥାପି, ସେ ପରବର୍ତ୍ତୀ ସମୟରେ ଏକ ଶକ୍ତିଶାଳୀ ପୁନରୁତ୍ଥାନ କରିଥିଲେ। ସେ ଫାଇନାଲରେ ଅର୍ଦ୍ଧଶତକ ହାସଲ କରିଥିଲେ ଏବଂ ଭାରତର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଆକାଶ ଚୋପ୍ରା ବିଶ୍ୱାସ କରନ୍ତି ଯେ ୨୦୨୬ ଆଇପିଏଲରେ, ଯେଉଁ ଯୁବ ଖେଳାଳିମାନେ ପୂର୍ବରୁ ଅନ୍ତର୍ଜାତୀୟ କ୍ରିକେଟରେ ଅଭିଜ୍ଞତା ହାସଲ କରିଛନ୍ତି ସେମାନଙ୍କୁ ଆଗକୁ ବଢ଼ି ଉନ୍ନତ ପ୍ରଦର୍ଶନ ପ୍ରଦାନ କରିବାକୁ ପଡିବ। ଆକାଶ ଚୋପ୍ରା କହିଛନ୍ତି, 'ଅଭିଷେକ ଶର୍ମା ଏବଂ ତିଲକ ବର୍ମାଙ୍କ ପରି ଅଭିଜ୍ଞ ଭାରତୀୟ ଖେଳାଳି ମଧ୍ୟ ଅଛନ୍ତି।



ଧ୍ରୁବ ଜୁରେଲଙ୍କ ପରି ନାମ ମଧ୍ୟ ଅଛି, ତେଣୁ ଆପଣ ସେମାନଙ୍କଠାରୁ ବହୁତ ଅଧିକ ଆଶା କରନ୍ତି। ଆପଣ ସେମାନଙ୍କଠାରୁ ସ୍ଥିର ଭଲ ପ୍ରଦର୍ଶନ ଆଶା କରନ୍ତି। ଆପଣ ମଧ୍ୟ ଆଶା କରନ୍ତି ଯେ ସେମାନେ ଦ୍ରୁତ ଗତିରେ ରନ କରିବେ, କାରଣ ସେମାନେ ଅଭିଜ୍ଞ ଭାରତୀୟ ଖେଳାଳି। ପ୍ରକୃତରେ, ସେହି ତାଲିକାରେ ବିଶ୍ୱ ଚାମ୍ପିଅନ ମଧ୍ୟ ଅନ୍ତର୍ଭୁକ୍ତ। ତେଣୁ, ସେମାନଙ୍କ ପ୍ରତି ଆପଣଙ୍କର ଆଶା ଏବଂ ଚାହିଦା ଟିକିଏ ଭିନ୍ନ।

# ଗଞ୍ଜାମ ଜିଲ୍ଲା ମହିଳା ଓ ପୁରୁଷ ବକ୍ସିଂ ଚୟନ



ବ୍ରହ୍ମପୁର(ପିପିଏସ୍): ଜିଡିଏଏ ଆନୁକୁଲ୍ୟରେ ଗତ ୧୯ତାରିଖ ଠାରୁ ମହାତ୍ମାଗାନ୍ଧୀ ଷ୍ଟାଡିୟମ୍ ବକ୍ସିଂ ଏରିନାରେ ଆରମ୍ଭ ହୋଇଥିବା ଗଞ୍ଜାମ ଜିଲ୍ଲା ବକ୍ସିଂ ଦଳ ଶୁକ୍ରବାର ଗଠିତ ହୋଇଛି । ୧୭ବର୍ଷରୁ କମ୍ ବାଳକ ଓ ବାଳିକା ଏବଂ ୧୯ ବର୍ଷକରୁ କମ୍ ମହିଳା ଓ ପୁରୁଷ ଦଳ ଚୟନରେ ବିଭିନ୍ନ ବିଭାଗର ମହିଳା ୨୦ଟି ଏବଂ ପୁରୁଷ ୬୨ଟି ମୋଟ ୮୨ଜଣ ଭାଗ ନେଇଥିଲେ। ସେଥିମଧ୍ୟରୁ ୧୨ଜଣ ମହିଳା ଓ ୨୩ଜଣ ବାଳକ ମୋଟ ୩୫ ଜଣ ବକ୍ସରଙ୍କୁ ଚୟନ କରାଯାଇଛି। ଆନ୍ତର୍ଜାତୀୟ ବକ୍ସିଂ ରେଫରୀ/ଜଜ୍ ତଥା ସ୍ଥାନୀୟ ପ୍ରଶିକ୍ଷକ ଶିଶିର କୁମାର ପାଣିଗ୍ରାହୀ, ଗଞ୍ଜାମ ଜିଲ୍ଲା ବକ୍ସିଂ ସମ୍ପାଦକ କେ.ପ୍ରଭାକର ରାଓ ଓ ରାଜ୍ୟ ବକ୍ସିଂ ରେଫରୀ ଜଜ୍ ତଥା କୋଚ୍ ଶିବରାମ ପାତ୍ରଙ୍କ ତତ୍ତ୍ୱାବଧାନରେ ଅବସର ପ୍ରାପ୍ତ ଡିଏସ୍‌ଓ ଅକ୍ଷୟ ପଟ୍ଟନାୟକ, ମହତ୍ମା ଗାନ୍ଧୀ ଷ୍ଟାଡିୟମ୍ ଇନ୍‌ଚାର୍ଜ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଷ୍ଟାଡିୟମ୍ ହଷ୍ଟେଲ ଇନଚାର୍ଜ ସଞ୍ଜୀବ କୁମାର ସାହୁ, ବାସ୍କେଟ ବଲ୍ କୋଚ୍ କାଜଲ ସାହୁ, ଭାରୋତ୍ତୋଳନ କୋଚ୍ ସୀତା ଜେନା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବକ୍ସିଂ ରେଫରୀ ତଥା ଜଜ୍ ବୁଲୁ ପାତ୍ର, ବାବୁ ରାଉତ, ସୁମନ ଦାସ, ଅବିନାଶ ନାୟକ, ସୁନା ଗୌଡ଼, ଅଜିତ୍ ମୁଖୀ, ବିପିନ ଗୌଡ଼, ସଞ୍ଜୟ ସେଠୀ, ଏସ୍.ସାଇ ପ୍ରତାପ, ପ୍ରବୀଣ ସେଠୀ, ସଂଗ୍ରାମ ସାମଲ, ଶ୍ୟାମା ମୁଖୀ, ଏସ୍.ସାଇ କିରନ୍ ତଥା ଗଞ୍ଜାମ ଜିଲ୍ଲାର ବହୁ ସିନିୟର ବକ୍ସର ଏବଂ ଷ୍ଟାଡିୟମ୍‌ର ସମସ୍ତ କର୍ମକର୍ତ୍ତା ଏଥିରେ ରହି ଶିବିରକୁ ସହଯୋଗ କରିଥିଲେ ବୋଲି କେ.ପ୍ରଭାକର ରାଓ ସୂଚନା ଦେଇଛନ୍ତି ।

ସଂପାଦକ : ଭର୍ତ୍ତୃହରି ମହତାବ ❐ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❐ Regional Office- BBSR, Ph- 2393583